ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୧୭/୨୦୨୩ (୧୪ ପୃଷ୍ଠା) Bhubaneswar, Monday, July 17/2023 Page 14 ₹ 7.00 | BERHAMPUR
୪୯ଶ ଭାଗ ୨୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 232 ମୂଲ୍ୟ₹୭/-



## ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଲେ କାଜଲ

ଅଭିନେତ୍ରୀ କାଜଲଙ୍କ ୱେବ୍ ସିରିଜ 'ଦ ଟ୍ରାଏଲ'ରେ ସେ ୨ ଥର ଲିପଲକ୍ କରି ତାଙ୍କ ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଥିବା ଜଣାପଡ଼ିଛି।

୧୧

୧୨

## ଆଭା ଖଟୁଆଙ୍କୁ ରୌପ୍ୟ ପଦକ

ଭାରତର ଆଭା ଖଟୁଆ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ଶଟ୍‌ପୁଟରେ ରୌପ୍ୟ ପଦକ ହାସଲ କରିଛନ୍ତି।



# ୨୧ ଯାଏ ବର୍ଷା

- ଆଜି ୮ ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷିବା ସମ୍ଭାବନା

ଭୁବନେଶ୍ୱର,୧୬।୭ (ଅନୁରାଧା ମହାରଣା)

ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର ବୌଦ୍ଧ ଜିଲାରେ ସର୍ବାଧିକ ୫୪.୦ ମିମି ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୨.୧ ମିମି, ନୂଆପଡ଼ା ୩୦.୪ ମିମି, ସୋନପୁର ୨୮.୮ ମିମି ଓ ରାୟଗଡ଼ାରେ ୨୧.୮ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖ ଯାଏ ସାରା ରାଜ୍ୟରେ ଝିପିଝିପି ବର୍ଷା ଲାଗି ରହିବା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, ସୋନପୁର, ବଲାଙ୍ଗୀର ଓ ଦେବଗଡ଼ ଆଦି ୮ ଜିଲାରେ ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଆୟ ବହିର୍ଭୂତ**



ନୂଆଦିଲ୍ଲୀରେ ଯମୁନା ନଦୀର ଉଚ୍ଛୁଳା ପାଣି ରାସ୍ତାରେ ଲହଡ଼ି ମାରୁଥିବାବେଳେ ଗାଡ଼ିଗୁଡ଼ିକ ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି।

# ଆନ୍ତଃରାଜ୍ୟ ର୍‍ୟାକେଟ୍‌ର ୯ ଗିରଫ

**ସରକାରୀ ଚାକିରି ନାଁରେ ଠକେଇ**

- ବସ୍ ଓ କାର୍ ସହ ବିଭିନ୍ନ କାଗଜପତ୍ର ଜବତ

ବାଲେଶ୍ୱର,୧୬।୭ (ମାନସ ବିଶ୍ୱାଳ)

ସରକାରୀ ଚାକିରି ଯୋଗାଇଦେବା ନାଁରେ ୮୮ଜଣ ଯୁବତୀଯୁବକଙ୍କୁ ଠକେଇ କରିଥିବା ଏକ ଆନ୍ତଃରାଜ୍ୟ ର୍‍ୟାକେଟ ବାଲେଶ୍ୱର ସ୍ପେଶାଲ ଟାସ୍କଫୋର୍ସ ଟିମ୍ ହାତରେ ଧରାପଡ଼ିଛି। ଏହି ର୍‍ୟାକେଟରେ ଓଡ଼ିଶା, ବିହାର ଓ ଆନ୍ଧ୍ରପ୍ରଦେଶର ୯ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ୨୨ହଜାର ୫ଶହ ଟଙ୍କା ଜବତ କରାଯାଇଛି। ର୍‍ୟାକେଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ଖୋଳତାଡ କରାଯାଉଥିବା ରବିବାର ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ରବିବାର ଅପରାହ୍ନ ୨ଟାରେ ହେବାକୁ ଥିବା କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ ପରୀକ୍ଷା ପାଇଁ ଏକ ଆନ୍ତଃରାଜ୍ୟ ର୍‍ୟାକେଟ ପ୍ରଶ୍ନପତ୍ର ଯୋଗାଇ ଦେବା ଓ ଚାକିରି କରାଇ ଦେବା ଆଳରେ ୧୦୦ରୁ ଊର୍ଦ୍ଧ୍ୱ ବେରୋଜଗାର ଯୁବତୀଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନେଇଥିବା ପୋଲିସ ଖବର ପାଇଥିଲା। ଏନେଇ ସହଦେବଖୁଣ୍ଟା ଥାନା ପୋଲିସ ପକ୍ଷରୁ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏହି ର୍‍ୟାକେଟ୍‌କୁ ଧରିବା ପାଇଁ ସିଟି ଡିଏସ୍‌ପି, ସହଦେବଖୁଣ୍ଟା ଥାନା ଅଧିକାରୀ, ସଦର ଥାନା ଅଧିକାରୀ ଏବଂ ☞ପୃଷ୍ଠା–୪

**ଆଜି ବିରୋଧୀଙ୍କ ମହାମେଳି**

# ଭାଜପା ଖୋଜୁଛି ସାଥୀ

ନୂଆଦିଲ୍ଲୀ,୧୬।୭

କେନ୍ଦ୍ରରୁ ଭାଜପାକୁ ହଟାଇବା ପାଇଁ ଆଗେଇ ଆସିଥିବା ବିରୋଧୀ ଦଳଗୁଡ଼ିକର ଶକ୍ତି ବୃଦ୍ଧି ହେବାରେ ଲାଗିଛି। ଦିଲ୍ଲୀରେ ଅମଲାତନ୍ତ୍ରୀଙ୍କ ଉପରେ ନିୟନ୍ତ୍ରଣ ସଂକ୍ରାନ୍ତ କେନ୍ଦ୍ର ଆଣିଥିବା ଅଧ୍ୟାଦେଶରେ ଉପରାଜ୍ୟପାଳଙ୍କୁ ସବୁ କ୍ଷମତା ଦେଇ ଦିଆଯାଇଛି। ତାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ବିରୋଧ କରିଆସୁଛନ୍ତି। ଇତିମଧ୍ୟରେ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ ପ୍ରମୁଖ ବିରୋଧୀ ଦଳଗୁଡ଼ିକ କେଜ୍‌ରିୱାଲଙ୍କୁ ସମର୍ଥନ କରିଥିବାବେଳେ ରବିବାର ଜୁଲାଇ ୧୬ରେ କଂଗ୍ରେସ ଏହି ପ୍ରତିବାଦରେ ସାମିଲ ହୋଇ ଏଏପିର ଲକ୍ଷ୍ୟକୁ ସମର୍ଥନ କରିଛି। ଏହା ବିରୋଧୀ ଏକତାକୁ ଅଧିକ ମଜଭୁତ କରିଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇ ବିରୋଧୀଙ୍କୁ ଦମନ କରିଆସୁଥିବା ଭାଜପା ଆଗାମୀ ଲୋକ ସଭା ନିର୍ବାଚନରେ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ମନେହେଉଛି।

୨୦୨୪ ଲୋକ ସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିବା ନେଇ ଭାଜପା ଗତ କିଛିମାସ ପର୍ଯ୍ୟନ୍ତ ଏକପ୍ରକାର ନିଶ୍ଚିତ ଥିଲା। ୨୦୧୯ର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସହଯୋଗୀଙ୍କ ପ୍ରତି ଏହାର ବ୍ୟବହାର ମଧ୍ୟ ବଦଳିଯାଇଥିଲା। ଏଥିରୁ ମନେହେଉଥିଲା, ସତେଯେମିତି କେନ୍ଦ୍ରରେ ଶାସକ ଦଳ ଆଉ କୌଣସି ସହଯୋଗୀଙ୍କ ସମର୍ଥନ ଆବଶ୍ୟକ କରୁନାହିଁ। ଆସାମଠାରୁ ଆରମ୍ଭକରି ପଞ୍ଜାବର ଅକାଳୀ ଦଳ (ବାଦଲ) ଏହାର ଜ୍ୱଳନ୍ତ ଉଦାହରଣ। ପରବର୍ତ୍ତୀ ସମୟରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଭଳି ଗୋଟିଏ ପରେ ଗୋଟିଏ ଦଳ ଏନ୍‌ଡିଏରୁ ଓହରିଯିବା ପରେ ସେମାନଙ୍କୁ ଫେରାଇ ଆଣିବା ପାଇଁ ଭାଜପା ଉଦ୍ୟମ କରି ନ ଥିଲା। ଆସନ୍ତା ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ଜୁନ୍ ୨୩ରେ ପାଟନାରେ ୧୫ ବିରୋଧୀ ଦଳ ଏକାଠି ହୋଇଥିଲେ। ଜୁଲାଇ ୧୭ ଓ ୧୮ରେ ବେଙ୍ଗାଲୁରୁରେ କଂଗ୍ରେସ ନେତୃତ୍ୱରେ ହେବାକୁ ଥିବା ବୈଠକରେ ୨୬ ବିରୋଧୀ ଦଳ ଶକ୍ତି ପ୍ରଦର୍ଶନ କରିବାକୁ ଯାଉଛନ୍ତି। କର୍ନାଟକ ବିଧାନସଭା ନିର୍ବାଚନ ପରେ ବିପକ୍ଷର ବଳ ବୃଦ୍ଧି ଘଟୁଥିବା ଦେଖି ଭାଜପା ଆତ୍ମବିଶ୍ୱାସ ହରାଇ ସାଥୀ ଖୋଜିବା ଆରମ୍ଭ କରିଛି। ଛୋଟ ଦଳଗୁଡ଼ିକୁ ଖୋଜିବା ପଛର କାରଣ ବୁଝିବା କଷ୍ଟକର ନୁହେଁ। ଆସନ୍ତା ୨୦ ତାରିଖରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ୧୮ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏନ୍‌ଡିଏ ବୈଠକ ଡାକିଛନ୍ତି। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଉପସ୍ଥିତ ରହିବେ। ଏଥିରୁ ବୁଝିହେଉଛି, ଭାଜପା ପାଇଁ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ।

ବେଙ୍ଗାଲୁରୁ ବୈଠକରେ ବିରୋଧୀ ନେତାମାନେ ପରସ୍ପର ମଧ୍ୟରେ ଥିବା ମତଭେଦ ଦୂର କରି ଭାଜପା ବିରୋଧରେ ଏକ ମିଳିତ ମେଣ୍ଟ ଉପସ୍ଥାପନ କରିବେ। ଏହି ବୈଠକରେ ଯୋଗଦେବାକୁ ଥିବା ଦଳଗୁଡ଼ିକ ମଧ୍ୟରେ ଅଛନ୍ତି କଂଗ୍ରେସ, ଏନ୍‌ସିପି, ଜେଡିୟୁ, ଆର୍‌ଜେଡି, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍), ଡିଏମ୍‌କେ ପ୍ରମୁଖ। କେନ୍ଦ୍ର ସରକାରଙ୍କ ଦିଲ୍ଲୀ ଅଧ୍ୟାଦେଶକୁ ସମର୍ଥନ କରିବ ନାହିଁ ବୋଲି କଂଗ୍ରେସ ଘୋଷଣା କରିବା ପରେ ଆମ୍ ଆଦ୍‌ମୀ ପାର୍ଟି ବିରୋଧୀ ବୈଠକରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି। ବୈଠକ ପୂର୍ବରୁ ବିରୋଧୀ ନେତାମାନଙ୍କ ପାଇଁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନୈଶ ଭୋଜିର ଆୟୋଜନ କରିଛନ୍ତି। ସେଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ଦଳର ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେବେ। ବେଙ୍ଗାଲୁରୁ ବୈଠକରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ ପ୍ରମୁଖ ଯୋଗ ଦେଉଥିବା କର୍ନାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସଲିମ ଅହମଦ କହିଛନ୍ତି।

ଅନ୍ୟପକ୍ଷେ ଏନ୍‌ଡିଏ ବୈଠକରେ ପ୍ରାୟ ୩୦ ଦଳ ଯୋଗଦେଇପାରନ୍ତି ବୋଲି କୁହାଯାଉଛି। ଶାସକ ମେଣ୍ଟର ସହଯୋଗୀଙ୍କ ବ୍ୟତୀତ ଅନ୍ୟ କେତେକ ନୂଆ ଏବଂ ପୂର୍ବତନ ସହଯୋଗୀଙ୍କୁ ଏହି ବୈଠକକୁ ନିମନ୍ତ୍ରଣ କରାଯାଇଛି। ନୂଆଦିଲ୍ଲୀର ଅଶୋକା ହୋଟେଲରେ ମଙ୍ଗଳବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହେବ। ☞ପୃଷ୍ଠା–୪

# ଇଞ୍ଜିନକୁ ଛାଡ଼ି ୨୦୦ ମିଟର ଗଡ଼ିଗଲା ବଗି



ମାଲବାହୀ ଟ୍ରେନରୁ ଅଲଗା ହୋଇଯାଇଥିବା ବଗି।

ନନ୍ଦପୁର, ୧୬।୭(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା–କିରାଣ୍ଡୁଲ ରେଳ ଧାରଣାରେ ପୁଣି ରେଳଇଞ୍ଜିନ ବଗିକୁ ଛାଡି ଚାଲିଯିବା ପରି ଘଟଣା ଦେଖିବାକୁ ମିଳିଛି। ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ପାଡୁଆ ଷ୍ଟେଶନ ନିକଟରେ ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନର ଇଞ୍ଜିନ ବଗିକୁ ଛାଡି ପ୍ରାୟ ୨ଶହ ମିଟର ଦୂରକୁ ଚାଲିଯାଇଥିଲା। ଟ୍ରେନର ଗାର୍ଡ ଓ ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଧୀର ଗତିରେ ଗଡ଼ିଯାଉଥିବା ଏହି ମାଲବାହୀ ଟ୍ରେନକୁ ଅଟକାଇ ବଗିଗୁଡିକର ପୁନଃ ସଂଯୋଗ କରାଯାଇଥିଲା। ପରେ ଏହା ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଅନ୍ୟପକ୍ଷରେ ଗତ ମାସକ ମଧ୍ୟରେ ଇଞ୍ଜିନ–ବଗି ଅଲଗା ହେବାପରି ଏକାଧିକ ଘଟଣା ଘଟିଲାଣି। ପୂର୍ବରୁ ଦାର୍ଲିପୁଟ ଓ ମାଛକୁଣ୍ଡ ଷ୍ଟେଶନରେ ସମାନ ଘଟଣା ଘଟିଥିଲା। ତେବେ ଏନେଇ କୌଣସି ଅଘଟଣ ଘଟି ନ ଥିବା କିମ୍ବା କିଛି ବଡଧରଣର କ୍ଷତି ହୋଇ ନ ଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି। ଏବେ ରେଳଧାରଣାଗୁଡିକର ☞ପୃଷ୍ଠା–୪

# କେମିକାଲ କକ୍‌ଟେଲ୍ ଦେବ ନବଯୌବନ

ୱାଶିଂଟନ୍,୧୬।୭

ଚିରଦିନ ପର୍ଯ୍ୟନ୍ତ ମଣିଷ ଯୁବା ଅବସ୍ଥାରେ ରହିବା କେବେ ବି ସମ୍ଭବ ନୁହେଁ। ନିଜ ପ୍ରକୃତ ବୟସଠାରୁ କମ୍ ବୟସ୍କ ଦେଖାଯିବା ପାଇଁ ଆଜିକାଲି ନାନା ପ୍ରକାର ପ୍ରସାଧନ ସାମଗ୍ରୀ ବଜାରରେ ଉପଲବ୍ଧ। କିନ୍ତୁ ଦୀର୍ଘଦିନ ପର୍ଯ୍ୟନ୍ତ ଯୁବା ଦେଖାଯିବା ବାସ୍ତବରେ ଅସମ୍ଭବ ନୁହେଁ ବୋଲି ଆମେରିକାର ହାର୍ଭାର୍ଡ ମେଡିକାଲ ସ୍କୁଲର ବୈଜ୍ଞାନିକମାନେ ଦାବି କରିଛନ୍ତି। ପୁଣିଥରେ ଯୌବନ ଫେରାଇ ଆଣିବା ପାଇଁ ବୈଜ୍ଞାନିକମାନେ ଏକ କେମିକାଲ କକ୍‌ଟେଲ୍ ପ୍ରସ୍ତୁତ କରିଛନ୍ତି। ଏ ସଂକ୍ରାନ୍ତୀୟ ଅଧ୍ୟୟନ ରିପୋର୍ଟ 'ମେଡିକାଲ ଜର୍ନାଲ୍ ଏଜିଙ୍ଗ୍'ରେ ପ୍ରକାଶ ପାଇଛି।

୫ରୁ ୭ଟି କେମିକାଲର ମିଶ୍ରଣରେ ବୈଜ୍ଞାନିକମାନେ ଏହି କକ୍‌ଟେଲ୍ ପ୍ରସ୍ତୁତ କରିଛନ୍ତି। ରିପୋର୍ଟ ମୁତାବକ ମାନସିକ ରୋଗ, ବାତ ଆଦି ରୋଗକୁ ଭଲ କରିବା ପାଇଁ ବ୍ୟବହାର କରାଯାଉଥିବା ଡ୍ରଗ୍ ବା କେମିକାଲରୁ ଏହା ତିଆରି। ତେବେ ଏହି



ବିଶେଷ ପ୍ରକାର କକ୍‌ଟେଲ୍‌ରେ ବ୍ୟବହାର କରାଯାଇଥିବା ମେଡିକେଶନ୍‌ଗୁଡ଼ିକ ହେଲା, ଭାଲ୍‌ପ୍ରୋଭଇକ୍ ଏସିଡ୍, ପ୍ରାମିପେକ୍ସୋଲ ଇତ୍ୟାଦି। ମଣିଷ ଦେହରେ ପୁଣିଥରେ ଯୌବନ ଫେରାଇ ଆଣିବା ଲାଗି କେଉଁ କେଉଁ କଣିକାର ଉପଯୋଗିତା ଆବଶ୍ୟକ ସେ ନେଇ ପାଖାପାଖି ୩ ବର୍ଷ ଧରି ବୈଜ୍ଞାନିକମାନେ ଅଧ୍ୟୟନ କରିଥିବା କହିଛନ୍ତି। ହାର୍ଭାର୍ଡ ବୈଜ୍ଞାନିକ ଡେଭିଡ୍ ସିନ୍‌କ୍ଲେର ଷ୍ଟଡି ରିପୋର୍ଟ ସମ୍ବନ୍ଧରେ କିଛି ତଥ୍ୟ ଟୁଇଟରରେ ଶେୟାର କରିଛନ୍ତି, ଯେଉଁଥିରେ ୟୁଜର୍ସମାନେ ନିଜ ସକାରାତ୍ମକ ମତ ଦେଇଛନ୍ତି। ଜିନ୍ ଥେରାପି ଦ୍ୱାରା ଯୌବନ ଫେରିବ ବୋଲି ପୂର୍ବ ଅଧ୍ୟୟନରେ ବୈଜ୍ଞାନିକମାନେ ଦାବି କରିଥିଲେ। କିନ୍ତୁ ଏହି ଜଟିଳ ପ୍ରଣାଳୀ ଅପେକ୍ଷା କେମିକାଲ୍ କକ୍‌ଟେଲ୍ ଅଧିକ ଉପଯୋଗୀ ବୋଲି ବିଶେଷଜ୍ଞ କହିଛନ୍ତି।

କେମିକାଲ୍ କକ୍‌ଟେଲ୍ ନେଇ ମୂଷା ଏବଂ ମାଙ୍କଡ଼ଙ୍କଠାରେ କରାଯାଇଥିବା କ୍ଲିନିକାଲ ଟ୍ରାଏଲ୍ ସଫଳ ହୋଇଛି। ଏହି କକ୍‌ଟେଲ୍ ଶରୀର କୋଷିକାର ବୟସ କମାଇବା ଦ୍ୱାରା ଯୌବନ ପୁଣିଥରେ ଫେରିଆସୁଛି। ଏହା ପ୍ରୟୋଗ ହେବାର ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଶରୀରରେ ପାର୍ଥକ୍ୟ ପରିଲକ୍ଷିତ ହେଉଥିବା କୁହାଯାଉଛି। ଚକ୍ଷୁ ଶିରା, ମସ୍ତିଷ୍କ କୋଷିକା, ଯକୃତ ଏବଂ ମାଂସପେଶୀରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଜିନ୍ ଥେରାପୀ ଭଳି କେମିକାଲ କକ୍‌ଟେଲ ଦ୍ୱାରା ଲୋକଙ୍କ ନବଯୌବନ ଫେରିପାରିବ। ଏ ସଂକ୍ରାନ୍ତରେ ବୈଜ୍ଞାନିକଙ୍କ ଅଧ୍ୟୟନ ଜାରି ରହିଛି। ଆଗାମୀ ଦିନରେ ଯୌବନ ଫେରାଇ ପାରୁଥିବା କକ୍‌ଟେଲ ନେଇ ମଣିଷଙ୍କ ଉପରେ ଟ୍ରାଏଲ୍ କରାଯିବାର ଯୋଜନା ରହିଛି।



## ସଂକ୍ଷେପରେ

### ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରୀ ଇସ୍ତଫା ଦେବେ

**ଲଣ୍ଡନ, ୧୬।୭:** ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲାସ୍ କ୍ୟାବିନେଟର ଆଗାମୀ ସମ୍ପ୍ରସାରଣ ବେଳେ ଇସ୍ତଫା ଦେବେ ବୋଲି ରବିବାର କହିଛନ୍ତି। ସେ ୪ ବର୍ଷ ହେଲା ପ୍ରତିରକ୍ଷା ଦାୟିତ୍ୱରେ ଥିଲେ। ୨୦୦୫ରୁ କଞ୍ଜରଭେଟିଭ୍ ପାର୍ଟିର ପାର୍ଲାମେଣ୍ଟ ସଦସ୍ୟ ୫୩ ବର୍ଷୀୟ ୱାଲାସ୍ ଆସନ୍ତା ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ଲଢ଼ିବେ ନାହିଁ ବୋଲି କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଭାବେ ସେ ବ୍ରିଟେନର ୩ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ, ଲିଜ୍ ଟ୍ରସ୍ ଏବଂ ଋଷି ସୁନକଙ୍କ ସହ ଏକାଠି କାମ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ବ୍ରିଟେନ ଗ୍ରହଣ କରିଥିବା ପଦକ୍ଷେପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।


ବେନ୍ ୱାଲାସ୍

### ଭାଜପା ନେତାଙ୍କ ପୁଅ ବିରୋଧରେ ବଳାତ୍କାର ଅଭିଯୋଗ


**ଭୋପାଳ,୧୬।୭:** ମଧ୍ୟପ୍ରଦେଶ ଦାତିଆ ଜିଲାରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ୪ଜଣଙ୍କ ମଧ୍ୟରେ ଭାଜପା ନେତାଙ୍କ ପୁଅଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ପୀଡ଼ିତା ଓ ତାଙ୍କ ଭଉଣୀଙ୍କୁ ଅଭିଯୁକ୍ତମାନେ ଅପହରଣ କରି ସେମାନଙ୍କୁ ଏ ନିଛାଟିଆ ଘରକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ମହିଳାଙ୍କୁ ବଳାତ୍କାର କରିବା ସହ ତାଙ୍କ ସାନ ଭଉଣୀଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଦୁହେଁ ଘରକୁ ଫେରିବା ପରେ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାପରେ ପୀଡ଼ିତାଙ୍କ ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ନ ଥିବାବେଳେ ସେ ଯଦି ଘଟଣାରେ ଭାଜପା ନେତାଙ୍କ ପୁଅଙ୍କ ସମ୍ପୃକ୍ତି ଥିବା କୁହନ୍ତି ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଭାଜପା ପାର୍ଟି ମୁଖ୍ୟ କହିଛନ୍ତି।

### ହସ୍ପିଟାଲରେ ମହିଳାଙ୍କୁ ଗୋଡ଼ାଇ ହତ୍ୟା

**ଏର୍ନାକୁଲମ୍, ୧୬।୭:** କେରଳର ଏର୍ନାକୁଲମ ଜିଲାର ଏକ ହସ୍ପିଟାଲରେ ଜଣେ ୪୦ ବର୍ଷୀୟା ମହିଳାଙ୍କୁ ଜଣେ ବ୍ୟକ୍ତି ଗୋଡ଼ାଇ ଗୋଡ଼ାଇ ଛୁରିଭୁସି ହତ୍ୟା କରିଛନ୍ତି। ଅଙ୍ଗମାଲିସ୍ଥିତ ଏମ୍‌ଏଜିଜେ ହସ୍ପିଟାଲରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ମହେଶଙ୍କୁ ପୋଲିସ ଗିରଫ କରିଛି। ଲିଜା ନାମ୍ନୀ ମହିଳା ହସ୍ପିଟାଲର ଚତୁର୍ଥ ମହଲାରେ ଚିକିତ୍ସିତ ହେଉଥିବା ତାଙ୍କ ମାଆଙ୍କୁ ସହାୟତା କରିବା ପାଇଁ ଥିଲେ। ଲିଜା ଓ ମହେଶଙ୍କ ମଧ୍ୟରେ ପୂର୍ବରୁ ବନ୍ଧୁତା ଥିଲା। ମହେଶ ଲିଜାଙ୍କୁ ଭେଟିବା ପାଇଁ ହସ୍ପିଟାଲ ଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜୋର୍‌ଦାର ବଚସା ହୋଇଥିଲା। ମହେଶ ହଠାତ୍ ଛୁରି ବାହାର କରି ଲିଜାଙ୍କୁ ବାରମ୍ବାର ଭୁସିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଫରାସୀ ମହିଳାଙ୍କୁ ଧକ୍କାଦେଲା ଉଲ୍‌କା ପିଣ୍ଡ

ଫ୍ରାନ୍ସର ଜଣେ ମହିଳା ତାଙ୍କ ବନ୍ଧୁଙ୍କ ସହ ଛାତ ଉପରେ ବସି କଫି ପିଉଥିବାବେଳେ ଏକ ଉଲ୍‌କା ପିଣ୍ଡ ତାଙ୍କୁ ଧକ୍କା ଦେଇଛି। ଏହା ଏକ ବିରଳ ମହାକାଶୀୟ ଘଟଣା। ରହସ୍ୟମୟ ପଥରଟି ମହିଳାଙ୍କ ପଞ୍ଜରାରେ ମାଡ଼ ହୋଇଥିଲା। ଆକାଶରୁ ଏକ ଦୀର୍ଘ ଶବ୍ଦ ଶୁଣିବାର ମୁହୂର୍ତ୍ତକ ପରେ କୌଣସି ଜିନିଷ ତାଙ୍କ ଦେହରେ ମାଡ଼ ହେବାର ସେ ଅନୁଭବ କଲେ ବୋଲି କହିଛନ୍ତି। ପ୍ରଥମେ ସେ ଏହାକୁ ଏକ ବାଦୁଡ଼ି କିମ୍ବା ଅନ୍ୟ କୌଣସି ପ୍ରାଣୀ ବୋଲି ଅନୁମାନ କରିଥିଲେ। ସେ ଉକ୍ତ ପଥରକୁ ଅନ୍ୟମାନଙ୍କୁ ଦେଖାଇବା ପରେ ଏହା ଉଲ୍‌କା ବୋଲି କେତେଜଣ କହିଥିଲେ। ଭୂତତ୍ତ୍ୱବିତ୍ ଡ. ଥିଏରି ରେବ୍‌ମାନ ପରୀକ୍ଷା ନିରୀକ୍ଷା କରି ଏହା ଉକ୍ତ ଉଲ୍‌କା ପିଣ୍ଡ ବୋଲି ସ୍ପଷ୍ଟ କରିଥିଲେ।



## ଯାତ୍ରୀଙ୍କ ଆଗରେ ୭୮ ତିମିଙ୍କୁ ମାରିଦେଲେ

ଫାରୋ ଆଇଲାଣ୍ଡସ୍‌ର ରାଜଧାନୀ ଟୋର୍ଶାଭନ ନିକଟରେ ଯାତ୍ରୀମାନଙ୍କ ସମ୍ମୁଖରେ ୭୮ଟି ପାଇଲଟ୍ ତିମିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏଥିପାଇଁ କ୍ରୁଜ୍ ଜାହାଜ ପକ୍ଷରୁ ରବିବାର ଯାତ୍ରୀମାନଙ୍କୁ କ୍ଷମା ମଗାଯାଇଛି। ଫାରୋ ଆଇଲାଣ୍ଡସ୍‌ରେ ପାଇଲଟ୍ ତିମି ଶିକାର ବହୁବର୍ଷର ପୁରୁଣା ପରମ୍ପରା। ତେବେ ଗତ ୯ ତାରିଖରେ ହଜାର ହଜାର ଯାତ୍ରୀଙ୍କ ଆଗରେ ଏତେ ସଂଖ୍ୟାରେ ତିମିଙ୍କୁ ମାରିଦିଆଯିବା ସେମାନଙ୍କୁ ବ୍ୟଥିତ ଓ ଭୟଭୀତ କରିଥିଲା। ଫାରୋ ଆଇଲାଣ୍ଡସ୍‌ରେ ଜାହାଜଟି ଅଟକି ରହିଥିବାବେଳେ ଗୋଟିଏ ଗ୍ରୁପ୍ ସେମାନଙ୍କ ନିୟମିତ ତିମି ଶିକାରରେ ସାମିଲ ଥିଲେ। ବ୍ରିଟିଶ କ୍ରୁଜ୍ ଶିପ୍‌ର ଅପରେଟର ଟୁଇଟର ଯୋଗେ ଯାତ୍ରୀଙ୍କୁ କ୍ଷମା ମାଗିଛନ୍ତି।


୭୮ ଲମ୍ବା ଡେଣା ଥିବା ପାଇଲଟ ତିମି ଓସନିକ ଡଲ୍‌ଫିନ୍‌ର ଏକ ପ୍ରଜାତି।

# ସ୍ପେନ୍‌ରେ ବନାଗ୍ନି ଅଣାୟତ୍ତ

### ୪ ହଜାର ଲୋକ ସ୍ଥାନାନ୍ତର

ମାଡ୍ରିଡ୍,୧୬।୭

ସ୍ପେନ୍ କାନାରି ଆଇଲାଣ୍ଡର ଲା ପାଲମାରେ ବନାଗ୍ନି ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୪୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ଲଗାତର ସ୍ପେନ୍‌ରେ ସମାନ ସ୍ଥିତି ଲାଗି ରହୁଥିବାରୁ ୟୁରୋପରେ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଶନିବାର ସକାଳେ ଆଇଲାଣ୍ଡର ଉତ୍ତରାଞ୍ଚଳର ଏଲ୍ ପିନାର ଅଞ୍ଚଳର ଜଙ୍ଗଲରେ ପ୍ରଥମେ ନିଆଁ ଲାଗିଥିଲା। କମ୍ ସମୟରେ ନିଆଁ ଦ୍ରୁତ ବେଗରେ ବ୍ୟାପିବାକୁ ନେଇ ନିକଟସ୍ଥ ଗ୍ରାମ ପୁଣ୍ଟାଗୋର୍ଡ ଏବଂ ତିଜାରାଫେର ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଜଙ୍ଗଲ ନିଆଁରେ ୧୩ ଘର ପୋଡ଼ିଯାଇଥିବାବେଳେ ପାଖାପାଖି ୪,୬୫୦ ହେକ୍ଟର (୧୧,୪୯୦ ଏକର) ଜମିର ଫସଲ ଜଳି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଏବଂ ୧୦ ଉଡ଼ାଜାହାଜକୁ ନିୟୋଜିତ କରାଯାଇଛି। ୱାଟର ଡ୍ରପିଂ ପ୍ଲେନ୍‌କୁ ଏଥିରେ ସାମିଲ କରାଯିବ। କମ୍ ସମୟରେ ନିଆଁ ଚାରିଆଡ଼େ ଖେଳିଯାଉଥିବା କାନାରୀ ଆଇଲାଣ୍ଡ ରାଷ୍ଟ୍ରପତି ଫର୍ନାଣ୍ଡୋ କ୍ଲାଭିଜୋ କହିଛନ୍ତି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପରିବର୍ତ୍ତିତ ଜଳବାୟୁ ଅଗ୍ନିକାଣ୍ଡର ମୁଖ୍ୟ କାରଣ। ଏ ସଂକ୍ରାନ୍ତରେ ସ୍ପେନ୍ ରାଜା ଫେଲିପ୍ ଷଷ୍ଠ ରାଷ୍ଟ୍ରପତି କ୍ଲାଭିଜୋଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଲା ପାଲମା ଲୋକଙ୍କୁ ବିପଦରୁ ଉଦ୍ଧାର ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ୨୦୨୧ରେ ଲାଭା ଉଦ୍‌ଗିରଣ ଫଳରେ ଆଇଲାଣ୍ଡ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଏହା ଯୋଗୁ ୨,୦୦୦ ବିଲ୍ଡିଂ ଜଳି ଧ୍ୱଂସ ହୋଇଯାଇଥିଲା। ରିପୋର୍ଟ ମୁତାବକ ଗତବର୍ଷ ସ୍ପେନ୍‌ରେ ୫୦୦ ବନାଗ୍ନି ହୋଇଥିବାବେଳେ ୩୦,୦୦,୦୦୦ ହେକ୍ଟର ପରିମିତ ସ୍ଥାନ ଜଳି ନଷ୍ଟ ହୋଇଯାଇଛି। ୟୁରୋପିଆନ୍ ଫରେଷ୍ଟ ଫାୟାର ଇନ୍‌ଫରମେଶନ୍ ସିଷ୍ଟମ (ଇଏଫ୍‌ଏଫ୍‌ଆଇଏସ୍) ଡେଟା ଅନୁସାରେ ଜଙ୍ଗଲ ନିଆଁରେ ଚଳିତବର୍ଷ ମୋଟ ୬୬,୦୦୦ ହେକ୍ଟର ଜମି ଜଳିଯାଇଛି।


ସ୍ପେନ୍ କାନାରୀ ଆଇଲାଣ୍ଡସ୍ଥିତ ଲା ପାଲମାରେ ବନାଗ୍ନି ଯୋଗୁ ତିଜାରାଫେ ସହର ଧୂଆଁମୟ ହୋଇଯାଇଛି।

## ଆଲାସ୍କାରେ ଭୂକମ୍ପ ପରେ ସୁନାମି ସତର୍କତା ଜାରି

ୱାଶିଂଟନ, ୧୬।୭

ଆମେରିକାର ଆଲାସ୍କା ଉପକୂଳରେ ଶନିବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୪ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଦକ୍ଷିଣ ଆଲାସ୍କା ଏବଂ ଆଲାସ୍କା ଉପଦ୍ୱୀପ ପାଇଁ ସୁନାମି ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର ଆମେରିକାର ଅନ୍ୟ ଉପକୂଳ ଅଞ୍ଚଳ ପ୍ରତି ସୁନାମି ବିପଦ କ'ଣ ରହିବ ତାହା ଆକଳନ କରାଯାଉଛି। ସୁନାମି ବିପଦ ଥିବା ଅଞ୍ଚଳଗୁଡ଼ିକରୁ ଲୋକମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବା ଲାଗି ନ୍ୟାଶନାଲ ସୁନାମୀ ୱାର୍ନିଂ ସେଣ୍ଟର ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଲାସ୍କା ଭୂକମ୍ପ ପ୍ରବଣ ଅଞ୍ଚଳ ମଧ୍ୟରେ ରହିଛି। ୧୯୬୪ ମାର୍ଚ୍ଚରେ ସେଠାରେ ୯.୨ ତୀବ୍ରତାର ଭୂକମ୍ପ ହୋଇଥିଲା, ଯାହାକି ଉତ୍ତର ଆମେରିକାରେ ସବୁଠୁ ବଡ଼ ଭୂକମ୍ପ।

## ପାକିସ୍ତାନରେ ୧୫୦ ବର୍ଷର ମନ୍ଦିର ଭାଙ୍ଗିଲା



କରାଚି, ୧୬।୭

ପାକିସ୍ତାନରେ ୨୪ ଘଣ୍ଟା ମଧ୍ୟରେ ୨ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି। ଶନିବାର କରାଚିଠାରେ ଥିବା ୧୫୦ ବର୍ଷ ପୁରୁଣା ମନ୍ଦିରକୁ ଭାଙ୍ଗି ଦିଆଯାଇଛି। ୨୪ ଘଣ୍ଟା ନ ପୁରୁଣୁ ସିନ୍ଧ ପ୍ରଦେଶର କାଶ୍ମୋରେ ଥିବା ଆଉ ଏକ ହିନ୍ଦୁ ମନ୍ଦିର ଉପରେ ରବିବାର କେତେଜଣ ଡକାୟତ ରକେଟ୍ ଲଞ୍ଚରରେ ଆକ୍ରମଣ କରିଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଡକାୟତମାନେ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରକେଟ୍ ଲଞ୍ଚରରେ ନିଆଁ ନ ଲାଗିବାରୁ ଡକାୟତଙ୍କ ଯୋଜନା ପଣ୍ଡ ହୋଇଥିଲା। ଘଟଣା ନେଇ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ କରାଯାଇଛି। ଉକ୍ତ ମନ୍ଦିରଟି ବର୍ଷକୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଖୋଲାଯାଉଥିବା କାଶ୍ମୋରେ କନ୍ଧକୋଟ ଏସ୍‌ଏସ୍‌ପ ଇରଫାନ୍ ସାମୋ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ କେତେଜଣ ଅପରାଧୀ ପ୍ରବୃତ୍ତିର ଲୋକ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାହୁଁଥିବାବେଳେ ସିନ୍ଧ ଗୃହ ବିଭାଗ ଘଟଣାର ତଦନ୍ତ କରୁ ବୋଲି ପାକିସ୍ତାନ ମାନବାଧିକାର ଆୟୋଗ ପକ୍ଷରୁ ଦାବି କରାଯାଇଛି।

କରାଚିରେ ବହୁ ପୁରୁଣା ଓ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ମନ୍ଦିର ଭଙ୍ଗାଯାଇଥିବା କୁହାଯାଉଛି। ଶୁକ୍ରବାର ରାତିରେ ବିପୁଳ ପୋଲିସ ଫୋର୍ସ ଉପସ୍ଥିତିରେ ବୁଲ୍‌ଡୋଜର ଲଗାଇ ମାରି ମାତା ମନ୍ଦିର ଭଙ୍ଗାଯାଇଥିଲା। ତେବେ ମନ୍ଦିର ଭଙ୍ଗାଯିବା ନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିବା ମନ୍ଦିର ଦେଖାରଖା କରୁଥିବା ରାମନାଥ ମିଶ୍ର କହିଛନ୍ତି। ୪୦୦ରୁ ୫୦୦୦ ସ୍କୋୟାର ୟାର୍ଡ ପରିମିତ ସ୍ଥାନରେ ଥିବା ମନ୍ଦିରର ଜାଗା ହଡ଼ପ କରିବା ପାଇଁ ବହୁ ବର୍ଷରୁ ସରକାର ଚାହିଁ ବସିଥିଲେ ବୋଲି ରାମନାଥ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ମନ୍ଦିର ଭଙ୍ଗାଯିବା ନେଇ ଏହାକୁ ଚଳାଉଥିବା ମାଦ୍ରାସୀ ହିନ୍ଦୁ ସମ୍ପ୍ରଦାୟକୁ ଅବଗତ କରାଯାଇଥିବା ସ୍ଥାନୀୟ ପୋଲିସ କହିଛି।

## ସୀମା ପାକିସ୍ତାନ ଫେରିବା ଚାହୁଁ ନାହାନ୍ତି ସମ୍ପର୍କୀୟ

କରାଚି,୧୬।୭

ସୀମା ଗୁଲାମ ହାଇଦର ଅନ୍‌ଲାଇନ୍ ପବ୍‌ଜି ଖେଳି ନୋଏଡାର ସଚିନ ମିଣାଙ୍କ ପ୍ରେମରେ ପଡ଼ିବା ପରେ ପାକିସ୍ତାନ ଛାଡ଼ି ଭାରତ ଚାଲିଆସିଥିଲେ। ନିଜ ୪ ପିଲାଙ୍କ ସହ ନେପାଳ ଦେଇ ଭାରତ ଆସିଥିବା ସୀମା ପୁଣିଥରେ ପାକିସ୍ତାନ ନ ଫେରନ୍ତୁ ବୋଲି ତାଙ୍କ ସମ୍ପର୍କୀୟ କହିଛନ୍ତି। ସେମାନଙ୍କ ମତରେ ସୀମା ଏବେ ଅନ୍ୟ ସମ୍ପ୍ରଦାୟର ହୋଇଗଲେଣି। ସେଥିପାଇଁ ତାଙ୍କୁ ପୁଣିଥରେ ଗ୍ରହଣ କରାଯାଇ ପାରିବ ନାହିଁ। ଭାରତରେ ବେଆଇନ ପ୍ରବେଶ ନେଇ ସୀମାଙ୍କୁ ଜୁଲାଇ ୪ରେ ଗିରଫ କରାଯାଇଥିଲା। ଜାମିନରେ ଆସିବା ପରେ ସେ ପାକିସ୍ତାନ ଯିବାକୁ ଅରାଜି। ସେଠାକୁ ଗଲେ ତାଙ୍କୁ ମୃତ୍ୟୁ ଭୟ ଥିବା ସୀମା କହିଛନ୍ତି। ସୀମାଙ୍କ ପୂର୍ବତନ ସ୍ୱାମୀ ଗୁଲାମ ହାଇଦର ସାଉଦି ଆରବରେ ଚାକିରି କରୁଥିବାବେଳେ ସୀମା ତାଙ୍କ ପିଲାଙ୍କ ସହ ଏକୁଟିଆ ଗୁଲିସ୍ତାନ-ଇ-ଜୈହାରସ୍ଥିତ ଘରେ ରହୁଥିଲେ। ୨୦୧୯ରୁ ସୀମା ସଚିନଙ୍କ ପ୍ରେମରେ ପଡ଼ିଥିବା କୁହାଯାଉଛି। ଗୁଲାମ ପୁଣିଥରେ ସୀମାଙ୍କୁ ଆପଣାଇବାକୁ ପ୍ରସ୍ତୁତ ଥିବା ଏକ ଭିଡିଓରେ କହିଛନ୍ତି।


ସୀମା ହାଇଦର

## ବିରୋଧୀ ବୈଠକରେ ଯୋଗଦେବ ଏଏପି

ନୂଆଦିଲ୍ଲୀ, ୧୬।୭

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିରୋଧୀ ଦଳଗୁଡ଼ିକର ଦ୍ୱିତୀୟ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାରଠାରୁ ଦୁଇଦିନ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶକୁ କଂଗ୍ରେସ ସମର୍ଥନ କରିବ ନାହିଁ ବୋଲି ରବିବାର ଘୋଷଣା କରିବା ପରେ ବିରୋଧୀ ବୈଠକରେ ଯୋଗଦେବା ଲାଗି ଏଏପି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଦେଶର ସଂଘୀୟ ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାରଙ୍କ ଯେକୌଣସି ଉଦ୍ୟମକୁ ବିରୋଧ କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ରାଜ୍ୟପାଳଙ୍କ ଜରିଆରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ କେନ୍ଦ୍ରର ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଏନେଇ ତାଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ ବୋଲି ବେଣୁଗୋପାଳ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବେଙ୍ଗାଲୁରୁ ବୈଠକରେ ବିରୋଧୀ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରିବେ। କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ ଏଏପିର ଅଭିଯାନ ଜାରି ରଖିବାକୁ ଦଳର ରାଜନୈତିକ କ୍ରିୟାନୁଷ୍ଠାନ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଏମ୍‌ପି ରାଘବ ଚଡ଼ା କହିଛନ୍ତି। କେନ୍ଦ୍ରର ଦେଶ ବିରୋଧୀ ଅଧ୍ୟାଦେଶକୁ ତୃଣମୂଳ କଂଗ୍ରେସଠାରୁ ଆରମ୍ଭ କରି ଆର୍‌ଜେଡି, ଜେଡିୟୁ, ଏନ୍‌ସିପି, ସମାଜବାଦୀ ପାର୍ଟି, ଉଦ୍ଧବ ଠାକ୍‌ରେଙ୍କ ଶିବସେନା ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟ ସଭାରେ ଉକ୍ତ ଅଧ୍ୟାଦେଶକୁ ଗୃହୀତ କରାଇବା ଲାଗି ସରକାରଙ୍କ ଉଦ୍ୟମକୁ ବିଫଳ କରିବା ଲାଗି ସମସ୍ତ ଉଦ୍ୟମ ହେବ ବୋଲି ଚଡ଼ା କହିଛନ୍ତି।

### ଦିଲ୍ଲୀ ଅଧ୍ୟାଦେଶକୁ ସମର୍ଥନ କରିବନି କଂଗ୍ରେସ


ରାଘବ ଚଡ଼ା

## ମସ୍‌ଜିଦ ପ୍ରବେଶ ବନ୍ଦ କଲେ ଜିଲାପାଳ

ଔରଙ୍ଗାବାଦ, ୧୬।୭

ମହାରାଷ୍ଟ୍ରର ଜଲଗାଁଓ ଜିଲାରେ ଥିବା ଏକ ମସ୍‌ଜିଦ ପରିସରକୁ ପ୍ରବେଶ ଉପରେ ଜିଲାପାଳ ନିଷେଧାଦେଶ ଲଗାଇବା ପରେ ଏହାକୁ ବିରୋଧ କରି ପରିଚାଳନା ଟ୍ରଷ୍ଟ ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚଙ୍କ ଦ୍ୱାରସ୍ଥ ହୋଇଛି। ମସ୍‌ଜିଦ ଢାଞ୍ଚାରେ ମନ୍ଦିର ଆକୃତି ରହିଥିବା ଅଭିଯୋଗ ପରେ ଜିଲାପାଳ ସେଠାରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ପିଟିଶନର ଶୁଣାଣି ଆସନ୍ତା ୧୮ରେ ହେବ ବୋଲି ଟ୍ରଷ୍ଟର ଓକିଲ ଏସ୍.ଏସ୍. କାଜି କହିଛନ୍ତି। ଜୁମ୍ମା ମସଜିଦ ଟ୍ରଷ୍ଟ କମିଟି ପକ୍ଷରୁ ଏହାର ଅଧ୍ୟକ୍ଷ ଅଲତାଫ ଖାନ୍ ଦାଏର କରିଥିବା ପିଟିଶନରେ ଜିଲାପାଳ ଲଗାଇଥିବା ନିଷେଧାଦେଶ ମନମାନି ଏବଂ ବେଆଇନ ବୋଲି ଦର୍ଶାଇଛନ୍ତି। ମସ୍‌ଜିଦ ଚାବି ଏରାଣ୍ଡୋଲ ମ୍ୟୁନିସିପାଲ କାଉନସିଲ୍‌ର ମୁଖ୍ୟ ଅଧିକାରୀଙ୍କୁ ହସ୍ତକ୍ଷେପ କରିବା ଲାଗି ଜିଲାପାଳ ଟ୍ରଷ୍ଟକୁ ନିର୍ଦ୍ଦେଶ ଦେଇଥିଲେ।

### ହାଇକୋର୍ଟ ଗଲା ଟ୍ରଷ୍ଟ

ପିଟିଶନରେ କୁହାଯାଇଛି, ବହୁ ଦଶନ୍ଧି ହେଲା ଉକ୍ତ ମସ୍‌ଜିଦ ରହିଥିବାବେଳେ ମହାରାଷ୍ଟ୍ର ସରକାର ଏହାର ଢାଞ୍ଚାକୁ ପୁରାତନ ତଥା ଐତିହାସିକ କୀର୍ତ୍ତିରାଜି ଘୋଷଣ କରିଛନ୍ତି। ସୁରକ୍ଷିତ କୀର୍ତ୍ତିରାଜି ତାଲିକାରେ ଏହାକୁ ସାମିଲ କରାଯାଇଛି। ଟ୍ରଷ୍ଟ ମସ୍‌ଜିଦର ସମ୍ପୂର୍ଣ୍ଣ ଯତ୍ନ ନେଇଆସୁଛି, ଯାହା ଉପରେ ପ୍ରତ୍ନତତ୍ତ୍ୱ ବିଭାଗ କିମ୍ବା ରାଜ୍ୟ ସରକାରଙ୍କର କୌଣସି ଆପତ୍ତି ଅଭିଯୋଗ ନାହିଁ। ତେବେ ଗତ ମେ'ରେ ପାଣ୍ଡଭୱାଡ଼ା ସଂଘର୍ଷ ସମିତି ଜଲଗାଁଓର ଏରାଣ୍ଡୋଲ ତାଲୁକରେ ଅସ୍ଥିରତା ସୃଷ୍ଟି ଲାଗି ଜିଲାପାଳଙ୍କୁ ଏକ ଆବେଦନ ପତ୍ର ଦେଇଥିଲେ। ଉକ୍ତ ପୁରାତନ କୀର୍ତ୍ତିରାଜିରେ ମନ୍ଦିର ଆକୃତି ରହିଥିବା ସେମାନେ ଦାବି କରି ସେଠାରୁ ମୁସଲମାନ ସମ୍ପ୍ରଦାୟଙ୍କୁ ବାହାର କରାଯିବାକୁ ନିବେଦନ କରିଥିଲେ।

## ରାସ୍ତାରୁ ଶୁଖୁନି ପାଣି, ଲୋକେ ହନ୍ତସନ୍ତ

ନୂଆଦିଲ୍ଲୀ,୧୬।୭

ଯମୁନା ନଦୀରୁ ବନ୍ୟା ଜଳ କମୁଥିବାବେଳେ ଏବେ ବି ଏହାର ଜଳସ୍ତର ବିପଦ ସଙ୍କେତ ତଳକୁ ଖସିନାହିଁ। ସହରର ତଳିଆ ଅଞ୍ଚଳରୁ ଧୀରେ ଧୀରେ ଜଳ ଶୁଖୁଥିବାବେଳେ କିନ୍ତୁ ରାସ୍ତା ଏବେବି ଜଳମଗ୍ନ। ରବିବାର ଯମୁନା ଜଳସ୍ତର ୨୦୫.୯୧ ମିଟରକୁ ଖସିଛି। କିନ୍ତୁ ମଝିରେ ମଝିରେ ହେଉଥିବା ବର୍ଷା ଦିଲ୍ଲୀବାସୀଙ୍କ ବିପଦକୁ ଅଧିକ ବଢ଼ାଇ ଦେଇଛି। ସହରରେ ବନ୍ୟାସ୍ଥିତି ଲାଗି ରହିଥିବା ନେଇ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପୁରୁଣା ଦିଲ୍ଲୀ ଯମୁନା ବଜାର ଶୁଖିଲା ରହିଥିବାରୁ ଗତ ଗୁରୁବାର ସେଠାରେ ଅସ୍ଥାୟୀ ଶିବିର ନିର୍ମାଣ କରିଥିଲେ। କିନ୍ତୁ ବର୍ତ୍ତମାନ ଶିବିରରେ ପାଣିପଶିବା ଦ୍ୱାରା ସେଠାରେ ଆଶ୍ରୟ ନେଇଥିବା ଲୋକେ ହଇରାଣ ହୋଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ମୋଟ ୨୭୦୦ ଟେଣ୍ଟ ବାନ୍ଧି ଅସ୍ଥାୟୀ ଶିବିର ତିଆରି କରାଯାଇଥିବାବେଳେ ସେଥିରେ ପାଖାପାଖି ୨୭,୦୦୦ ଲୋକ ନାମ ପଞ୍ଜୀକରଣ କରି ଆଶ୍ରୟ ନେଇଛନ୍ତି। ଅନେକ ରିଲିଫ୍ କ୍ୟାମ୍ପ ମଧ୍ୟ ଜଳମଗ୍ନ ହୋଇଯାଇଛି। ଦିଲ୍ଲୀ ବନ୍ୟାସ୍ଥିତି ସମ୍ପର୍କରେ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଆଲୋଚନା କରିଛନ୍ତି।



ଲାଲ୍‌କିଲ୍ଲା ପଛପାଖ ଜଳପ୍ଲାବିତ ରାସ୍ତାରେ ଗାଡ଼ି ଯାଉଛି।

### ଦିଲ୍ଲୀ ବନ୍ୟାକୁ ନେଇ ରାଜନୀତି

ଦିଲ୍ଲୀ ବନ୍ୟାସ୍ଥିତିକୁ ନେଇ ଏଏପି ଓ ଭାଜପା ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ବନ୍ୟ ସମ୍ପର୍କିତ ତଥ୍ୟ ପ୍ରଦାନରେ ପିଡବ୍ଲ୍ୟୁଡି ମନ୍ତ୍ରୀ ମିଛ କହୁଛନ୍ତି। ଗତ ୨ ବର୍ଷ ମଧ୍ୟରେ ବନ୍ୟାସ୍ଥିତି ମୁକାବିଲା ପାଇଁ ବିଭାଗ ତରଫରୁ କୌଣସି ବୈଠକ ହୋଇ ନ ଥିବା କେନ୍ଦ୍ର ମନ୍ତ୍ରୀ ମୀନାକ୍ଷୀ ଲେଖି ଅଭିଯୋଗ ଆଣିଛନ୍ତି। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ଦାୟିତ୍ୱରୁ ପଳାୟନ କରୁଥିବା କେନ୍ଦ୍ର ସୂଚନା, ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ବନ୍ୟାକୁ ନେଇ ଦିଲ୍ଲୀବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ଶନିବାର ଏଏପି କହିଥିଲା।

# ଆନ୍ତଃରାଜ୍ୟ ଖଣିଜ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ

■ ୭ ଅଭିଯୁକ୍ତ ଗିରଫ

■ ଏକାଧିକ ଗାଡ଼ି, ୧୦୦ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ଜବତ

**ଯୋଡ଼ା, ୧୬।୭ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ପୋଲିସ ଏକ ଆନ୍ତଃରାଜ୍ୟ ଖଣିଜ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ୭ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଗୁରୁଡ଼ି ଥାନା ଚୋରମାଲଦା ଅଞ୍ଚଳର ସଚିନ ମହାକୁଡ,ସତୀଶ ଖଛପ, ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଥାନା ଅଧୀନ ଖରପୋସ ଅଞ୍ଚଳର ଏମ୍‌ଡି ତସିମ, ସହିବୁଲ ଆନ୍‌ସାରୀ, ତସିବୁଲ ଆନ୍‌ସାରୀ, ମହମ୍ମଦ ଅଲ୍ଲୀ ଓ ଆନ୍‌ସାରୁ ଆନ୍‌ସାରୀ। ଚଢ଼ାଉ ବେଳେ ପୋଲିସ ଏକାଧିକ ଗାଡ଼ି ଜବତ କରିଛି। ଏ ନେଇ ପୋଲିସ ଦଫା ୩୭୯,୧୨୦(ବି) ଓ ୨୧ ଏମ୍‌ଏମ୍‌ଡିଆର୍ ଆକ୍ଟରେ ଏକ ମାମଲା(ନଂ.୧୧୬/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଶନିବାର ରାତି ୮.୩୦ମିନିଟ ସମୟରେ ବାମେବାରି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସୁନ୍ଦରଗଡ଼–କେନ୍ଦୁଝର ଜିଲା ସୀମାନ୍ତ ଅଞ୍ଚଳରୁ ମାଙ୍ଗାନିଜ ବୋଝେଇ ହୋଇ ୨ ମିନିଟ୍ରକ୍‌ରେ ପରିବହନ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ପରେ ଏହି କାରବାରରେ ସହଯୋଗ କରୁଥିବା ଗୋଟିଏ ଧଳା ରଙ୍ଗର ହୁଣ୍ଡାଇ କାର ଓ ଏକ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଥିଲା। ଜବତ ଦୁଇଟି ଟ୍ରକ୍‌ରେ ପ୍ରାୟ ୪ ମେଟ୍ରିକଖ ଟନ୍‌ରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି।


ଜବ୍ଦ ମାଙ୍ଗାନିଜ

ସେହିପରି ଗତ ଏକ ସପ୍ତାହ ମଧ୍ୟରେ ଯୋଡ଼ା ଖଣି ମଣ୍ଡଳସ୍ଥିତ ସିଲିଯୋଡା କୁଦରସାହି ନିକଟସ୍ଥ ଜଙ୍ଗଲରେ ଚୋରା କାରବାର ହେଉଥିବାବେଳେ ପ୍ରାୟ ୧୧୬ ମେଟ୍ରିକ୍ ଟନ୍ ହାଇଗ୍ରେଡ୍ ମାଙ୍ଗାନିଜ ଜବତ ହୋଇଥିଲା। ବନାଞ୍ଚଳରେ ମାଙ୍ଗାନିଜ ଉତ୍ତୋଳନ କରୁଥିବା ବେଳେ ଗୋଟିଏ ଜେସିବି ମେସିନ ଓ ଗୋଟିଏ ହାଇୱା ଟ୍ରକ୍‌କୁ ପୋଲିସ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେଣେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଚମ୍ପୁଆ–ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ସିଜି ୦୬ ଏମ ୦୫୯୯ ଟ୍ରକର ଟ୍ରାଞ୍ଜିଟ ପାସ୍ ଯାଞ୍ଚ କରିଥିଲା। ଜାଲ୍ ଟ୍ରାଞ୍ଜିଟ ପାସ୍ ବ୍ୟବହାର କରି ଚୋରାଚାଲାଣ ହେଉଥିବା ଖଣି ବିଭାଗ ଜାଣିବାକୁ ପାଇଥିଲା। ଟ୍ରାଞ୍ଜିଟ ପାସ୍‌ଟି ଓଡ଼ିଶା ଖଣି ନିଗମ ଅଧୀନ ଗୁଆଲି ଖଣିର ବୋଲି ଲେଖାଥିବା ବେଳେ ରାଜ୍ୟ ଖଣି ବିଭାଗ ପକ୍ଷରୁ ନୂତନ ପ୍ରଯୁକ୍ତି ବିଦ୍ୟା କୌଶଳରେ ଟ୍ରାଞ୍ଜିଟ ପାସରେ ଥିବା ବାରକୋଡ୍ ଚିତ୍ରଟି ମେଳ ଖାଇ ନ ଥିଲା। ଏହା ନକଲି ବୋଲି ଖଣି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜବତ ଟ୍ରକ୍‌ରେ ପ୍ରାୟ ୨୪ ମେଟ୍ରିକ୍ ଟନ୍ ମାଙ୍ଗାନିଜ ବୋଝେଇ ହୋଇ ଚୋରାଚାଲାଣ ହେଉଥିଲା। ସୁନ୍ଦରଗଡ଼ ଜିଲା କୋଇଡା, କେନ୍ଦୁଝର ଜିଲା ଯୋଡ଼ା ଓ ବାମେବାରି ପୋଲିସ ସମେତ ଯୋଡ଼ା ଖଣି ବିଭାଗ ଖଣିଜ ଚୋରି ରୋକିବା ଦିଗରେ ସକ୍ରିୟ ହୋଇପଡ଼ିଛନ୍ତି। ତେବେ ଜବତ ହୋଇଥିବା ସମୁଦାୟ ୧୪୪ ମେଟ୍ରିକ୍ ଟନ ମାଙ୍ଗାନିଜ ଖଣିଜର ବଜାର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି।






# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ଶ୍ରୀମନ୍ଦିରରେ ହେବ ଚିତାଲାଗି ନୀତି**

**ପୁରୀ, ୧୬।୭ (ଅଜିତ ମହାନ୍ତି)**

ଚିତାଲାଗି ଅମାବାସ୍ୟା ଅବସରରେ ସୋମବାର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଦାରୁବିଗ୍ରହଙ୍କ ଚିତାଲାଗି ନୀତି ସମ୍ପନ୍ନ କରାଯିବ। ମହାପ୍ରଭୁଙ୍କ ପ୍ରଥମ ଭୋଗମଣ୍ଡପ ପରେ ଏହି ଗୁପ୍ତ ନୀତି ଆରମ୍ଭ ହେବ। ସୋମବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ଘଣ୍ଟା ଉକ୍ତ ଗୁପ୍ତନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ଚଳିତବର୍ଷ ସ୍ନାନଯାତ୍ରାରେ ଦାରୁବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କଠାରୁ ରତ୍ନଚିତା ଓଲାଗି କରିଥିଲେ। ସେହିପରି ରଥଯାତ୍ରା ସମୟରେ ଠାକୁରମାନଙ୍କୁ ସୋଲଚିତା ଲାଗିକରାଯାଇଥିଲା। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରମାନଙ୍କୁ ରତ୍ନଚିତା ଲାଗିକରାଯିବ। ଦଇତାପତି ସେବକମାନେ ଏହି ନୀତି ସମ୍ପାଦନ କରିବେ।

# କାନ୍ଥ ପଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

## ଘର ଭିତରୁ ବର୍ଷାପାଣି କାଢୁଥିଲେ

**ଚାନ୍ଦବାଲି, ୧୬।୭ (ଅଶୋକ କୁମାର ପଣ୍ଡା):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କରଣପଲ୍ଲୀ ଗ୍ରାମରେ ଶନିବାର ରାତିରେ କାନ୍ଥ ପଡ଼ି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର କୁମୁଦ ମଣ୍ଡଳ(୮୦)। ଗୁରୁତର ଥିବା ତାଙ୍କ ସ୍ତ୍ରୀ ନୀହାରିକା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁ କୁମୁଦଙ୍କ କଚ୍ଚାଘରେ ପାଣି ଜମି ରହିଥିଲା। ଦମ୍ପତି ଘର ଭିତରେ ଜମିଥିବା ପାଣି କାଢୁଥିଲେ। ଏହି ସମୟରେ ମାଟିଘର କାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିବାରୁ କାନ୍ଥ ତଳେ ଚାପିହୋଇ ଯାଇଥିଲେ। ପଡ଼ୋଶୀମାନେ ଆସି ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର କୁମୁଦଙ୍କୁ ମୃତ ଘୋଷଣା କରିଥିଲେ। ନୀହାରିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ରାମ୍‌କୋର ଭୂତଳ ଜଳ ଚୋରି

■ ଗ୍ରାମବାସୀ ଆଣିଲେ ଅଭିଯୋଗ

■ ଶୁଖୁଛି ନଳକୂପ, ପୋଖରୀ ପାଣି

**ଯାଜପୁର, ୧୬।୭ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ କାରଖାନା ପ୍ରାୟ ୮ଟି ବୋରୱେଲ ମାଧ୍ୟମରେ ମନଇଚ୍ଛା ଭୂତଳ ଜଳ ଚୋରି କରୁଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଆଖପାଖ ୭ଟି ଗ୍ରାମର ନଳକୂପରୁ ପାଣି ବାହାରୁ ନାହିଁ ଏବଂ କୂଅପୋଖରୀ ଶୁଖି ଯାଉଥିବା ସ୍ଥାନୀୟ ଅଞ୍ଚଳର ଶ୍ରୀଧର କୁମାର ରାଉତ, ଜୟଦେବ ନାୟକ, ହେମନ୍ତ କୁମାର ପାଢ଼ୀ ପ୍ରମୁଖ କହିଛନ୍ତି।

ରାଜ୍ୟ ଜଳ ସମ୍ପଦ ବିଭାଗ ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ୨୦୧୮ ଅଗଷ୍ଟରେ ରାମ୍‌କୋ ସିମେଣ୍ଟ କାରଖାନାର ନିର୍ମାଣ ଏବଂ ପାନୀୟ ଜଳ ଉଦ୍ଦେଶ୍ୟରେ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ମିଳିଥିଲା। ଉକ୍ତ ଅନୁମତି ପତ୍ରରେ ୧୭ରୁ ଉର୍ଦ୍ଧ୍ୱ ସର୍ତ୍ତ ରହିଥିଲା। ବିଶେଷକରି କାରଖାନାରେ ଉତ୍ପାଦନ ଆରମ୍ଭ ହେବା ପରେ ଭୂପୃଷ୍ଠରେ ବୋହିଯାଉଥିବା ପାଣି ବ୍ୟବହାର କରିବା ଏବଂ ପରବର୍ତ୍ତୀ ସମୟରେ ଭୂତଳ ଜଳ ବ୍ୟବହାରକୁ ବନ୍ଦ କରିବାକୁ ପଡ଼ିବ ବୋଲି ସର୍ତ୍ତ ରହିଥିଲା। ଗତ ପ୍ରାୟ ୩ ବର୍ଷ ହେଲା ରାମ୍‌କୋ ଉତ୍ପାଦନ ଆରମ୍ଭ କରିସାରିଛି। କିନ୍ତୁ ଭୂତଳ ଜଳ ବ୍ୟବହାରକୁ ନେଇ ଜଳ ସମ୍ପଦ ବିଭାଗର କୌଣସି ନୀତିନିୟମକୁ କମ୍ପାନୀ ମାନୁ ନ ଥିବା ଅଭିଯୋଗ ହେଉଛି। ଇପିକଲ ପକ୍ଷରୁ ଯୋଗାଇ ଦିଆଯାଇଥିବା ୧୦୦ ଏକର ଜମିରେ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା କରିଥିବାବେଳେ ଏଥିପାଇଁ ଜନଶୁଣାଣି ହୋଇନାହିଁ। ଏହାଛଡ଼ା ଏହି ୧୦୦ ଏକର ପରିସର ବାହାରେ ରାମ୍‌କୋ ପାଣି ପାଇଁ ଏକ ପୋଖରୀ ଖନନ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପୋଖରୀ ପାଣିରେ ଖରାଦିନେ ୧୫ ଦିନ ବି କାରଖାନା ଚଳାଇବା ସମ୍ଭବ ନୁହେଁ। ତେଣୁ ବିକଳ୍ପ ଭାବେ ରାମ୍‌କୋ ଏକାଧିକ ବୋରୱେଲ ଖୋଳି ପାଣି ଉତ୍ତୋଳନ କରୁଥିବାରୁ ଯୋଗଡ଼ା, ରଘୁନାଥପୁର, ମୁରାରିପୁର, ଖୁଣ୍ଟା, ଗୁଆରଙ୍ଗ, ଥାନୁଆଲ, ଶ୍ରୀବନ୍ତପୁର ପ୍ରଭୃତି ଗ୍ରାମର ନଳକୂପରୁ ପାଣି ବାହାରୁ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବେଆଇନ ଭୂତଳ ଜଳ ଉତ୍ତୋଳନ ଉପରେ ନିୟନ୍ତ୍ରଣ କରିବାକୁ ଗଠିତ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ (ସିଜିଡବ୍ଲ୍ୟୁବି) ଓ ଡିଷ୍ଟ୍ରିକ୍ଟ ଲେଭଲ ଇଭାଲ୍ୟୁଏଶନ କମିଟି(ଡିଏଲ୍‌ଇସି) ଏବଂ ଭୁବନେଶ୍ୱର ଭୂତଳ ଜଳ ବିକାଶ ନିର୍ଦ୍ଦେଶକ ରାମ୍‌କୋର ଏହି ବେଆଇନ କାର୍ଯ୍ୟ ପ୍ରତି ଖାଲି ଆଖି ବନ୍ଦ କରିନାହାନ୍ତି ବରଂ ସହଯୋଗୀ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭୂତଳ ଜଳ ହ୍ରାସ ନେଇ ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର–ଇନ୍–ଚିଫ୍ କାର୍ଯ୍ୟାଳୟର ଚିଫ୍ ଇଞ୍ଜିନିୟର ଦେବୀଦତ୍ତ ଆର୍. ଆର୍. ପଟ୍ଟନାୟକ ୧୩।୭।୨୦୨୩ରେ ତାଙ୍କ ମାସିକ ଅଗ୍ରଗତି ରିପୋର୍ଟରେ ବେଆଇନ ଭୂତଳ ଜଳ ଉତ୍ତୋଳନ ନିୟନ୍ତ୍ରଣ ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଦର୍ଶାଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ସଂକ୍ରାନ୍ତରେ ରାମ୍‌କୋର ଜେନେରାଲ ମ୍ୟାନେଜର ଅଜିତ କୁମାର ପଲଙ୍କୁ ପଚାରିବାରୁ ସେ କହିଛନ୍ତି, ଉତ୍ପାଦନ ପାଇଁ ପୋଖରୀ ପାଣି ବ୍ୟବହାର କରାଯାଉଛି। ବୋରୱେଲରୁ ପାଣି ଆଉ ଉତ୍ତୋଳନ କରାଯାଉନାହିଁ। ବୋରୱେଲ ପାଣି ବ୍ୟବହାର ଅଭିଯୋଗର କୌଣସି ସତ୍ୟତା ନାହିଁ।

# ନାବାଳିକାଙ୍କୁ ଅପହରଣ, ଗଣବଳାତ୍କାର

**ଉଦଳା, ୧୬।୭ (ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ଭୁବନେଶ୍ୱରରେ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା(ନଂ.୨୨୬/୨୩) ରୁଜୁ କରି କାର୍ତ୍ତିକ ବିନ୍ଧାଣୀ ଏବଂ ଗଜେନ୍ଦ୍ର ହେମ୍ବ୍ରମଙ୍କୁ ଗିରଫ କରିଛି। ଗତ ୧୦ ତାରିଖ ରାତିରେ ପୀଡ଼ିତା ଘରେ ଶୋଇଥିଲେ। ପରିବାର ଲୋକେ ବାହାରେ ଅନ୍ୟ କାମରେ ବ୍ୟସ୍ତ ଥିବା ବେଳେ ୨ ଅଭିଯୁକ୍ତ ତାଙ୍କୁ ଘରୁ ଉଠାଇ ନେଇ ଭୁବନେଶ୍ୱର ପଳାଇଥିଲେ। ସେଠାରେ ଏକ ଘରେ ରଖି ଦୁଇଦିନ ଧରି ଗଣବଳାତ୍କାର କରିବା ପରେ ନାବାଳିକାଙ୍କୁ ଆଣି ତାଙ୍କ ଘର ପାଖ ଛକରେ ଛାଡ଼ି ଚାଲିଯାଇଥିଲେ। ନାବାଳିକା ଜଣକ ଏ ନେଇ ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସିଥିଲା। ଏଥିରେ କୌଣସି ନିଷ୍ପତ୍ତି ନ ହେବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ୫–ଟି ସଚିବଙ୍କ ଗସ୍ତ ପାଇଁ ବିଭ୍ରାଟ

■ ଏନ୍‌ଏସ୍‌ସିବି କଲେଜର ସେମିଷ୍ଟର ପରୀକ୍ଷା ବାତିଲ

■ ସଭା ଶେଷ ପରେ ସଂଘର୍ଷର ଭିଡିଓ ଭାଇରାଲ

**ସମ୍ବଲପୁର, ୧୬।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ଦୁଇଦିନିଆ ଗସ୍ତରେ ୫–ଟି ସଚିବ ଭିକେ ପାଣ୍ଡିଆନ ଆସି ଫେରିଯାଇଛନ୍ତି। ପ୍ରଥମ ଦିନ ଶନିବାର ଧନକଉଡା ସ୍କୁଲ ପଡ଼ିଆରେ କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମ ଶେଷ ହୋଇସାରିବା ପରେ ସଚିବ ପାଣ୍ଡିଆନ ଚାଲିଯାଇଥିଲେ। ପରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସଭାସ୍ଥଳରେ ଗୋଟିଏ କଲେଜର ଦୁଇଜଣ ଛାତ୍ର ଆଉ ଗୋଟିଏ କଲେଜର ଜଣେ ଛାତ୍ରଙ୍କୁ ମାର୍‌ପିଟ କରୁଛନ୍ତି। ସଭାସ୍ଥଳରେ ପଡିଥିବା ଚଉକି ଫିଙ୍ଗୁଛନ୍ତି। ତେବେ ସେମାନେ କେଉଁ କଲେଜର ଛାତ୍ର ଜଣାପଡ଼ିନାହିଁ।

ସେହିପରି ପାଣ୍ଡିଆନଙ୍କ ଗସ୍ତ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜର ସେମିଷ୍ଟର ପରୀକ୍ଷା ବାତିଲ ହୋଇଥିବା ଛାତ୍ରମାନେ ସୋସିଆଲ ମିଡିଆରେ ଅଭିଯୋଗ କରିଛନ୍ତି। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ପରୀକ୍ଷା ବାତିଲ ନେଇ କୌଣସି ସୂଚନା ପୂର୍ବରୁ ଦିଆଯାଇ ନ ଥିଲା। କଲେଜ ଆସିବା ପରେ ସିଟି ବସ୍ ଲାଗିଥିଲା। କଲେଜ କର୍ତ୍ତୃପକ୍ଷ ସିଟିବସ୍‌ରେ ବସିବାକୁ କହିଥିଲେ। କେତେକ ଛାତ୍ର ବିରୋଧ କରିଥିଲେ ହେଲେ କେହି ଶୁଣି ନ ଥିଲେ। ସିଟିବସ୍‌ରେ ସଭାସ୍ଥଳକୁ ନେଇଥିଲେ। ପରୀକ୍ଷା ପାଇଁ ଜୁଲାଇ ୧୦ ତାରିଖ କଲେଜ କର୍ତ୍ତୃପକ୍ଷ ନୋଟିସ କରିଥିଲେ। ସେହି ନୋଟିସରେ ୧୫ ତାରିଖ ଯୁକ୍ତ ୩ ପ୍ରଥମ ବର୍ଷର ଦ୍ୱିତୀୟ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ଥିଲା। କିନ୍ତୁ ପରୀକ୍ଷା ହେଲା ନାହିଁ। ପରୀକ୍ଷା ବାତିଲ କରି ପିଲାଙ୍କ ଜୀବନ ସହ ଖେଳାଯାଉଛି ବୋଲି ଅଭିଯୋଗ କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ସିକତା ପଣ୍ଡାଙ୍କୁ ଫୋନ ନମ୍ବରରେ ଯୋଗାଯୋଗ ହୋଇପାରିନାହିଁ।


ସମ୍ବଲପୁର ଧନକଉଡା ସଭାସ୍ଥଳରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ।






# କୁଇ ଭାଷାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ରକୁ ସୁପାରିସ

**ମାଲକାନଗିରି, ୧୬।୭ (ଦୁର୍ଯ୍ୟୋଧନ ପାତ୍ର)**

ଓଡ଼ିଶାରେ ୧୪ ଲକ୍ଷରୁ ଉର୍ଦ୍ଧ୍ୱ କୁଇ ଭାଷାଭାଷୀ ଜନଜାତି ବସବାସ କରୁଛନ୍ତି। ବିଶେଷକରି କନ୍ଧ ସମ୍ପ୍ରଦାୟର ଜନଜାତି ଏହି ଭାଷା ବ୍ୟବହାର କରନ୍ତି। ଏହା ରାଷ୍ଟ୍ରୀୟ ଭାଷା ମାନ୍ୟତା ପାଇ ନ ଥିବାରୁ ମାଲକାନଗିରି ଜିଲା କନ୍ଧ ସମାଜ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ଦାବିକରି ଆସୁଥିଲେ। ଗତ କ୍ୟାବିନେଟ ବୈଠକରେ ରାଜ୍ୟ ସରକାର କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ରକୁ ସୁପାରିସ କରିଥିବାରୁ ମାଲକାନଗିରି କନ୍ଧ ସମାଜ ସରକାରଙ୍କୁ ଧନ୍ୟବାଦ ଦେଇଛି।

କନ୍ଧ ସମାଜ ସଭାପତି ଗୋପୀ ପାଙ୍ଗୀ ରବିବାର ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କୁଇ ଭାଷାକୁ ଆହୁରି ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା କୁଇ ଭାଷା, ସାଂସ୍କୃତିକ ସଂସ୍କରଣ, ବିକାଶ, ପ୍ରଚାର ପ୍ରସାର ଓ ଗବେଷଣା ଆହୁରି ବ୍ୟାପକ ହେବ। ଏଥିରେ ଅଧିକ କୁଇ ଭାଷାଭାଷୀ ଲୋକେ ଉପକୃତ ହେବେ ବୋଲି କୁହାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସଞ୍ଜୀବ ଖରା, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲରି, ଉପଦେଷ୍ଟା ଆନନ୍ଦ ପାଙ୍ଗୀ, ସଂଗଠନ ସମ୍ପାଦକ ସହଦେବ ପାଙ୍ଗି, ଚିତ୍ରକୋଣ୍ଡା ବ୍ଲକ ସଭାପତି ଦେବ ଖରା, ମାଥିଲି ବ୍ଲକ ସଭାପତି ଗୁରୁନାଥ ପାଙ୍ଗୀ, କୋରୁକୋଣ୍ଡା ବ୍ଲକ ସଭାପତି ମାଳତି ପାଙ୍ଗୀ, ମାଲକାନଗିରି ବ୍ଲକ ଉପଦେଷ୍ଟା ବୁଦ୍ରା ଗଲରି, ଖଇରପୁଟ ବ୍ଲକ ଉପଦେଷ୍ଟା ମନ ପାଙ୍ଗୀ ଓ ସୀତାରାମ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କୁଇ ସମାଜ କର୍ମକର୍ତ୍ତା।

**ଆଜିର ମନ୍ତବ୍ୟ**

"ପୂର୍ବରୁ ଅନ୍ତର୍ଜାତୀୟ ଫୋରମ୍‌ରେ ଭାରତର କଥାକୁ ଗୁରୁତ୍ୱର ସହ ନିଆଯାଉ ନ ଥିଲା। ଏବେ ଭାରତ କହିଲା ବେଳେ ସାରା ବିଶ୍ୱ ଏହାକୁ ମନଯୋଗ ଦେଇ ଶୁଣୁଛି। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକ୍ଛିକା**
**କାଠିଆ କଦଳୀ ମୁହଁକୁ ପକା**
**ମୁହଁ ଯାକ ହେଲା ଛଉରେ,**
**ଷୋଳ ବୟସୀ ବାହାରେ ପକେଇ**
**ବୁଢ଼ୀକି ରସିଣ ଥାଉରେ।**

ପରକୀୟା ପ୍ରୀତି ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ଯୁବତୀ ସ୍ତ୍ରୀକୁ ହେୟଜ୍ଞାନ କରି ଜଣେ ବୟସ୍କା ନାରୀ ପ୍ରତି ଆସକ୍ତ ହୋଇପଡ଼ିଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଛି ଛି ମଦ ଖାଇବି ନାହିଁ ମୁଁ**
**କଳା ପାଣି ପରି ଦିଶେ**
**ଏଇ କଳାପାଣି ପେଟରେ ପଡ଼ିଲେ**
**ଚଉଦ ଭୁବନ ଦିଶେ।**

ମଦ ଏକ ନିଶାଦ୍ରବ୍ୟ ହୋଇଥିବାବେଳେ ଏହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ମଦ ପିଉଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ହରାଇ ବସିବା ସହ ଅନେକ ଆପରାଧିକ କାର୍ଯ୍ୟ କରିବସିଥାଏ। ମଦର କ୍ରିୟା ଓ ପ୍ରତିକ୍ରିୟା ପ୍ରକାଶ କରାଯାଇଥିବାବେଳେ ମଦ ନ ପିଇବା ନେଇ ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଦେବୀ ନଦୀରେ ଭାସିଗଲେ ନାବାଳକ କାଉଡ଼ିଆ

**ଜଗତ୍‌ସିଂହପୁର, ୧୬।୭ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଆଲିପିଙ୍ଗଳ ନିକଟ ଦେବୀ ନଦୀରେ ରବିବାର ଅଭାବନୀୟ ଘଟଣା ଘଟିଛି। ଆଲିପିଙ୍ଗଳ ଆରପଟ କେତକେଶ୍ୱର ଘାଟରୁ ଜଣେ ନାବାଳକ କାଉଡ଼ିଆ ନଦୀରେ ଭାସି ଯାଇଛନ୍ତି। ସମ୍ପୃକ୍ତ ନାବାଳକ ହେଲେ ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗ୍ରାମର ରମେଶ ପ୍ରଧାନଙ୍କ ପୁଅ ଭୋଲା ପ୍ରଧାନ (୧୪)। ଅନ୍ୟ ୩ ଜଣଙ୍କ ଗୋଡ଼ ନଦୀରେ ଖସି ଯାଇଥିଲେ ସୁଦ୍ଧା ସେମାନେ ରକ୍ଷା ପାଇଯାଇଛନ୍ତି। ଅପରାହ୍ନ ୫ଟା୪୦ରୁ ନାବାଳକ ନିଖୋଜ ଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ । ଉଦ୍ଧାର ପାଇଁ ଜଗତ୍‌ସିଂହପୁର ଅଗ୍ନିଶମ ବାହିନୀର ୬ ଜଣିଆ ଟିମ୍ ପୂରା ଦମ୍‌ରେ ଲାଗିଛନ୍ତି। ଏଥିମଧ୍ୟରେ ନିଖୋଜ ଭୋଲାଙ୍କ ଗାମୁଛା ଉଦ୍ଧାର ହୋଇଛି । ଜଣେ ବ୍ୟକ୍ତି ନଦୀରେ ମାଛ ଧରୁଥିବା ବେଳେ ଗାମୁଛାଟି ଜାଲରେ ଲାଗିବାରୁ ତାହା ଭୋଲାଙ୍କର ବୋଲି କୁହାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଶୈବପୀଠଗୁଡ଼ିକରେ ଜଳାଭିଷେକ କରିବା ପାଇଁ ରବିବାର କେତକେଶ୍ୱର ଘାଟରେ ଭିଡ଼ ଜମିଛି। ବିଦ୍ୟାଧରପୁର ଗ୍ରାମର ଭୋଲାଙ୍କ ସମେତ ୫ ଜଣ ପିଲା ଏହି ଘାଟରୁ ପାଣି ଉଠାଇବା ପାଇଁ ଅପରାହ୍ନରେ ପହଞ୍ଚିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଭୋଗ ଆଣିବାକୁ ଯାଇଥିବାବେଳେ ଅନ୍ୟ ୪ ଜଣ ନଦୀରେ ସ୍ନାନ କରିବାକୁ ଯାଇଥିଲେ। କିନ୍ତୁ ଗଣ୍ଡ ସ୍ଥାନରେ ପଶିଯିବାରୁ ସେମାନଙ୍କ ଗୋଡ଼ ଖସି ଯାଇଥିଲା। ସୌଭାଗ୍ୟ ବଶତଃ ଉପସ୍ଥିତ ଅନ୍ୟ କାଉଡ଼ିଆମାନେ ୩ ଜଣଙ୍କୁ ଉଦ୍ଧାର କରିବାକୁ ସମର୍ଥ ହୋଇଥିଲେ ମାତ୍ର ଭୋଲା ପାଣିରେ ବୁଡ଼ି ଯାଇଥିଲେ। ଏହାପରେ କାଉଡ଼ିଆମାନଙ୍କ ସମେତ ଅନ୍ୟ ଲୋକମାନେ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ କରିପାରି ନ ଥିଲେ। ଖବରପାଇ ଜଗତ୍‌ସିଂହପୁର ଅଗ୍ନିଶମ ବାହିନୀର ୬ ଜଣିଆ ଦଳ ପହଞ୍ଚି ଖୋଜାଖୋଜି ଜାରି ରଖିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଅଶୋକ କୁମାର ଶତପଥୀଙ୍କୁ ପଚାରିବାରୁ ରାତି ହୋଇଥିବାରୁ ବୋଟ୍ ନେବା ସମ୍ଭବ ହେଉନି। ଲାଇଫ ଜ୍ୟାକେଟ୍ ଓ ଅନ୍ୟ ଆନୁଷଙ୍ଗିକ ସାମଗ୍ରୀ ସହ ଅଗ୍ନିଶମ କର୍ମଚାରୀମାନେ ନାବାଳକଙ୍କୁ ଖୋଜି ଚାଲିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସଫଳ ହୋଇ ନ ଥିବା କହିଛନ୍ତି।

**୩ ଜଣ ବର୍ତ୍ତିଗଲେ**

## ପ୍ରଥମ ପୃଷ୍ଠାରୁ...

### ଭାଜପା ଖୋଜୁଛି ସାଥୀ...

ବିହାରର ୪ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନେ ହେଲେ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ନେତା ଚିରାଗ ପାଶ୍ୱାନ, ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା(ଏଚ୍ଏଏମ୍)ର ଜିତନରାମ ମାଞ୍ଝି, ରାଷ୍ଟ୍ରୀୟ ଲୋକ ସମତା ପାର୍ଟିର ଉପେନ୍ଦ୍ର ସିଂ କୁଶ୍ୱାହା ଏବଂ ବିକାଶଶୀଳ ଇନ୍‌ସାନ ପାର୍ଟିର ମୁକେଶ ସାହାନି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ସହଯୋଗୀ ଓମ୍‌ପ୍ରକାଶ ରାଜଭରଙ୍କ ଦଳ ସୁହେଲଦେବ ଭାରତୀୟ ସମାଜ ପାର୍ଟି ରବିବାର ଏନ୍‌ଡିଏରେ ଯୋଗଦେଇଛି। ଏସ୍‌ପି ବିଧାୟକ ଦାରା ସିଂ ଚୌହାନ ଶନିବାର ଉତ୍ତରପ୍ରଦେଶ ବିଧାନସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଏବଂ ବାଦଲ ପରିବାର ନିୟନ୍ତ୍ରଣରେ ଥିବା ଶିରୋମଣି ଅକାଳୀ ଦଳ ଏନ୍‌ଡିଏରେ ଯୋଗଦେବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିବାବେଳେ ଭାଜପା ସେମାନଙ୍କ ସହ ମେଣ୍ଟ କରିବ ନାହିଁ ବୋଲି ଜଣାପଡ଼ିଛି। ପଞ୍ଜାବରେ ଭାଜପା ଏକାକୀ ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିବାବେଳେ ଆନ୍ଧ୍ରପ୍ରଦେଶରେ ପୱନ କଲ୍ୟାଣଙ୍କ ଜନସେନା ପାର୍ଟି ସହ ମେଣ୍ଟ କରିବ ବୋଲି ଏକ ସୂତ୍ରରୁ ପ୍ରକାଶ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟ ଏନ୍‌ଡିଏରେ ସାମିଲ ହେବା ନେଇ ସଙ୍କେତ ଦେଇଛି।

ଉଲ୍ଲେଖଯୋଗ୍ୟ ଏନ୍‌ଡିଏରେ ଏବେ ୨୪ ଦଳ ରହିଛନ୍ତି। ସେଗୁଡ଼ିକ ହେଲେ ଭାଜପା, ଏଆଇଏଡିଏମ୍‌କେ, ଶିବସେନା (ଏକନାଥ ଶିନ୍ଦେ ଗୋଷ୍ଠୀ), ନ୍ୟାଶନାଲ ପିପୁଲ୍‌ସ ପାର୍ଟି(ଏନ୍‌ପିପି), ନ୍ୟାଶନାଲିଷ୍ଟ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି), ଏସ୍‌କେଏମ୍ (ସିକିମ କ୍ରାନ୍ତିକାରୀ ପାର୍ଟି), ଜେଜେପି(ଜନନାୟକ ଜନତା ପାର୍ଟି), ଆଇଏମ୍‌କେଏମ୍‌କେ (ଇଣ୍ଡିଆ ମକ୍କଲ କଲଭି ମୁନେତ୍ରା କାଝାଗମ), ଏଜେଏସୟୁ(ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ ୟୁନିୟନ), ଆର୍‌ପିଆଇ (ରିପବ୍ଲିକ୍ ପାର୍ଟି ଅଫ୍ ଇଣ୍ଡିଆ), ଏମ୍‌ଏନ୍‌ଏଫ୍ (ମିଜୋ ନ୍ୟାଶନାଲ ଫ୍ରଣ୍ଟ), ଟିଏମ୍‌ସି (ତାମିଲ ମାନିଲା କଂଗ୍ରେସ), ଆଇପିଏଫ୍‌ଟି(ତ୍ରିପୁରା), ବିପିପି (ବୋଡୋ ପିପୁଲ୍‌ସ ପାର୍ଟି), ପିଏମ୍‌କେ (ପଟାଲି ମକ୍କାଲ କାଛି), ଏମ୍‌ଜିପି (ମହାରାଷ୍ଟ୍ର ଗୋମନ୍ତକ ପାର୍ଟି), ଅପନା ଦଳ, ଏଜିପି (ଆସାମ ଗଣ ପରିଷଦ), ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି, ନିଶାଦ ପାର୍ଟି, ୟୁପିପିଏଲ୍ (ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବେରାଲ), ଏଆଇଆର୍‌ଏନ୍‌ସି (ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ପୁଡୁଚେରି), ଶିରୋମଣି ଅକାଳୀ ଦଳ ସଂଯୁକ୍ତ(ଧିଣ୍ଡସା) ଏବଂ ଜନସେନା (ପୱନ କଲ୍ୟାଣ)। ଏହା ବ୍ୟତୀତ ଶାସକ ମେଣ୍ଟରେ ସାମିଲ ହୋଇଥିବା ନୂଆ ଦଳଗୁଡ଼ିକ ହେଲେ ଏନ୍‌ସିପି ଅଜିତ ପାୱାର ଗୋଷ୍ଠୀ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ), ଏଚ୍‌ଏଏମ୍ (ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା), ଆର୍‌ଏଲ୍‌ଏସ୍‌ପି (ରାଷ୍ଟ୍ରୀୟ ଲୋକ ସମତା ପାର୍ଟି), ଭିଆଇପି (ବିକାଶଶୀଳ ଇନ୍‌ସାନ ପାର୍ଟି) ଏବଂ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି)।

### ଇଞ୍ଜିନକୁ ଛାଡ଼ି ୨୦୦ ମିଟର ...

ଦୋହରୀକରଣ କାର୍ଯ୍ୟ ଚାଲିଥିବାରୁ ପୁରୁଣା ରେଳ ଧାରଣାରେ ରେଳ ଚଳାଚଳ ନେଇ ନିର୍ଭର କରିବାକୁ ପଡୁଛି। ଫଳରେ ଟ୍ରେନ ଚାଲିଲେ ଧାରଣାରେ ଅଧିକ କମ୍ପନ ସୃଷ୍ଟି ହୋଇ ଇଞ୍ଜିନ-ବଗି ଅଲଗା ହେବା ପରି ଘଟଣାମାନ ବାରମ୍ବାର ଘଟୁଛି। ଏ ଦିଗରେ ରେଳ ବିଭାଗ ଗୁରୁତ୍ୱ ଦେବାକୁ ସାଧାରଣରେ ଆଲୋଚନା ହେଉଛି।

# ଫ୍ଲିପ୍‌କାର୍ଟ କମ୍ପାନୀର ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ

**ବୌଦ୍ଧ, ୧୬।୭ (ଅଜିତ କୁମାର ବାରିକ)**




ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ତିନି ଅଭିଯୁକ୍ତ । ଜବତ ଦୁଇ ବାଇକ୍ ।

ଦେଶରେ ଏବେ ଅନ୍‌ଲାଇନ ବ୍ୟବସାୟ ଚାଲିଥିବା ବେଳେ କମ୍ପାନୀଗୁଡ଼ିକ ବିଭିନ୍ନ ଜିଲାରେ ଗୋଦାମ ଖୋଲି ଲୋକଙ୍କୁ ସୁବିଧାରେ ସାମଗ୍ରୀ ପହଞ୍ଚାଇଥାନ୍ତି। କିନ୍ତୁ କମ୍ପାନୀରେ ଚାକିରି କରୁଥିବା କେତେଜଣ କର୍ମଚାରୀ କମ୍ପାନୀକୁ ଠକି ଲକ୍ଷାଧିକ ଟଙ୍କା ଲୁଟିଥିବା ନେଇ ବୌଦ୍ଧ ଜିଲାର ଦୁଇଟି ଥାନାରେ ଗତ କିଛି ଦିନ ତଳେ ଅଭିଯୋଗ ହୋଇଥିଲା। ଏହି ଅନ୍‌ଲାଇନ କମ୍ପାନୀ ହେଲା ଫ୍ଲିପ୍‌କାର୍ଟ। ଉକ୍ତ କମ୍ପାନୀର ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ରବିବାର ଦିନ ବୌଦ୍ଧ ପୋଲିସ ୩ ଜଣ କର୍ମଚାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ହୋଇଥିବା କର୍ମଚାରୀ ହେଲେ ନୟାଗଡ଼ ଜିଲା ଦୁର୍ଗାପ୍ରସାଦ ଗ୍ରାମର ସୁନୀଲ ପ୍ରିୟରଞ୍ଜନ ପାଲ(୨୫), ଖୋର୍ଦ୍ଧା ଜିଲା ପାଇକ ସାହି ଅନ୍ତର୍ଗତ ପୋଡାଡିହ ଗ୍ରାମର ଆଶିଷ ରଞ୍ଜନ ପ୍ରଧାନ(୨୪) ଓ ବାଲେଶ୍ୱର ଜିଲା ଜଳେଶ୍ୱରର ବ୍ୟୋମକେଶ ଗିରି(୩୧) ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ନିକଟରୁ ନଗଦ ୪.୫ ଲକ୍ଷ ଟଙ୍କା, ଗୋଟିଏ ଲାପଟପ୍, ୩ଟି ମୋବାଇଲ ଫୋନ ଓ ୨ ଗୋଟି ମୋଟର ସାଇକେଲ ଜବତ କରାଯାଇଛି। ଗିରଫ ପରେ ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଏନେଇ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଉକ୍ତ ଠକେଇ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କର୍ମଚାରୀମାନେ ଫ୍ଲିପକାର୍ଟ କମ୍ପାନୀର କିଛି ସାମଗ୍ରୀ ପହଞ୍ଚାଇବା ପରେ ଗ୍ରାହକଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥକୁ କମ୍ପାନୀ ଖାତାରେ ଜମା ନ କରି ଏହାକୁ ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ବୌଦ୍ଧ ଜିଲାର ବାଉଁଶୁଣୀ ଓ କଣ୍ଟାମାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ବାଉଁଶୁଣୀ ଥାନାରେ ସ୍ଥାନୀୟ ଡିମିରିପାଲି ଗ୍ରାମର

**କମ୍ପାନୀର ୩ କର୍ମଚାରୀ ଗିରଫ**

**■ ସାଢେ ୪ ଲକ୍ଷ ଟଙ୍କା ସହ ଦୁଇ ବାଇକ୍ ଜବତ**

ତଥା ଉକ୍ତ କମ୍ପାନୀର କର୍ମଚାରୀ ଗୋପାଲ ମେହେରଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ କମ୍ପାନୀର ୨୮,୪୩,୫୬୭ ଟଙ୍କା ହଡ଼ପ କରାଯାଇଛି। ସେହିପରି କଣ୍ଟାମାଳ ଥାନାରେ ଅନ୍ୟ ଜଣେ କର୍ମଚାରୀ ବିଶ୍ୱନାଥ ପ୍ରତାପ ସାହୁଙ୍କ ପକ୍ଷରୁ ୧,୯୨,୭୨୦ ଟଙ୍କା ନେଇ କମ୍ପାନୀର ସମ୍ପୃକ୍ତ କର୍ମଚାରୀମାନେ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏହାବ୍ୟତୀତ ଅନୁଗୋଳ ଜିଲା ବାମୁର ଥାନା ଅଞ୍ଚଳରୁ ମଧ୍ୟ ଏହି କର୍ମଚାରୀମାନେ ଗ୍ରାହକଙ୍କ ନିକଟରୁ ଆଦାୟ କରିଥିବା ୨.୯ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଥିବା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ସୂଚନା ଦେଇଥିଲେ। ଫ୍ଲିପକାର୍ଟ କମ୍ପାନୀର ଜୟପୁର ଅଫିସ୍‌ର ଅଧିକାରୀମାନେ ବୌଦ୍ଧ ଆସି ସବୁ ଘଟଣାର ଅନୁଧ୍ୟାନ କରିବା ପରେ ସ୍ଥାନୀୟ କର୍ମଚାରୀଙ୍କ ଜରିଆରେ ଫେରାର କର୍ମଚାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଇଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏହି ମାମଲାର ତଦନ୍ତ ଏସ୍‌ପି ରାଜପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଫେରାର କର୍ମଚାରୀମାନଙ୍କ ମୋବାଇଲ ଟ୍ରାକିଂ କରି ପୋଲିସ ଘଟଣାର ପ୍ରାୟ ଏକମାସ ମଧ୍ୟରେ ୩ ଜଣ କର୍ମଚାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। କଣ୍ଟାମାଳ ଥାନା କେସ୍ ନଂ. ୧୧୧/୨୩ ଓ ବାଉଁଶୁଣୀ ଥାନା କେସ୍ ନଂ. ୮୫/୨୩ ଆଧାରରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆହୁରି ନୂତନ ତଥ୍ୟ ପଦାକୁ ଆସିବାର ସମ୍ଭାବନା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପୁରୁଣା ପେନ୍‌ସନ୍ ସ୍କିମ୍ ଲାଗୁ ଦାବିକଲା ଏନ୍‌ଏମ୍‌ଓପିଏସ୍




**ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)**

କେନ୍ଦ୍ର ସରକାର ୨୦୦୪ରେ ଓ ରାଜ୍ୟ ସରକାର ୨୦୦୫ରେ ପୁରୁଣା ପେନ୍‌ସନ୍ ଉଚ୍ଛେଦ କରି ନୂତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାଦ୍ୱାରା ହଜାର ହଜାର ସରକାରୀ କର୍ମଚାରୀ ୩୦ରୁ ୪୦ ବର୍ଷ ଚାକିରି କରି ଅବସର ପରେ ୧ହଜାରରୁ ୨ହଜାର ଟଙ୍କା ପେନ୍‌ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅପରପକ୍ଷେ ବିଧାୟକ ଓ ଏମ୍‌ପି ପୂର୍ବପରି ପୁରୁଣା ବ୍ୟବସ୍ଥାରେ ପେନ୍‌ସନ୍ ପାଉଛନ୍ତି। ନେତାଙ୍କ ପାଇଁ ଗୋଟେ ନିୟମ ଥିବାବେଳେ ସରକାରୀ କର୍ମଚାରୀଙ୍କ ଲାଗି ଏଭଳି ଅବ୍ୟବସ୍ଥା କାହିଁକି ବୋଲି ପୁରୁଣା ପେନ୍‌ସନ୍ ପାଇଁ ଜାତୀୟ ଆନ୍ଦୋଳନ (ଏନ୍‌ଏମ୍‌ଓପିଏସ୍) ଓଡ଼ିଶା ପକ୍ଷରୁ ପ୍ରଶ୍ନ କରାଯାଇଛି। ରବିବାର ଓଡ଼ିଶା ସଚିବାଳୟ ସେବା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ନୂତନ ପେନ୍‌ସନ୍ ସ୍କିମ୍ (ଏନ୍‌ପିଏସ୍) ପରିବର୍ତ୍ତେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) ଲାଗୁ କରିବା ପାଇଁ ଦାବି କରାଯାଇଥିଲା। ସଭାପତି ବିଜୟ ମଲ୍ଲ ସଭାପତିତ୍ୱ କରି ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଦୃଢ଼ ବିରୋଧ କରିଥିଲେ। ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ ରାଜ୍ୟ ସରକାର କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁରୁଣା ପେନ୍‌ସନ୍ ଲାଗୁ କରିଛନ୍ତି। ସେହିପରି ଉତ୍ତରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର ରାଜ୍ୟ ସରକାର କମିଟି ଗଠନ କରି ପୁରୁଣା ପେନ୍‌ସନ୍ ଲାଗୁ କରିବା ପାଇଁ ଅଗ୍ରସର ହେଉଛନ୍ତି। କିନ୍ତୁ ଓଡ଼ିଶା ସରକାର ଏଥିପ୍ରତି ବୀତସ୍ପୃହ ହେବା ଉଚିତ୍ ନୁହେଁ ବୋଲି ବିଜୟ କହିଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସଂଘର ରାଜ୍ୟ ସଂଯୋଜକ ଇତ୍‌କାର ଅହମ୍ମଦ, ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବିଭୁପ୍ରସାଦ ସାହୁ, ବିକ୍ରମ ରଥ ପ୍ରମୁଖ ଦାବି କରିଛନ୍ତି। ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ସଭା ପରିଚାଳନା କରିଥିବାବେଳେ ଏନ୍‌ଏମ୍‌ଓପିଏସ୍ ଓଡ଼ିଶାର ସମସ୍ତ ମୁଖ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ।



ଗିରଫ ୯ ଅଭିଯୁକ୍ତ

### ଆନ୍ତଃରାଜ୍ୟ ର୍‍ୟାକେଟ୍‌ର ...

ସାଇବର ଥାନା ଅଧିକାରୀଙ୍କୁ ନେଇ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଥିଲା। ରବିବାର ଭୋର୍ ସମୟରେ ସହଦେବଖୁଣ୍ଟା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ସ୍ୱତନ୍ତ୍ର ଟିମ୍ ଜଗି ରହିଥିଲା। ଏକ କାର୍‌କୁ ଅଟକାଇ ଯାଞ୍ଚ ପରେ ର୍‍ୟାକେଟ୍‌ରେ ସମ୍ପୃକ୍ତ କିଛି ଜଣଙ୍କୁ ଟିମ୍ ଧରିଥିଲା। ସେମାନଙ୍କୁ ପଚରାଉଚରା କରାଯାଇ ତାଳସାରୀ ମେରାଇନ୍ ଥାନା ଅଞ୍ଚଳର ଏକ ହୋଟେଲରେ ଚଢ଼ାଉ କରି ଏହି ସ୍କାମ୍‌ରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ବହୁ ମୂଲ୍ୟବାନ କାଗଜପତ୍ର ଜବତ କରାଯାଇଛି। ଏହି ସ୍କାମ୍‌ରେ ସମ୍ପୃକ୍ତ ମୋଟ୍ ୯ଜଣ ଭୁବନେଶ୍ୱରରୁ ଏମ୍‌ଡ଼ି ସମିରୁଦ୍ଦିନ, ମୁସ୍ତାଖିନ ଖାଁ, ସାଇନା ପରବିନ୍ ଓ ଖୋର୍ଦ୍ଧା ଅଞ୍ଚଳରୁ ବିଶ୍ୱରଞ୍ଜନ ମହାପାତ୍ରଙ୍କୁ ଗିରଫ କରାଯିବା ସହ ବିହାର ରାଜ୍ୟର ଅଜୟ କୁମାର, ବିଜେନ୍ଦ୍ର କୁମାର, ରାଜ କୁମାର ଓ ଦୀପକ କୁମାର ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟନମ୍ ଅଞ୍ଚଳର ଏମ୍‌ଡ଼ି.କେ.ସିଦ୍ଦିକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ପୂର୍ବରୁ ବାଲୁଗାଁ ଥାନାରେ ମାମଲା (ନଂ.୧୦୭/୨୦୧୩), ଆସିକା ଥାନାରେ ମାମଲା (ନଂ.୧୫୨/୨୦୧୩) ଓ ନିରାକାରପୁର ଥାନାରେ ମାମଲା (ନଂ. ୭୯/୨୦୧୯) ଥିବା ପୋଲିସ କହିଛି।

ଏ ସମ୍ପର୍କରେ ଏସ୍‌ପି ନାଥ କହିଛନ୍ତି, ଚାକିରି ଯୋଗାଇବା ନାଁରେ ବଡ଼ଧରଣର ର୍‍ୟାକେଟ କାମ କରୁଥିବା ଗତ ରାତିରେ ସୂଚନା ମିଳିଥିଲା। ଏଥିପାଇଁ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଥିଲା। ଅଭିଯୁକ୍ତମାନେ ଓଜେଇଇ ମେନ୍‌ସ ଓ କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ-ଏସ୍‌ଏସ୍‌ସି ପରୀକ୍ଷାରେ ପିଲାମାନଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେବା ଏବଂ ଚାକିରି କରାଇଦେବାର ଲୋଭ ଦେଖାଇ ପାଖାପାଖି ୮ରୁ ୧୬ ଲକ୍ଷ ଟଙ୍କା ନେଉଥିଲେ। ପରୀକ୍ଷା ପୂର୍ବରୁ ଯୁବତୀଯୁବକଙ୍କ ନିକଟରୁ ଅରିଜିନାଲ ସାର୍ଟିଫିକେଟ୍, ବ୍ଲାଙ୍କ ସାଇନ୍ ଚେକ୍ ନେଇଥାନ୍ତି। ବସ୍‌ରେ ବିଭିନ୍ନ ସ୍ଥାନ ବୁଲାଇ ବୁଲାଇ ପ୍ରଶ୍ନପତ୍ର ଦେଇ ଚାକିରି କରାଇଦେବାର ଆଶା ଦେଇଥାନ୍ତି। ଏହି ଗ୍ରୁପ୍ ୮୮ ଜଣ ଯୁବତୀଯୁବକଙ୍କୁ ଠକିଥିବା ଜଣାପଡ଼ିଛି। ୩ଟି ରାଜ୍ୟର ପୋଲିସ ସହିତ ଯୋଗାଯୋଗରେ ରହିଛୁ। ରବିବାର ପରୀକ୍ଷା ହେଉଥିବା କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ-ଏସ୍‌ଏସ୍‌ସି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ପରୀକ୍ଷା ଠିକ୍ ଭାବେ ଶେଷ ହୋଇଥିବା ଏସ୍‌ପି କହିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ସଦର ଥାନା ଆଇଆଇସି ଜୟନ୍ତ ବେହେରା ଉପସ୍ଥିତ ଥିଲେ।

### ୨୧ ଯାଏ ବର୍ଷା...

ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡ଼ିକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯିବା ସହ ଜଳବନ୍ଦୀ ଆଶଙ୍କା ରହିଥିବାରୁ କଚ୍ଚାଘର ପ୍ରତି ବିପଦ ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଧାନ ଆଦି ବିହନ ବୁଣାଯାଇଥିବା ଜମିରେ ଯେପରି ପାଣି ନ ଜମିବ ସେଥିପାଇଁ ଚାଷୀମାନେ ବ୍ୟବସ୍ଥା ଗ୍ରହଣ କରିବାକୁ ସୂଚନା ଦିଆଯାଇଛି। ଅନ୍ୟପଟେ ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, କୋରାପୁଟ ଆଦି ୧୧ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ବଲାଙ୍ଗୀର, ସୋନପୁର, ଦେବଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ବରଗଡ଼ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତିର ସ୍ୱତନ୍ତ୍ରତା କାରଣରୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହାତ ଦେଲେ ସଫଳତା ପାଇବେ। ନିଜର ମନୋବଳ ହେତୁ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସମର୍ଥ ହେବେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ**
ବ୍ୟୟଭାବକୁ ଶନିଦୃଷ୍ଟିଜନିତ ଧୀର ମନ୍ଥର ଗତିରେ କାମରେ ପ୍ରବୃତ୍ତ ହେବେ। ସକାଳୁ ସକାଳୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ନିକଟରୁ ପାଇ ଖୁସି ହୋଇପାରନ୍ତି। ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ବିଶେଷ ଲାଭ ମିଳିପାରିବ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ।

**ମିଥୁନ**
ଆପଣଙ୍କ ଆକର୍ଷଣୀୟ ବ୍ୟବହାର ଅନ୍ୟମାନଙ୍କୁ ଆକର୍ଷିତ କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ, ଅଦାଲତ ଓ କଳା, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ**
ଆଜି ଯାହା ଖୋଜୁଛନ୍ତି ତାହା ପାଇବେ ଏବଂ ଯେମିତି ଭାବୁଛନ୍ତି ସେମିତି ହିଁ ହେବ। ଦୀର୍ଘଦିନର ଆଶା ଫଳବତୀ ହେବା ସମ୍ଭାବନା ରହିଛି କିନ୍ତୁ ଏଥିସକାଶେ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପ୍ରକାଶନ, ଯାତ୍ରା, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ।

**ସିଂହ**
କିଛି ବଡ ଧରଣର ଅସୁବିଧା ନ ହେଲେ ମଧ୍ୟ ଅନ୍ୟ ଉପରେ ନିର୍ଭର କରି ଚିନ୍ତିତ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ କିନ୍ତୁ ସାମୟିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ ସଙ୍କଟଜନିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯିବ। ପରୋକ୍ଷ ଶତ୍ରୁତା ଓ ବନ୍ଧୁଙ୍କ ବେଖାତିର କଥାରୁ ବିବ୍ରତ ରହିବେ।

**କନ୍ୟା**
ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ, ଋଣ ଯୋଗୁ ବ୍ୟସ୍ତ ରହିପାରନ୍ତି। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ପାଇ ଖୁସି ହେବେ।

**ତୁଳା**
କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। କୌଣସି ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତା ଦୁଃଖ ଲାଘବରେ ସହାୟକ ହେବ।

**ବିଛା**
କର୍ମକ୍ଷେତ୍ରରେ ଏକପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ନୀଚ ଜାତିର ବ୍ୟକ୍ତିଙ୍କ ଦ୍ୱାରା ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇଯିବେ। ବାଣିଜ୍ୟ, ପରିବହନ, ସଭାସମିତି ଓ ରାଜନୈତିକ କ୍ଷେତ୍ରରୁ ସୁଫଳ ପାଇବାର ଆଶା ରହିଛି।

**ମକର**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇ ଯିବ ଓ ଆରୋଗ୍ୟ ଲାଭ କରିବେ। ପରିବାରରେ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ର ସମସ୍ୟା ବହୁଳ ରହିବ।

**କୁମ୍ଭ**
ଅସାବଧାନତା କାରଣରୁ ଧନହାନି ଓ ଅସଂଯମ କଥାବାର୍ତ୍ତାରୁ କଳହର ସୂଚନା ରହିଛି। ଆବଶ୍ୟକତା ପୂରଣ ସକାଶେ ଧାର ଉଧାର କରିବାକୁ ପଡିପାରେ। ସାମାଜିକ କ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ପରିଜନ ସହ ଭ୍ରମଣ ସୁଯୋଗ ଜୁଟିବ।

**ମୀନ**
କୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବହୁତ କଥା କହିପାରନ୍ତି। ଆଜି ବାଣିଜ୍ୟ, ଲେଖାପଢା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ। ଆଲୋଚନା କାଳରେ ନିଜର ସିଦ୍ଧାନ୍ତ ବଦଳାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଚିତାଲାଗି ଅମାବାସ୍ୟା ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସୁବର୍ଣ୍ଣ ଚିତାଲାଗି, ଗୃହୀମାନଙ୍କର ଚିତାଲାଗି ପର୍ବ, ଅମାବାସ୍ୟାର ନିଶା ପାଳନ, ଜୁଲାଇ ୧୭ ତାରିଖ, ସୋମବାର, ଅନ୍ତର୍ଜାତୀୟ ନ୍ୟାୟ ଦିବସ, ନଦୀ ରଜସ୍ୱଳା, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୦ ଗତେ, ଘ.୦୬।୫୮ ମଧ୍ୟେ, ୧୦।୩୪ ଗତେ, ଘ୦୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୮ ଗତେ, ଘ.୦୮।୩୬ ମଧ୍ୟେ ରାହୁକାଳ ।।

# ତେଲ ନଦୀ ପୋଲ ଉପରେ ୫ ଫୁଟ ପାଣି

## କେନ୍ଦୁଝର-ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ


ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ବିପଜ୍ଜନକ ଭାବେ ଏକ ବସ୍ ଯାତାୟାତ କରୁଛି।

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲାରେ ଶନିବାରଠାରୁ ଅବିଶ୍ରାନ୍ତ ବର୍ଷା ଲାଗିରହିଛି। ଫଳରେ କେତେକ ସ୍ଥାନରେ ଜନଜୀବନ ପ୍ରଭାବିତ ହୋଇଛି। ଜିଲାର ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ପିଡବ୍ଲ୍ୟୁଡି ରାସ୍ତାର ଦାମାହୁଦା ପଞ୍ଚାୟତ କୁମୁଳାବାହାଳି ଗାଁସ୍ଥିତ ତେଲ ନଦୀ ପୋଲ ଉପରେ ରବିବାର ସକାଳୁ ୫ ଫୁଟର ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ କେନ୍ଦୁଝର-ମୟୂରଭଞ୍ଜ ଜିଲା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଉପରମୁଣ୍ଡ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ତେଲ ନଦୀ ଦେଇ ଜଳ ପ୍ରବାହିତ ହେଉଥିବାରୁ ପୋଲ ଉପରେ ୫ ଫୁଟର ବର୍ଷାଜଳ ପ୍ରବାହିତ ହେଉଛି। ଦାମାହୁଦା ପଞ୍ଚାୟତର କୁମୁଳା ବାହାଳି, ଘୋଲକୁଣ୍ଡ, ଡାଳପକା ପଞ୍ଚାୟତର ବନବୀର, ଗୋପୀନାଥପୁର, ମାଛଗଡ଼ ପଞ୍ଚାୟତର ଅସ୍ତଯୋଡ଼ି ଗାଁ ଲୋକଙ୍କ ସହ କଲେଜ ଛାତ୍ରୀଛାତ୍ର ଠାକୁରମୁଣ୍ଡା, ପଣସଗଡ଼ିଆ, ମନୋହରପୁର ଓ ପଡ଼ିଆବେଡ଼ା କଲେଜ ଯାଇପାରିନାହାନ୍ତି। କେନ୍ଦୁଝର ଜିଲାରୁ ୧୦ ଖଣ୍ଡ ବସ୍ ଠାକୁରମୁଣ୍ଡା ନ ଯାଇ ଅଟକି ରହିଛି। ସାହାରପଡ଼ା ବ୍ଲକରୁ ଠାକୁରମୁଣ୍ଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଛି। ଲଗାଣ ବର୍ଷା ଯୋଗୁ ଦାମାହୁଦା ପଞ୍ଚାୟତ ଅଞ୍ଚଳର ଅନେକ କଚ୍ଚାଘର ଭାଙ୍ଗିଥିବା ସୂଚନା ମିଳିଛି। ବେଲସରେଇ ଓ ଘୋଲକୁଣ୍ଡ ଗାଁ ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ରବିବାର ସନ୍ଧ୍ୟାରେ ପୋଲ ଉପରୁ ଜଳସ୍ତର ସାମାନ୍ୟ କମିବାରୁ କେତେକ ବସ୍ ବିପଜ୍ଜନକ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା।

# ମାଛଗାଁ କେନାଲ ଭାଙ୍ଗି ତରିକୁନ୍ଦ, ଦଳେଇଘାଇ ନିକଟରେ ଘାଇ

ଜଗତ୍‌ସିଂହପୁର,୧୬।୭
(ପ୍ରମୋଦ ନାୟକ)

ବିରିବାଟୀଠାରୁ ଜଗତ୍‌ସିଂହପୁର ଦେଇ ଲମ୍ବିଥିବା ମାଛଗାଁ କେନାଲର ତରିକୁନ୍ଦ ଓ ଦଳେଇଘାଇ ନିକଟରେ ଯଥାକ୍ରମେ ୨୦ ଓ ୧୫ ଫୁଟର ଘାଇ ହୋଇଛି। ଫଳରେ ଜଗତ୍‌ସିଂହପୁର-କନ୍ଦରପୁର ୫୫ ନଂ. ଜାତୀୟ ରାଜପଥରେ ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବା ସହ ପାଖାପାଖି ୧ ଘଣ୍ଟା ପର୍ଯ୍ୟନ୍ତ ଗମନାଗମନ ଠପ୍ ହୋଇ ଯାଇଥିଲା। କେବଳ ଏତିକି ନୁହେଁ, ଏହା ଏକ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ତରିକୁନ୍ଦ ବଜାରର ଅଧିକାଂଶ ଦୋକାନରେ ପାଣି ପଶିଯାଇଛି। ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେହିପରି ତରିକୁନ୍ଦ ପାଣ୍ଠି, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଲୋକଙ୍କ ଘରେ ପାଣି ପଶିବା ସହ ଶତାଧିକ ହେକ୍ଟର ଜମି ଜଳାର୍ଣ୍ଣବ ହୋଇଯାଇଛି। ଏନେଇ କ୍ଷତିପୂରଣ ଦାବିରେ ତରିକୁନ୍ଦ ବଜାରର ବ୍ୟବସାୟୀମାନେ ଆନ୍ଦୋଳନ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ତରିକୁନ୍ଦ ଗ୍ରାମର ପଞ୍ଚୁ ସାହୁ, କାହ୍ନୁଚରଣ ସାହୁ, ଜୟଦେବ ବେହେରା, ବାପୁନି ସାହୁ ପ୍ରମୁଖଙ୍କ କହିବା କଥା ହେଲା ଶନିବାର ବିଳମ୍ବିତ ରାତିରେ ଏହି ଅଘଟଣ ହୋଇଥିଲା। ଏହି ସମୟରେ ସେମାନେ ଶୋଇଥିଲେ। ହଠାତ୍ ଘର ଓ ଦୋକାନରେ ପାଣି ପଶିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତା'ପରେ କେନାଲ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହି କୃତ୍ରିମ ବନ୍ୟାରେ ତରିକୁନ୍ଦ ବଜାରରେ ଦୋକାନ କରିଥିବା ଅନେକ ବ୍ୟବସାୟୀଙ୍କ ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ବ୍ୟବସାୟୀ ସରୋଜ କୁମାର ମହାନ୍ତିଙ୍କ କହିବା କଥା ହେଲା, ତାଙ୍କର ବିସ୍କୁଟ ଡିଲରସିପ୍ ରହିଛି। ପାଣି ଆସିବାରୁ ଗୋଦାମରେ ଗଚ୍ଛିତ ଥିବା ପାଖାପାଖି ୩ ଲକ୍ଷ ଟଙ୍କାର ବିସ୍କୁଟ, ସିମେଣ୍ଟ ଓ ଧୂପକାଠି ନଷ୍ଟ ହୋଇଯାଇଛି। କୈଳାସ ଚନ୍ଦ୍ର ମଲ୍ଲିକ କହିଛନ୍ତି, ତାଙ୍କ ଦୋକାନରେ ୨ କୁଇଣ୍ଟାଲ ଚାଉଳ ଥିଲା। ବ୍ୟବସାୟ ପାଇଁ ମାଛ ଗଚ୍ଛିତ ଥିଲା। ପାଣି ମାଡ଼ି ଆସିବା ଯୋଗୁ ଚାଉଳ ନଷ୍ଟ ହେବା ସହ ମାଛ ଭାସିଯାଇଛି। ବହୁ ଲୋକଙ୍କ ଘରେ ପାଣି ଜେଉ ମାରୁଛି। ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ଭିଜିଯାଇଛି। ରବିବାର ସକାଳେ ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଗମନାଗମନ ଠପ୍ ସାଙ୍ଗକୁ ଜଳ ପ୍ରବାହ ବଢ଼ିଥିଲା। ଏହାସହ ଜିଲା ପ୍ରଶାସନ କିମ୍ବା ଜଳ ସମ୍ପଦ ବିଭାଗର କୌଣସି ଯନ୍ତ୍ରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଅସନ୍ତୋଷ ବଢ଼ିଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକେ ହୋ ହଲ୍ଲା କରିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ପହଞ୍ଚି ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଲୋକଙ୍କ ଅଭିଯୋଗ ହେଲା, ପ୍ରତିବର୍ଷ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡ଼ିଲା ବେଳକୁ ସଫେଇ କରୁଛି। ଏହି କାମ ଗ୍ରୀଷ୍ମ ଋତୁ ଶେଷ କରା ନ ଯାଇ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଯାଉଛି। ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି କେନାଲରେ ପାଣି ଆସିଲେ ଅନାବନା ଗଛ ଓ ଘାସ ଆଦି ପାଣିରେ ବୁଡ଼ିଯିବ ଏବଂ ଉପରେ ଯେଉଁ ଘାସ, ବଣ ଆଦି ରହିଥିବ ସେଗୁଡ଼ିକୁ ମେସିନ କିମ୍ବା କମ୍ ସଂଖ୍ୟକ ଶ୍ରମିକ ଲଗାଇ ସଫା କରିଦିଆଯିବ। ଏଭଳି କରି ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ଓ ଠିକାଦାରମାନେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଛନ୍ତି। କେବଳ ସଫେଇ ନୁହେଁ, କେନାଲ ଓ ନଦୀ ବନ୍ଧ ମରାମତି ନାଁରେ ମୋଟା ଅଙ୍କର ଅର୍ଥ ଡକାଯାଉଛି। ଅପରପକ୍ଷେ ତରିକୁନ୍ଦ ଓ ଦଳେଇଘାଇ ନିକଟରେ କେନାଲର ଦୁର୍ବଳ ସ୍ଥାନ ମରାମତି କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଛି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ପ୍ରତିବର୍ଷ ଖରିଫ ପ୍ରସ୍ତୁତିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ ହେଉଛି। ଏଥିରେ ନଦୀ ଓ କେନାଲ ବନ୍ଧର ସୁରକ୍ଷା ସାଙ୍ଗକୁ ଚାଷ ଜମିକୁ ପାଣି ପହଞ୍ଚାଇବା ପାଇଁ କି ପ୍ରକାର ପଦକ୍ଷେପ ନିଆଯାଉଛି ତା'ଉପରେ ବିସ୍ତୃତ ଆଲୋଚନା ହେଉଛି। କିନ୍ତୁ ତାହା କେବଳ ଔପଚାରିକତା ପାଇଁ ହେଉଛି। ତରିକୁନ୍ଦ ଓ ଦଳେଇଘାଇ ନିକଟରେ କେନାଲ ଭାଙ୍ଗି ଯେଉଁଭଳି ପରିସ୍ଥିତି ସୃଷ୍ଟି କରିଛି ତାହା ବିଭାଗୀୟ ଦାୟିତ୍ୱହୀନତାର ନଗ୍ନ ନମୁନା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀ କହିଛନ୍ତି, ପାଣି କମିଲା ପରେ କେଉଁ କାରଣରୁ ଏଭଳି ଘଟିଲା ଅନୁଧ୍ୟାନ ହେବା ସହ ବାଲି ବସ୍ତା ଦ୍ୱାରା ବନ୍ଧ ବନ୍ଧାଯିବା ପାଇଁ ଚେଷ୍ଟା କରାଯିବ।



ତରିକୁନ୍ଦଠାରେ ସୃଷ୍ଟି ହୋଇଥିବା ଘାଇ।

## ଜାତୀୟ ରାଜପଥରେ ପାଣି

- ଦୋକାନ, ବଜାର ସମେତ ଶତାଧିକ ହେକ୍ଟର ଜମି ଜଳମଗ୍ନ
- ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ଅଭିଯୋଗ

# ଯୁବବର୍ଗଙ୍କ ଲୁକ୍କାୟିତ ସାମର୍ଥ୍ୟକୁ ପ୍ରସ୍ଫୁଟିତ କରିବାର ଉତ୍ତମ ମାଧ୍ୟମ: ଧର୍ମେନ୍ଦ୍ର




## ସିଙ୍ଗାପୁର-ଭାରତ ହକାଥନ ୨୦୨୩ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୬।୭(ସୁନିଲ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଲାରେନ୍ସ ଓଙ୍ଗ ରବିବାର ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ 'ଜି-୨୦ ସିଙ୍ଗାପୁର-ଭାରତ ହକାଥନ-୨୦୨୩'ର ୩ୟ ସଂସ୍କରଣରେ ଯୋଗ ଦେଇଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଏବଂ ନାନୟାଙ୍ଗ ଟେକ୍ନୋଲୋଜିକାଲ ବୈଷୟିକ ବିଶ୍ୱବିଦ୍ୟାଳୟ(ଏନ୍‌ଟିୟୁ) ପକ୍ଷରୁ ଏହି ହକାଥନ ୩ୟ ସଂସ୍କରଣ ଆୟୋଜିତ ହୋଇଛି।

ଏହି ସମାରୋହରେ ଉଭୟ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ସମାଧାନ ସୃଷ୍ଟି କରିବା ଲାଗି ସହଯୋଗ କରୁଥିବା ହକାଥନର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଧର୍ମେନ୍ଦ୍ର ହକାଥନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଷ୍ଟାର୍ଟଅପ୍ ସହ ଆଲୋଚନା କରିଛନ୍ତି। ଏହାସହ ନବସୃଜନ ଏବଂ ଉଦ୍ୟମିତା ମାଧ୍ୟମରେ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ଏବଂ ବିଶ୍ୱକୁ ଏକ ସର୍ବଶ୍ରେଷ୍ଠ ସ୍ଥାନରେ ରଖିବା ଦିଗରେ ସେମାନଙ୍କ ଉଦ୍ୟମକୁ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ସିଙ୍ଗାପୁର-ଭାରତ ହକାଥନ ୨୦୨୩ର ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି, ଏହିଭଳି ହକାଥନ ଜ୍ଞାନ ବିନିମୟକୁ ସୁଗମ କରିବା ଏବଂ ଉଭୟ ଦେଶର ଯୁବବର୍ଗଙ୍କ ଲୁକ୍କାୟିତ ସାମର୍ଥ୍ୟକୁ ପ୍ରସ୍ଫୁଟିତ କରିବାର ଏକ ଉତ୍ତମ ମାଧ୍ୟମ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଧର୍ମେନ୍ଦ୍ରଙ୍କ ସହ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲରେ ଧାଡ଼ିମୂଳକ ଶିକ୍ଷାର ସମନ୍ୱୟ, ଗୁରୁତ୍ୱପୂର୍ଣ୍ଣ ସ୍କିଲ୍ ସହ ଯୁବବର୍ଗଙ୍କୁ ସଶକ୍ତ କରିବା, ଭବିଷ୍ୟତର ମାନବସମ୍ବଳ ପ୍ରସ୍ତୁତ କରିବା ଉପରେ ଧର୍ମେନ୍ଦ୍ର ଚର୍ଚ୍ଚା କରିଛନ୍ତି। ସେହିପରି ଶିକ୍ଷାନୁଷ୍ଠାନ, ଶିକ୍ଷକ ଏବଂ ପ୍ରଶିକ୍ଷକମାନଙ୍କ କ୍ଷମତା ନିର୍ମାଣ ଓ ଭାରତର ପ୍ରାଥମିକତାରେ ଥିବା ଗବେଷଣା ଏବଂ ନବଉନ୍ମେଷ ଉପରେ ସହଯୋଗ ହେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖନୀୟ ଯେ, ପ୍ରାୟ ୮୦୦ରୁ ଅଧିକ ଛାତ୍ରୀଛାତ୍ର, ଷ୍ଟାର୍ଟଅପ୍, ନିବେଶକ, ନୀତି ସଂସ୍ଥାପକ, କର୍ପୋରେଟ ଏବଂ ଏକାଡେମିକ୍ସ ଏହି ହକାଥନରେ ଯୋଗ ଦେଇଥିଲେ।

## ବଜ୍ରକାପ୍ତା ଉଦ୍ଧାର: ବନ ବିଭାଗକୁ ହସ୍ତାନ୍ତର




ବଡ଼ମ୍ବା, ୧୬।୭(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଭଙ୍ଗାରିଲା ପଞ୍ଚାୟତର ଗମେଇ ଗ୍ରାମ ନୂଆସାହିନିକଟରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସକାଳେ କିଛି ଲୋକ ନିକଟରେ ଥିବା ନଦୀକୁ ଗାଧୋଇବାକୁ ଯାଉଥିଲେ। ଏହି ସମୟରେ ଉକ୍ତ ବଜ୍ରକାପ୍ତାକୁ ଦେଖି ସେମାନେ ଉଦ୍ଭୀତ ହୋଇ ଗାଁଲୋକଙ୍କୁ ଆସି ଜଣାଇଥିଲେ। ଏହାପରେ ଗ୍ରାମର କିଛି ଲୋକ ସେଠାରେ ପହଞ୍ଚି ତାକୁ ଧରିବା ସହ ବଡ଼ମ୍ବା ବନ ବିଭାଗକୁ ଜଣାଇଥିଲେ। ଖବରପାଇ ବଡ଼ମ୍ବା ସଦର ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁ, ଗୋପପୁର ବନପାଳ ରଶ୍ମିତା ମହାନ୍ତି ଓ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଏହାପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଉକ୍ତ ବଜ୍ରକାପ୍ତାର ଓଜନ ପ୍ରାୟ ୩ କିଲୋ ହେବ ବୋଲି ବନପାଳ ସ୍ୱାଇଁ କହିଛନ୍ତି।


କଳିଙ୍ଗ ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୨୨ତମ ଜୟନ୍ତୀରେ ରବିବାର ଭୁବନେଶ୍ୱର ରାଜଭବନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ 'ଭଦ୍ରକ ସମ୍ମିଳନୀ ଭୁବନେଶ୍ୱର' ଓ 'ନିଜ ଗାଁ ହଳଦିଆ'ର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ନିଶାକର ରାଉତ, ଧୀରେନ୍ଦ୍ର ବେହେରା, ଶକୁନ୍ତଳା ରାଉତ, ଚକ୍ରଧର ବିଶ୍ୱାଳ, ଦିବ୍ୟାଞ୍ଜଳି ବେହେରା, ଗୋଲକ ବିଶ୍ୱାଳ, ପ୍ରଭାକର ପରିଡା, ବିଚିତ୍ର ସାହୁ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଲୋକେ କାମ ପାଇଁ ହିଁ ଚିହ୍ନନ୍ତୁ

## ଧରିତ୍ରୀ ଆଳାପ




ଗତ କିଛି ବର୍ଷ ଧରି ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ପରିଚିତ ନାମ ହେଉଛି ଅଭିନେତା ଦ୍ୱୀପନ୍ୱିତ ଦାଶମହାପାତ୍ର। ୨୦୧୪ରୁ ଆରମ୍ଭ ହୁଏ ତାଙ୍କର ନାଟକରେ ଯାତ୍ରା। ରାଜ୍ୟ ଓ ବାହାରେ ଅନେକ ମଞ୍ଚ ନାଟକ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣି ଚାଲିଥିଲେ। ଆଇଡିଆରେ ଇଞ୍ଜିନିୟରିଂ ପଢ଼ିବା ବେଳେ ୨୦୧୭ରେ ଫିଚର ଫିଲ୍ମ 'କ୍ଷଣିକା' ପାଇଁ ଦେଇଥିଲେ ଅଡିସନ। ଏହାପରେ ଆରମ୍ଭ ହୋଇଯାଇଥିଲା ଓଡ଼ିଆ ଚଳଚ୍ଚିତ୍ରରେ ଯାତ୍ରା। ଓଡ଼ିଆ ସିନେମାର ସ୍ଥିତି ଠିକ୍ ନ ଥିବା ବେଳେ ତାଙ୍କ ଅଭିନୀତ ଚଳଚ୍ଚିତ୍ର ଦେଖାଇଛି ନୂଆ ଆଶା। ୨୦୨୨ରେ ତାଙ୍କର ୩ଟି ଚଳଚ୍ଚିତ୍ର 'ଆଡିୟୁ ଗୋଦାର୍ଦ୍ଦ', 'ଦମନ', 'ପ୍ରତୀକ୍ଷା'ରେ ସେ ସିନେପ୍ରେମୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିପାରିଛନ୍ତି। ସେହିପରି କ୍ଷୁଦ୍ର ଚଳଚ୍ଚିତ୍ର 'ବ୍ୟାସେ ଶୁଣନ୍ତ' ମଧ୍ୟ ତାଙ୍କୁ ଆହୁରି ଲୋକପ୍ରିୟ କରାଇଛି। ଯାଦୁକରି ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖି ପାରୁଥିବା ଦ୍ୱୀପନ୍ୱିତଙ୍କ ସହ ଏଥରର 'ଧରିତ୍ରୀ ଆଳାପ'।

– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

***ମଞ୍ଚ ନାଟକରୁ ଚଳଚ୍ଚିତ୍ର ଯାତ୍ରା କିପରି ଥିଲା?***

– ନାଟକ ଓ ଚଳଚ୍ଚିତ୍ରରେ ଅଭିନୟ ବହୁତ ଅଲଗା। ମୋ ପାଇଁ ନାଟକରେ ଅଭିନୟ ସହଜ ଥିଲା। କିନ୍ତୁ ଚଳଚ୍ଚିତ୍ର ପାଇଁ ଅନେକ ୱାର୍କସପରେ ଯୋଗଦେଲା ପରେ ଧୀରେ ଧୀରେ ଶିଖିଲି। ଚଳଚ୍ଚିତ୍ରରେ ଅଭିନୟ ଗୋଟିଏ ଲମ୍ବା ପ୍ରକ୍ରିୟା। ଅନେକ କଳାକାର ନାଟକରେ ଭଲ ଅଭିନୟ କରିପାରନ୍ତି, କିନ୍ତୁ ଚଳଚ୍ଚିତ୍ରରେ କରିପାରିନ୍ତି।

***ଚଳଚ୍ଚିତ୍ରରେ ଦ୍ୱୀପନ୍ୱିତ ସମ୍ବେଦନଶୀଳ ମନେହୁଅନ୍ତି, ବ୍ୟକ୍ତିଗତ ଜୀବନରେ?***

– ଜାଣତରେ ହେଉ କି ଅଜାଣତରେ, ଚଳଚ୍ଚିତ୍ରରେ ନିଜସ୍ୱ ପଣ ଆସିଯାଏ। ତାହା କେତେ ଭଲ କେତେ ଖରାପ ମୁଁ ଜାଣିନି। ପ୍ରତୀକ୍ଷା ଚଳଚ୍ଚିତ୍ର ସଂଘର୍ଷ କାହାଣୀ ମୋ ଜୀବନର ସଂଘର୍ଷ ସହିତ ଖାପ ଖାଉଥିବା ଅନୁଭବ କରିପାରିଥିଲି। ଦେଖିବାକୁ ଗଲେ ବ୍ୟକ୍ତିଗତ ଜୀବନରେ ସେହି ସମ୍ବେଦନଶୀଳତା ଅଛି ବୋଲି ହିଁ ମୁଁ କରିଥିବା ଚରିତ୍ରଗୁଡ଼ିକରେ କିଛିମାତ୍ରାରେ ମୋର ଛାପ ଛାଡ଼ିପାରିଛି।

***'ଦମନ' ଚଳଚ୍ଚିତ୍ରରେ ସହକଳାକାର ଏବଂ 'ପ୍ରତୀକ୍ଷା'ରେ ମୁଖ୍ୟ ଭୂମିକାରେ ଅଭିନୟ, ଆପଣଙ୍କୁ କେଉଁଟା ବେଶି ଭଲ ଲାଗିଥିଲା?***

– ନିଜ କାମକୁ ମୁଁ ଏତେ ମାତ୍ରାରେ ସମୀକ୍ଷା କରିପାରେନି। କିନ୍ତୁ ମୋର ପୁରୁଣା କାମ ଦେଖିଲେ ଲାଗେ ବହୁତ କିଛି ଭଲ ହୋଇପାରିଥାନ୍ତା। ଦମନ ବେଳେ ଲାଗିଥିଲା ଆଉ ଟିକେ ଭଲ ହୋଇପାରିଥାନ୍ତା, ଯଦି ମୋତେ ଆଉ ଟିକେ ସମୟ ମିଳି ପାରିଥାନ୍ତା। ସେହିପରି ପ୍ରତୀକ୍ଷା ରିଲିଜ୍ ସମୟକୁ ଦେଖିଲେ ଲାଗେ ଟିକେ ପୁରୁଣା ହୋଇଗଲା। ଦମନ ହେଉ କି ପ୍ରତୀକ୍ଷା, ଲୋକଙ୍କ ମନକୁ ଛୁଇଁପାରିଲା ଭଳି ମୁଁ ଶତ ପ୍ରତିଶତ ଉଦ୍ୟମ କରିଥିବା ମୋତେ ଲାଗେନି। କହିବାକୁ ଗଲେ ଆଉ ଟିକେ ଭଲ କରିବାର ସମ୍ଭାବନା ସବୁବେଳେ ମୋ ଭିତରେ ରହୁଛି।

***–ଆପଣଙ୍କ ଅଭିନୀତ ଚରିତ୍ରଗୁଡ଼ିକ ଗମ୍ଭୀର। ଆପଣ ଭାବୁଛନ୍ତି କି ଏଭଳି କିଛି ଚରିତ୍ର ପାଇଁ ହିଁ ଆପଣଙ୍କୁ ବଛାଯାଉଛି?***

– ମୁଁ ଅଭିନୟ କରିଥିବା ଚରିତ୍ରଗୁଡ଼ିକ ସେମିତି ହିଁ କିଛି ସବୁଠି ଗୋଟେ ଦେବ ଭାରିଭରଣ କଥା ଆସେ। ସେଥିପାଇଁ ବୋଧହୁଏ ଦର୍ଶକଙ୍କୁ ସେମିତି ଲାଗିଥାଇପାରେ।

***ଆପଣଙ୍କ ଶାରୀରିକ ଗଠନ ପାଇଁ କେବେ କିଛି ସାମ୍ନା କରିଛନ୍ତି?***

– ହଁ। ଏମିତି ବି ଅନେକ ସମୟରେ ପ୍ରୋଜେକ୍ଟ ମଧ୍ୟ ହାତରୁ ଯାଇଛି। ଆଉ ଟିକେ ଡେଙ୍ଗା ହୋଇଥିଲେ ମ୍ୟାଚ୍ ହୋଇଥାନ୍ତା। ଆଉ ଟିକେ ପତଳା ହୋଇଥିଲେ ସେ ଚରିତ୍ର ସହ ଖାପ ଖୁଆଇଥାନ୍ତା। ତାହା ନିର୍ମାତାଙ୍କ ପସନ୍ଦ। ଆମ ହାତରେ ନ ଥାଏ। ଯାହା ମିଳୁଛି ସେ ନେଇ କ'ଣ କରିହେବ ସେଥିପାଇଁ ଧ୍ୟାନ ଦେବା ଆବଶ୍ୟକ।

***ଚଳଚ୍ଚିତ୍ର କରିବା ପୂର୍ବରୁ ସ୍କ୍ରିପ୍ଟକୁ ଧ୍ୟାନ ଦିଅନ୍ତି ନା ଚରିତ୍ରକୁ?***

– ସ୍କ୍ରିପ୍ଟକୁ ଧ୍ୟାନ ଦେଇଥାଏ।

***ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ କ'ଣ ସବୁ ହେବା ଆବଶ୍ୟକ ବୋଲି ଭାବୁଛନ୍ତି?***

– ଓଡ଼ିଶାରେ ଫିଲ୍ମ, ୱେବସିରିଜ, ଫିଚର ଫିଲ୍ମ, ମ୍ୟୁଜିକ୍ ଭିଡିଓ ସବୁ କିଛି ଚାଲିଛି। କିନ୍ତୁ ଦକ୍ଷତାର ଅଭାବ ରହିଛି। ଯାହା ଉପରେ କେହି କଥା ହେଉନାହାନ୍ତି। ବହୁତ ଗଣ ଆସୁଛନ୍ତି, ଅନେକ କାମ ହେଉଛି। କିନ୍ତୁ ହାର୍ଡ ୱାର୍କ ଓ ସ୍ମାର୍ଟ ୱାର୍କ ଭିତରେ ଫରକ ରହିଛି। ଦକ୍ଷତା ପରୀକ୍ଷା ଉପରେ କିଛି ଧ୍ୟାନ ଦିଆଯାଉନାହିଁ। ପ୍ରୋଜେକ୍ଟ ପରେ ପ୍ରୋଜେକ୍ଟ ହୋଇ ଚାଲିଛି। ୱାର୍କସପ୍ ହେବା ଆବଶ୍ୟକ। ବାହାରେ କ'ଣ ଚାଲିଛି ସେସବୁକୁ ବି ନଜରରେ ରଖିବା ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ନିଜର ଦକ୍ଷତା ବୃଦ୍ଧି ପାଇଁ ଚେଷ୍ଟା କରିବା ଉଚିତ।

***ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ କ'ଣ କହିବେ?***

– ଏହା ବ୍ୟବସାୟ ଭଳି ହିଁ ଅନୁଭବ ହୁଏ। ମୋତେ ଲାଗେ ଏହା କଳୁଷିତ ହୋଇ କି ଅଛି। ଲୋକେ କାମ ପାଇଁ ହିଁ ଚିହ୍ନନ୍ତୁ ସେତିକି ଇଚ୍ଛା।

***ଅନ୍ୟ କେଉଁଥିରେ ରୁଚି ରହିଛି?***

– ଲେଖାଲେଖି କରିବାକୁ ଭଲ ଲାଗେ। ପଢ଼ିବାକୁ ବି। ତା' ଛଡ଼ା ଗୀତ ପ୍ରତି ଦୁର୍ବଳତା ଅଛି। ଆଗରୁ ମ୍ୟୁଜିକ କ୍ୟାସେଟ୍ ସଂଗ୍ରହ କରି ରଖୁଥିଲି। ଏବେ କେତେ ନୂଆ ଗୀତ ଆସୁଛି, ଅଲଗା ଅଲଗା ଭାଷାରେ ଶୁଣିବାକୁ ଭଲ ଲାଗେ।

***କ'ଣ ଖାଇବାକୁ ପସନ୍ଦ କରନ୍ତି?***

–ଘରେ ରନ୍ଧା ଭାତ, ଡାଲମା।

***କେଉଁ ରଙ୍ଗ ପସନ୍ଦ, କ'ଣ ପିନ୍ଧିବାକୁ ଭଲ ଲାଗେ?***

–କଳା ଓ ନୀଳ। ଜିନ୍ସ ସହ ଟି-ଶାର୍ଟ ପିନ୍ଧିବାକୁ ଭଲ ଲାଗେ।

***ଅଭିନୟ କ୍ଷେତ୍ରରେ କିଛି ଅଭୁଲା ମୁହୂର୍ତ୍ତ?***

–ଦମନ ଚଳଚ୍ଚିତ୍ର ବେଳେ ଗାଁ ଗାଁ ବୁଲି ଲୋକଙ୍କ ସହ ମିଶିବାର ସମୟ। ସେହିପରି ପ୍ରତୀକ୍ଷା ଯେତେବେଳେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଅଫ୍ ଇଣ୍ଡିଆରେ ମନୋନୀତ ହେଲା। ସେହି ସମୟରେ ବରିଷ୍ଠ ଅଭିନେତା ତଥା ଫିଲ୍ମ ନିର୍ମାତା ଅନୁପମ ଖେର୍ ଏହାର ରିମେକ୍ ପାଇଁ କହିଥିଲେ, ସେହି ମୁହୂର୍ତ୍ତ ସ୍ୱତନ୍ତ୍ର ଅଟେ।

***ଓଲିଉଡ୍‌ରେ ପ୍ରିୟ ଅଭିନେତା ଓ ଅଭିନେତ୍ରୀ?***

– ଚୌଧୁରୀ ଜୟପ୍ରକାଶ ଦାଶ, ହର ରଥ ଭଲ ଲାଗନ୍ତି। ଅପରାଜିତା ମହାନ୍ତି, ଅନୁ ଚୌଧୁରୀଙ୍କ ଅଭିନୟ ଭଲ ଲାଗେ।

***ବର୍ତ୍ତମାନ ସମୟର କେହି ପ୍ରିୟ ଅଭିନେତ୍ରୀ?***

–ଅଭିନେତ୍ରୀଙ୍କୁ ନେଇ କିମ୍ବା ସେମାନଙ୍କୁ ମୁଖ୍ୟ ଭୂମିକାରେ ନଜର ଆସିବା ଭଳି ଚଳଚ୍ଚିତ୍ର ନାହିଁ। ଓଡ଼ିଶାରେ ଅଭିନେତ୍ରୀମାନଙ୍କୁ ନେଇ ଭଲ ସିନେମା ଏବେ କିଛି ହେଉନାହିଁ। କିଛି ସେମିତି ସିନେମା ଆସିଲେ ହିଁ କାହା ଅଭିନୟ ଭଲ କହିହେବ। ଦୁର୍ଭାଗ୍ୟର କଥା କିଛି ଅଭିନେତ୍ରୀ ଭଲ କରିପାରିବେ।

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! –ଶ୍ରୀଅରବିନ୍ଦ



# ଆୟ ବହିର୍ଭୂତ

ବିଗତ କିଛି ଦଶନ୍ଧି ଧରି ଭାରତୀୟ ଛାତ୍ରୀଛାତ୍ରଙ୍କ ମନରେ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଠ୍ୟକ୍ରମ ପ୍ରତି ପ୍ରବଳ ଦୁର୍ବଳତା ରହିଆସିଥିବା ଲକ୍ଷ୍ୟ କରାଯାଇଛି। ଇଞ୍ଜିନିୟରିଂ ପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଓ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ଉତ୍ତୀର୍ଣ୍ଣ ହେବା ଲାଗି ଯୁକ୍ତ ୨ ବିଜ୍ଞାନ ପିଲାଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଦେଖାଯାଉଛି। ଏପରିକି ରାଜସ୍ଥାନର କୋଟା ଭଳି ଛୋଟିଆ ସହରରେ ଏଥିପାଇଁ କୋଚିଂ ନେବାକୁ ଯାଇ ବିଫଳ ହୋଇ କିଛି ଛାତ୍ରୀଛାତ୍ର ଆତ୍ମହତ୍ୟା କରିବାର ଦୁଃଖଦ ଖବର ଶୁଣିବାକୁ ମିଳୁଛି। ଯେଉଁ ମାତାପିତା ନିଜ ପିଲାଙ୍କ ଉପରେ ପ୍ରବଳ ଚାପ ପକାଇ ଚାକିରିର ସ୍ୱପ୍ନ ଦେଖୁଛନ୍ତି, ସେହିଭଳି ପିଲାଙ୍କର ମାନସିକତା ବିରକ୍ତିଭାବ ଆଡ଼କୁ ଯାଇ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ଟାଣି ନେଉଛି। ଇଞ୍ଜିନିୟର, ଡାକ୍ତର କିମ୍ବା ଆଇଏଏସ୍ ବା ଆଇପିଏସ୍ ଅଫିସର ଭଳି ଲାଭଦାୟକ ଚାକିରି ପାଇଁ ସମସ୍ତେ ଧାଉଁଥିବାରୁ ଏହିଭଳି ପ୍ରବଳ ପ୍ରତିଯୋଗିତା ଲାଗି ରହିଛି। ଅବଶ୍ୟ ଏବେ ଅଳ୍ପ ଅଭିଭାବକ ବୁଝିଲେଣି ଏବଂ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ପିଲାଙ୍କ ପାଠପଢ଼ାରେ ଅଯଥା ଚାପ ପକାଉ ନାହାନ୍ତି। ତେବେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ।

ଆଜିର ସ୍ଥିତି ଦେଖିଲେ ଛାତ୍ରୀଛାତ୍ରଙ୍କ ପସନ୍ଦରେ ପରିବର୍ତ୍ତନ ଆସୁଥିବା ଲକ୍ଷ୍ୟ କରାଗଲାଣି। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଯୁକ୍ତ ୨ ପରେ ସ୍ନାତକ ଶ୍ରେଣୀରେ ନାମ ଲେଖାଇବା ପାଇଁ କରାଯାଇଥିବା କମନ୍ ୟୁନିଭର୍ସିଟି ଏନ୍‌ଟ୍ରାନ୍ସ ଟେଷ୍ଟ–ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି–ୟୁଜି)ରେ ଚଳିତ ବର୍ଷ ୨୨,୮୩୬ ବିଦ୍ୟାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ରଖିଛନ୍ତି, ଯାହା ଗତବର୍ଷ ଥିଲା ୨୧,୧୫୯। ଫଳାଫଳରୁ ଜଣାପଡ଼ିଛି ଯେ, ୨ ଲକ୍ଷ ୫୪ ହଜାର ପ୍ରାର୍ଥୀ ୯୫ ଓ ତଦୂର୍ଦ୍ଧ୍ୱ ପର୍ସେଣ୍ଟାଇଲ ହାସଲ କରିଛନ୍ତି, ଯେଉଁମାନଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ୪୫ ହଜାର ପାଖାପାଖି ଅଧିକ ରହିଛି। ଦେଶର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରେ ପ୍ରାୟ ୩ ଲକ୍ଷ ସ୍ନାତକ ସିଟ୍ ଥିବା ବେଳେ ଚଳିତବର୍ଷ ୧୬ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ନାମ ପଞ୍ଜୀକରଣ କରିଥିଲେ। ସେଥିପାଇଁ ଏବେକାର ଫଳ ଦେଖିଲେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ପର୍ସେଣ୍ଟାଇଲ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ ଲକ୍ଷ ପାଖାପାଖି ପହଞ୍ଚିଯାଉଛି।

> **କେବଳ ଚାକିରି ମାୟାରେ ଭାରତର ସବୁ ପିଲା ପାଠ ପଢୁଛନ୍ତି। ହୁଏତ ଚାକିରିର ଆବଶ୍ୟକତା ନ ଥିଲେ ଅଧିକାଂଶ ପାଠ ମଧ୍ୟ ପଢ଼ନ୍ତେ ନାହିଁ। ଚାକିରିରେ ବି ଚାକିରି ଅଛି। ଆଇଏଏସ୍, ଆଇପିଏସ୍ ଅଫିସର କିମ୍ବା ସରକାରୀ ଇଞ୍ଜିନିୟର ବା ଡାକ୍ତର ସମସ୍ତଙ୍କ ଇଚ୍ଛା ଆୟବହିର୍ଭୂତ ଅସାଧାରଣ ଜୀବନଯାପନ କରିବାକୁ।**

ବାୟୋଲୋଜି ବା ବାୟୋଟେକ୍ନୋଲୋଜିଠାରୁ ଆରମ୍ଭ କରି ଅର୍ଥନୀତି, ଆକାଉଣ୍ଟାନ୍ସି, ଗଣିତ, ଇତିହାସ, ପଦାର୍ଥ ବିଜ୍ଞାନ ଓ ରାଜନୀତି ବିଜ୍ଞାନରେ ଚାହିଦା ଯଥେଷ୍ଟ ବଢ଼ିଛି। ସେହିଭଳି ଇଂଲିଶ, ମନସ୍ତତ୍ତ୍ୱ, ସମାଜବିଜ୍ଞାନ ଭଳି ହ୍ୟୁମାନିଟିଜ୍ ପାଠ୍ୟକ୍ରମ ପଢ଼ିବା ଲାଗି ପିଲାଙ୍କ ମଧ୍ୟରେ ଆଗ୍ରହ ବଢ଼ିଥିବା ସିୟୁଇଟି ଫଳାଫଳରୁ ଜଣାପଡ଼ିଛି। ଏସବୁକୁ ଲକ୍ଷ୍ୟକରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ମେଡିକାଲ ଓ ଇଞ୍ଜିନିୟରିଂ ଢାଞ୍ଚାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଠ ପଢ଼ିବା ଲାଗି ଆସନ୍ତାବର୍ଷ କମନ୍ କାଉନ୍‌ସେଲିଂ କରିବା ସକାଶେ ଚିନ୍ତା କଲାଣି।

ଆଜିର ଜଗତୀକରଣ ଯୁଗରେ ନୂଆ କ୍ଷେତ୍ରରେ ଚାହିଦା ବଢ଼ିବାରେ ଲାଗିଛି। ସେହିସବୁ ଚାହିଦାକୁ ଅନିଶା କରି ଯେଉଁମାନେ ନିଜର ଦକ୍ଷତାକୁ ବିନିଯୋଗ କରିପାରୁଛନ୍ତି ସେମାନେ ସଫଳ ହେଉଥିବା ଲକ୍ଷ୍ୟ କରାଯାଉଛି। ପୂର୍ବରୁ ଶାରୀରିକ ଶିକ୍ଷା ବା ଫିଜିକାଲ ଏଜୁକେଶନ ଏତେଟା ଗୁରୁତ୍ୱ ପାଇ ନ ଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ କ୍ରୀଡ଼ାର ପରିଭାଷା ଓ ପରିସର ବ୍ୟାପ୍ତ ହୋଇଥିବାରୁ ଏଭଳି ଶିକ୍ଷାର ଆବଶ୍ୟକତା ବଢ଼ିଛି। ଭାରତର ଜନସଂଖ୍ୟାକୁ ଦେଖିଲେ କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରର ସଫଳତା ଖୁବ୍ କମ୍। ସ୍କୁଲ ସ୍ତରରୁ ଖେଳ କେବଳ ମାତ୍ର ଏକ ପିରିୟଡ୍‌ରେ ସୀମିତ ହୋଇ ରହିଯାଏ। ସର୍ବାଧିକ ପ୍ରାଥମିକତା ପାଠପଢ଼ାକୁ ଦିଆଯାଇଥାଏ। ଖେଳରେ ସମୟ ନଷ୍ଟ ନ କରି ପାଠପଢ଼ାରେ ମନ ଦେବା ଲାଗି ମାତାପିତା ବାଧ୍ୟ କରିଥାଆନ୍ତି। ପାଶ୍ଚାତ୍ୟକୁ ଦେଖିଲେ କେବଳ ଖେଳ ନୁହେଁ, ଉଦ୍ୟୋଗ ପ୍ରତି ମଧ୍ୟ କମ୍ ବୟସରୁ ପିଲାଙ୍କର ଆକର୍ଷଣ ରହିଥାଏ। ଅନ୍ୟପକ୍ଷରେ ଭାରତରେ କିଏ କେତେ ବଡ଼ ପଦବୀରେ ରହି କେତେ ଅର୍ଥ ଉପାର୍ଜନ କରୁଛି, ତାହାକୁ ତୁଳନା କରି ଦେଖାଯାଇଥାଏ। ଚାକିରିଆ ମାନସିକତା ଚରିତ୍ରଗତ ହେଇଯାଇଥିବାରୁ ଅଭିନବତ୍ୱ କିମ୍ବା ନିଜ ଚିନ୍ତାକୁ ନେଇ ନୂଆ ଉଦ୍ୟୋଗ ଗଢ଼ିବା ଲାଗି କଷ୍ଟ ସ୍ୱୀକାର କରିବାକୁ ଅନେକେ ଅମଙ୍ଗ ହେଉଛନ୍ତି। ସେହିଭଳି ଖେଳ କ୍ଷେତ୍ରରେ ସଫଳତା ପାଇବା ପାଇଁ ଯେଉଁ କଠିନ ପରିଶ୍ରମ ଦରକାର, ସେଥିପ୍ରତି ଅନେକେ ମନ ବଳାଇ ନ ଥାଆନ୍ତି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ଚାକିରି ମାୟାରେ ଭାରତର ସବୁ ପିଲା ପାଠ ପଢୁଛନ୍ତି। ହୁଏତ ଚାକିରିର ଆବଶ୍ୟକତା ନ ଥିଲେ ଅଧିକାଂଶ ପାଠ ମଧ୍ୟ ପଢ଼ନ୍ତେ ନାହିଁ। ଚାକିରିରେ ବି ଚାକିରି ଅଛି। ଆଇଏଏସ୍, ଆଇପିଏସ୍ ଅଫିସର କିମ୍ବା ସରକାରୀ ଇଞ୍ଜିନିୟର ବା ଡାକ୍ତର ସମସ୍ତଙ୍କ ଇଚ୍ଛା ଆୟବହିର୍ଭୂତ ଅସାଧାରଣ ଜୀବନଯାପନ କରିବାକୁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | | 9 | | | | |
| | | | 8 | 6 | 1 | | | |
| | | | | 3 | | | | |
| | 2 | | 4 | | | 7 | | |
| 4 | | 3 | | | | | | 2 |
| | 6 | | | | | | | |
| 3 | | 9 | | 8 | | | 2 | |
| | 8 | 5 | 7 | | | | | 3 |
| | | 2 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 8 | 3 | 4 | 7 | 6 | 9 |
| 4 | 9 | 8 | 6 | 5 | 7 | 1 | 2 | 3 |
| 3 | 7 | 6 | 9 | 1 | 2 | 4 | 5 | 8 |
| 7 | 6 | 1 | 3 | 8 | 5 | 9 | 4 | 2 |
| 8 | 3 | 9 | 2 | 4 | 6 | 5 | 1 | 7 |
| 2 | 5 | 4 | 1 | 7 | 9 | 3 | 8 | 6 |
| 6 | 4 | 7 | 5 | 2 | 3 | 8 | 9 | 1 |
| 5 | 1 | 2 | 7 | 9 | 8 | 6 | 3 | 4 |
| 9 | 8 | 3 | 4 | 6 | 1 | 2 | 7 | 5 |

ଗତକାଲିର ଉତ୍ତର

# ଗଣସଂଗଠନ ଉପରେ ରାଜନୈତିକ ପ୍ରଭାବ



ଅକ୍ଷୟ କୁମାର ମିଶ୍ର

ଆମ ଦେଶରେ ଗଣସଂଗଠନ କଥା ଉଠିଲେ ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସର କଥା ଆସେ। ୧୮୮୫ ଡିସେମ୍ବର ୨୮ ଦିନ ବମ୍ବେର (ମୁମ୍ବାଇ) ଗୋକୁଲଦାସ ତେଜପାଲ ସଂସ୍କୃତ କଲେଜ ପରିସରରେ ମାତ୍ର ୭୨ ଜଣଙ୍କୁ ନେଇ ଆଲାନ ଅକ୍ଟୋଭିଆନ ହ୍ୟୁମଙ୍କ ଦ୍ୱାରା ଗଠିତ ହୋଇଥିଲା ଏହି ସଂଗଠନ। ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରି ପ୍ରଶାସନରେ କାର୍ଯ୍ୟ କରୁଥିବା ଶିକ୍ଷିତ ବୃତ୍ତିଧାରୀଙ୍କୁ କିଛି ସୁବିଧାସୁଯୋଗ କରେଇଦେବା ଥିଲା ଏହି ସଂଗଠନର ପ୍ରାଥମିକ ଲକ୍ଷ୍ୟ। ବିଧିବଦ୍ଧ ଭାବେ ହୁଏତ ଜାତୀୟ କଂଗ୍ରେସକୁ ଗଣସଂଗଠନ କୁହାଯାଉ ନ ଥିଲା, କିନ୍ତୁ ଏହାର କାର୍ଯ୍ୟଶୈଳକୁ ବିଚାର କଲେ ଭାରତୀୟ ଜାତୀୟ କଂଗ୍ରେସକୁ ଦେଶର ପ୍ରଥମ ଗଣସଂଗଠନ କହିଲେ ଭୁଲ୍ ହେବ ନାହିଁ। ଠିକ୍ ସେମିତି ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ବହୁ ଶ୍ରମିକ ଆନ୍ଦୋଳନ ଦେଖିବାକୁ ମିଳିଥିଲେ ବି ଏଗୁଡ଼ିକ ସଂଗଠନର ରୂପ ନେଇ ପାରି ନ ଥିଲା। ୧୯୧୮ରେ ମାନ୍ଦ୍ରାଜ ୱାର୍କର୍ସ ୟୁନିୟନ ପ୍ରଥମ ଶ୍ରମିକ ସଂଗଠନ ଭାବରେ ଆମ ଦେଶରେ ଜନ୍ମ ନେଲା ଏବଂ ଶୋଷଣ ବିରୋଧରେ ସ୍ୱର ଉଠାଇଲା। ଏହାପରେ ୧୯୩୬ରେ ତିନୋଟି ଗଣସଂଗଠନ ଜନ୍ମ ନେଲା। ସେଗୁଡ଼ିକ ହେଲା ଅଲ୍‌ଇଣ୍ଡିଆ କିଷାନ ସଭା, ଅଲ୍‌ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ ଏବଂ ପ୍ରୋଗ୍ରେସିଭ ରାଇଟର୍ସ ଆସୋସିଏଶନ। ଏହି ତିନୋଟି ଗଣସଂଗଠନର ଗଠନ ପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଚଳିତ ସାମାଜିକ ବ୍ୟବସ୍ଥାର ରୂପାନ୍ତରଣ। ତତ୍‌ସହିତ ସମ୍ପୃକ୍ତ ଜନସାଧାରଣଙ୍କ ଉପରେ ଶାସକ ଶ୍ରେଣୀର ଅନ୍ୟାୟ ଅତ୍ୟାଚାର ଶୋଷଣ କଷଣର ଅବସାନ ଘଟାଇ ଏକ ସୁସ୍ଥ ଜୀବନ ଜିଇବାର ପରିବେଶ ସୃଷ୍ଟି କରିବା। କିଷାନସଭା ଯେମିତି ଜମିଦାରି ପ୍ରଥାର ଉଚ୍ଛେଦ, ପ୍ରକୃତ କୃଷକ ହାତକୁ ଜମି ଦେବା ସହିତ ଅତ୍ୟଧିକ ଖଜଣା ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା, ଛାତ୍ର ସଂଗଠନ ସେମିତି ମାଗଣା ଶିକ୍ଷା, ବିଦ୍ୟାଳୟ ସ୍ଥାପନ, ଛାତ୍ରାବାସ ତିଆରିର ଦାବି ଉଠାଇ ଆନ୍ଦୋଳନ କରୁଥିଲା। ସମାନ ଭାବେ ଫାସିବାଦ ତଥା ସାମ୍ରାଜ୍ୟବାଦକୁ ବିରୋଧ କରିବା ସହିତ ତତ୍କାଳୀନ ସମାଜରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଓ କୁତ୍ସିତ ଜାତିପ୍ରଥା ବିରୋଧରେ ଜନଜାଗରଣ ସୃଷ୍ଟିକରିବା ଥିଲା ଲେଖକ ସଂଗଠନର କାମ। ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସ ସହିତ ହାତ ମିଳାଇ ଏହି ସମସ୍ତ ଗଣସଂଗଠନ ସାଧୀନତା ଆନ୍ଦୋଳନକୁ ଆଗେଇ ନେବାରେ ସହାୟକ ହୋଇଥିଲେ ଏବଂ ଅନ୍ତିମ ଲକ୍ଷ୍ୟ ହାସଲରେ ମଧ୍ୟ ସଫଳତା ଅର୍ଜନ କରିଥିଲେ।

ସାଧୀନତା ପରେ ଭାରତୀୟ ଜାତୀୟ କଂଗ୍ରେସର ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲା। ଏକ ରାଜନୈତିକ ଦଳ ଭାବରେ କଂଗ୍ରେସ ଉଭା ହେଲା। ନିର୍ବାଚନରେ ଅଂଶଗ୍ରହଣ କରି ଶାସନ କ୍ଷମତା ଅକ୍ତିଆର କଲା। ଗୋଟିଏ ଗଣସଂଗଠନ ରାଜନୀତିର ଖୋଳପା ଭିତରେ ଲୀନ ହୋଇଗଲା। ଅପରପକ୍ଷେ ଗୋଟିଏ ପରେ ଗୋଟିଏ ରାଜନୈତିକ ଦଳ ଗଢ଼ା ହେଲା। ଏହାପରେ ଏହି ଦଳଗୁଡ଼ିକ ଆରମ୍ଭ କଲେ ଗଣଅଭିଯାନ। ଏଥିପାଇଁ ବିଭିନ୍ନ ଗଣସଂଗଠନ ଗଢ଼ିଲେ। ଛାତ୍ର, ଯୁବ, ମହିଳା, ଶିକ୍ଷକ, ଶ୍ରମିକ, କୃଷକ, ଓକିଲ, ଲେଖକ ସଂଗଠନ ଦଳୀୟ ଭିତ୍ତିରେ ଗଢ଼ିଉଠିଲା। ଏପରିକି ଏହିସବୁ ସଂଗଠନଗୁଡ଼ିକ ଚାଲିବା ପାଇଁ ଯେଉଁ ଅର୍ଥର ଆବଶ୍ୟକତା ପଡ଼ିଲା ତାହା ମଧ୍ୟ ରାଜନୈତିକ ଦଳଗୁଡ଼ିକ ଯୋଗାଇଲେ। ଫଳରେ ଗଣସଂଗଠନର ସ୍ୱାଧୀନ ବିଚାରବୋଧ, କାର୍ଯ୍ୟଧାରା ଉପରେ ଲଗାମ ଲାଗିଗଲା। ଗଣର ସାର୍ଥ ଅପେକ୍ଷା ଦଳର ସାର୍ଥକୁ ଏହି ସଂଗଠନଗୁଡ଼ିକ ଅଧିକ ଗୁରୁତ୍ୱ ଦେଲେ। ବିଭିନ୍ନ ଘଟଣାବଳୀ କିମ୍ବା ଇସ୍ୟୁ ଉପରେ ଦଳର ମତ ହିଁ ପ୍ରତିଫଳିତ ହେଲା। ସମ୍ପ୍ରତି ଅଧିକାଂଶ ଗଣସଂଗଠନ ରାଜନୈତିକ ଦଳର ପୃଷ୍ଠପୋଷକତାରେ ପରିଚାଳିତ।



ଶାସକ ଶ୍ରେଣୀର ଜନବିରୋଧୀ ନୀତି ଯୋଗୁ ଜନତା ଯେଉଁ କ୍ଷତି ସହନ୍ତି ଅଥବା ଶୋଷଣର ଶିକାର ହୁଅନ୍ତି ତା' ବିରୋଧରେ ପ୍ରତିବାଦ କରିବା ଗଣସଂଗଠନର କାମ। ସାଧୀନତା ପୂର୍ବରୁ ଯେଉଁସବୁ ଗଣସଂଗଠନ ଦେଶରେ ଗଢ଼ି ଉଠିଥିଲା ସେମାନେ ଏହି ଧାରାରେ କାର୍ଯ୍ୟ କରୁଥିଲେ ଏବଂ ଲୋକଙ୍କୁ ସଚେତନ କରାଉଥିଲେ। ଯେମିତି କାରଖାନାର ମାଲିକ ଶ୍ରମିକ ଶୋଷଣ ନୀତି ଆପଣେଇଲେ ଶ୍ରମିକ ସଂଗଠନଗୁଡ଼ିକ ପ୍ରତିବାଦ କରୁଥିଲେ। କୃଷକର ବିକାଶ ତଥା କୃଷି ବ୍ୟବସ୍ଥାର ଉନ୍ନତି ପାଇଁ କୃଷକ ସଂଗଠନଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିଲେ । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ପାଇଁ ଶିକ୍ଷକ ସଂଗଠନ ଓ ଶିକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟିବିଚ୍ୟୁତି ବିରୋଧରେ ଛାତ୍ରସଂଗଠନଗୁଡ଼ିକ ରାଜରାସ୍ତାକୁ ଆସୁଥିଲେ। ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଓକିଲ ସଂଘ ଲଢ଼େଇ କରୁଥିଲେ। ଫଳରେ ସରକାର ସଚେତନ ହେଉଥିଲେ ଓ ଜନ ବିରୋଧୀ ନୀତି ଆପଣେଇବାକୁ ଦୁଃସାହସ କରୁ ନ ଥିଲେ। କିନ୍ତୁ ଅଧୁନା ଏସବୁଥିରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଯେଉଁ ରାଜନୈତିକ ଦଳଟି ଶାସନ କ୍ଷମତାରେ ରହୁଛି ସେହି ଦଳର ଛତ୍ରଛାୟା ତଳେ ଗଢ଼ି ଉଠିଥିବା ଗଣସଂଗଠନଗୁଡ଼ିକ ସରକାରଙ୍କର ସବୁ କାମକୁ ଆଖି ବୁଜି ସମର୍ଥନ କରୁଛନ୍ତି। ଆଉ ଯେଉଁ ଗଣସଂଗଠନଗୁଡ଼ିକ ବିଭିନ୍ନ ଦାବି ଉପରେ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ସରକାର ବିରୋଧୀ ବୋଲି ଚିତ୍ରଣ କରାଯାଉଛି। ଆନ୍ଦୋଳନଜୀବୀ କହି ତୀବ୍ର ସମାଲୋଚନା କରାଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ବିଗତ କୃଷକ ଆନ୍ଦୋଳନ।

ଆଉ କିଛି ରୋଚକ ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ଅନେକ ଗଣସଂଗଠନଙ୍କର ନେତୃତ୍ୱରେ ଅଥବା ଉପଦେଷ୍ଟା ମଣ୍ଡଳୀରେ ଶାସକଦଳର ନେତାମାନଙ୍କୁ ନିଆଯାଇଛି। ଏହିସବୁ ସଂଗଠନ ଯେତେବେଳେ ଆନ୍ଦୋଳନ ଡାକରା ଦିଅନ୍ତି ଏହାର ପୁରୋଧା ସାଜିଥିବା ତଥାକଥିତ ନେତାମାନେ ମଧ୍ୟସ୍ଥ ସାଜି ସମସ୍ୟା ସମାଧାନର ପନ୍ଥା ବାହାର କରନ୍ତି ଓ ପ୍ରତିଶ୍ରୁତି ମାଧ୍ୟମରେ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ନାୟକ ସାଜନ୍ତି। ନୀତିଗତ ନିଷ୍ପତ୍ତି ଉପରେ ଏହି ଗଣସଂଗଠନଗୁଡ଼ିକ ମୁହଁ ଖୋଲିବା ଶୁଣାଯାଏ ନାହିଁ। ଦରବୃଦ୍ଧି, ବେକାରି ସମସ୍ୟା, କୃଷିଜାତ ସାମଗ୍ରୀର ସହାୟକ ମୂଲ୍ୟ ନିର୍ଦ୍ଧାରଣ, ସାର୍ବଜନୀନ ସରକାରୀ ଶିକ୍ଷାର ପ୍ରସାର, ଶିକ୍ଷାରେ ବ୍ୟୟବୃଦ୍ଧି ଆଦି ପ୍ରସଙ୍ଗକୁ ନେଇ ଏମାନେ କେବେ ଆନ୍ଦୋଳନ କରିବା ଦେଖାଯାଏ ନାହିଁ।

ଆଜିର ଦିନରେ କେତେ ଯେ ଗଣସଂଗଠନ ଅଛି ତା'ର ହିସାବ ରଖିବା ଅସମ୍ଭବ। ଯେତେ ରାଜନୈତିକ ଦଳ ଅଛି ପ୍ରତି ବର୍ଗ ପାଇଁ ସେତିକି ଗଣସଂଗଠନ ନୁହେଁ,ତା'ଠାରୁ ଢେର ବେଶି ଗଣସଂଗଠନ ଗଢ଼ିଉଠିଛି। ଏପରିକି ଗୋଟିଏ ରାଜନୈତିକ ଦଳକୁ ସମର୍ଥନ କରି ଏକାଧିକ ସଂଗଠନ ହୋଇଛି, ତାହା ପୁଣି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ଭିତରେ। ସେମାନଙ୍କ ଭିତରେ ମତପାର୍ଥକ୍ୟ ରହୁଛି । ବିଶେଷକରି ପ୍ରତ୍ୟେକ ସଂଗଠିତ କ୍ଷେତ୍ରରେ ଛତୁଫୁଟିବା ପରି ସଂଗଠନ ଜନ୍ମନେଉଛି। ଏହାର ପ୍ରମାଣ ମିଳିଯିବ ଯଦି ଆମେ ବିଧାନସଭା ଚାଲୁଥିବା ସମୟରେ ରାଜଧାନୀ ଆଡ଼େ ଘେରାଏ ବୁଲିଆସିବା। ଗାନ୍ଧୀମାର୍ଗର ଉଭୟ ପାର୍ଶ୍ୱରେ ଧାରଣାରେ ବସିଥିବା ସଂଗଠନଗୁଡ଼ିକୁ ଦେଖିଲେ କଟକ ବାଲିଯାତ୍ରାର ଭ୍ରମ ସୃଷ୍ଟିହୁଏ। ଏହାବାଦ ପ୍ରତିଦିନ ଡଜନ ଡଜନ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆସନ୍ତି। ପୁଣି ଏମାନଙ୍କ ମଧ୍ୟରେ ସର୍ବାଧିକସଂଖ୍ୟକ ହେଉଛନ୍ତି ଶିକ୍ଷକ ସଂଗଠନ। ଏଥିରୁ ସ୍ପଷ୍ଟ କୁହାଯାଇପାରେ ସଂଗଠନ ଆଉ ସଂଗଠିତ କରୁନାହିଁ ବରଂ ବିଭାଜିତ କରୁଛି। ଛାତ୍ର, ଯୁବ, କୃଷକ, ଶ୍ରମିକ, ଶିକ୍ଷକ, କର୍ମଚାରୀ, ଓକିଲ ସମସ୍ତଙ୍କ ଭିତରେ ଅସଂଖ୍ୟ ସଂଗଠନ। ଅଧିକାଂଶ ରାଜନୈତିକ ଚାପର ବଶବର୍ତ୍ତୀ, ଯଦ୍ୱାରା ଏକତା ବ୍ୟାହତ ହେଉଛି। ଏହା ଶାସକ ଶ୍ରେଣୀକୁ ସୁହାଉଛି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଗଣସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହିତ ଅନ୍ୟାୟ ଅତ୍ୟାଚାର ଅନୀତି ବିରୋଧରେ ଐକ୍ୟବଦ୍ଧ ସ୍ୱର ଉତ୍ତୋଳନ କରିବା ପ୍ରତ୍ୟେକ ଗଣସଂଗଠନର ଅନ୍ତଃସ୍ୱର ହେବା ଆବଶ୍ୟକ। ଏହା ସମ୍ଭବ ହେବ ସେତିକିବେଳେ ଯେତେବେଳେ ଗଣସଂଗଠନକୁ ନେତୃତ୍ୱ ଦେଉଥିବା ବ୍ୟକ୍ତିମାନେ ରାଜନୈତିକ ଚେତନାରେ ପରିପୁଷ୍ଟ ହୋଇଥିବେ, ମାତ୍ର ରାଜନୈତିକ ଚାପରୁ ମୁକ୍ତ ଥିବେ।

ସଭାପତି(ଓଷ୍ଟା)
ମୋ–୭୦୦୮୦୭୩୫୯୯

# ଦୂର ଦାରିଦ୍ର୍ୟ



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ ଜଣେ ବନ୍ଧୁ କହିଲେ, ଆମେରିକାରେ ଦାରିଦ୍ର୍ୟ ନାହିଁ। ଲେଖକ ଚଟାପଟ ଉତ୍ତର ଦେଇଥିଲେ, ଅବିକଳ ଭାରତ ପରି ନ ଥାଇ ପାରେ, କିନ୍ତୁ ଆମେରିକାରେ ଦାରିଦ୍ର୍ୟ କିଛି କମ୍ ଐତିହାସିକ ନୁହେଁ। ୨୦୨୧ ତଥ୍ୟ ଅନୁସାରେ ଆମେରିକା ଜନସଂଖ୍ୟାର ପ୍ରାୟ ୧୨ ପ୍ରତିଶତ ଦରିଦ୍ର, ଅର୍ଥାତ୍ ୩୭.୯ ନିୟୁତ ଏଠି ଗରିବ ଯାହା ୨୦୨୦ରେ ୩୭ ନିୟୁତ ଥିଲା। ଏମିତି କି ୧୯୭୦ରେ ଆମେରିକାରେ ଦାରିଦ୍ର୍ୟ ହାର ଥିଲା ସେଇ ୬୨ ପ୍ରତିଶତ। ବନ୍ଧୁଙ୍କ କଥାରେ ମୁଁ ଯୋଡ଼ିଲି, ତଥାକଥିତ ସମୃଦ୍ଧ ଆମେରିକାରେ ସବୁ ସ୍ୱପ୍ନ ପୂରଣ ହେବା ତଥାପି ବାକି ଅଛି। ଦାରିଦ୍ର୍ୟ ତ ଏମିତି ହ୍ରାସ ପାଉଛି, କିନ୍ତୁ ଜନସଂଖ୍ୟାର ଏକ ଅଂଶ ପାଇଁ ଦୁର୍ଭାଗ୍ୟକୁ ଏହା ଆରୋଗ୍ୟଜନକ ନ ହୋଇ ଦୀର୍ଘସ୍ଥାୟୀ ବ୍ୟାଧିରେ ପରିଣତ ହୋଇଛି। ଆମେରିକାରେ ୪୮ ପ୍ରତିଶତ ଗରିବଙ୍କ ଆୟ ବାର୍ଷିକ ୧୩,୫୯୦ ଡଲାର, ଯାହାକୁ ଏଠି ଆଖ୍ୟା ଦିଆଯାଇଛି ଅତି ଦରିଦ୍ର। ଏକ୍ସଟ୍ରିମ୍ ବା ଡିପ୍ ପୋଭର୍ଟି।

ବନ୍ଧୁ ଉଁ କି ଚୁଁ କିଛି କହୁ ନ ଥିଲେ। ମୁଁ କହିଲି, ଭାଗ୍ୟ ଭଲ କରୋନା ମହାମାରୀ ସମୟରେ ଆମେରିକାରେ ଗରିବମାନଙ୍କୁ ବିଶେଷ ସହାୟତା ଦିଆଯାଉ ନ ଥିଲା, ନଚେତ୍ ପରିସ୍ଥିତି ଆହୁରି ଖରାପ ହୋଇଯାଇଥାନ୍ତା। ଯୁକ୍ତରାଷ୍ଟ୍ରରେ ସରକାରୀ ଭାବେ ସ୍ଥିରୀକୃତ ହୋଇଥିବା ଦାରିଦ୍ର୍ୟ ସୀମାରେଖା ସ୍ତର ହେଉଛି ୪ ଜଣ ସଦସ୍ୟ ଥିବା ଗୋଟିଏ ପରିବାର ପାଇଁ ବାର୍ଷିକ ଆୟ ୨୫,୭୦୦ ଡଲାର। ଏକ ହିସାବ ଅନୁଯାୟୀ ଯୁକ୍ତରାଷ୍ଟ୍ର ରେ ୧୨.୯ ପ୍ରତିଶତ ମହିଳା ଏବଂ ୧୦.୬ ପ୍ରତିଶତ ପୁରୁଷ ଦାରିଦ୍ର୍ୟ ସୀମାରେଖା ତଳେ। ୨୦୧୮ରେ ଦେଶରେ ମୋଟ ୧୬.୨ ପ୍ରତିଶତ ପିଲା, ଅର୍ଥାତ୍ ପ୍ରାୟ ୬ ଜଣରେ ଗୋଟିଏ ପିଲା ଦାରିଦ୍ର୍ୟ ସ୍ତର ତଳେ ଥିଲା। ସିନିୟର ସିଟିଜେନ୍ ବା ୬୦ ବର୍ଷ ବା ତା'ଠୁ ଅଧିକ ବୟସ୍କ ନାଗରିକଙ୍କ ମଧ୍ୟରୁ ୯.୭ ପ୍ରତିଶତ ଥିଲେ ଦାରିଦ୍ର୍ୟ ସୀମାରେଖା ତଳେ। ଅନ୍ୟାନ୍ୟ ସୂତ୍ର ଅନୁସାରେ କରୋନା ସମୟରେ ୧୪ ପ୍ରତିଶତ ବୟସ୍କ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଆସିଥିଲେ। ସେତିକି ନୁହେଁ, ୨୦୧୮ରେ ୫୬ ପ୍ରତିଶତ ଆମେରିକୀୟ ପରିବାର ପାଇଁ ଖାଦ୍ୟ ନିରାପତ୍ତା ନ ଥିଲା। ଦାରିଦ୍ର୍ୟର ବର୍ଗୀକରଣ ଗୋଟିଏ ଦୃଷ୍ଟିକୋଣରୁ ଆମେରିକାରେ ଥିଲା କୁଆଡ଼େ ଏମିତି। (କ) ମହିଳା କୈନ୍ଦ୍ରିକ ପରିବାର ଯେଉଁଠି ସ୍ୱାମୀ ଅନୁପସ୍ଥିତ : ୨୪.୩ ପ୍ରତିଶତ। (ଖ) ଅତି ବେଶିରେ ହାଇସ୍କୁଲ, ଡିପ୍ଲୋମା ହାସଲ କରିଥିବା ବେରୋଜଗାର ଯୁବକଯୁବତୀ : ୨୩.୭ ପ୍ରତିଶତ। (ଗ ) ଯେଉଁମାନେ ଏମିତି ପରିବାର ସଦସ୍ୟ ଯେଉଁଠି ବୟସ୍କ ସଦସ୍ୟଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ : ୨୬.୪ ପ୍ରତିଶତ। (ଘ) ସଂଖ୍ୟାଲଘୁ (କୃଷ୍ଣକାୟ) : ୧୮.୮ ପ୍ରତିଶତ। ଯୁକ୍ତରାଷ୍ଟ୍ରରେ ଯେଉଁ ଅଞ୍ଚଳରେ (ଷ୍ଟେଟ) ଦାରିଦ୍ର୍ୟ ସର୍ବାଧିକ ସେସବୁ ଭିତରେ ଅଛି ମିସିସିପି, ଆର୍କାନ୍‌ସାସ, ଲୁଇଜନିଆ, ପଶ୍ଚିମ ଭର୍ଜିନିଆ, କେଣ୍ଟୁକି, ଆଲାବାମା, ଦକ୍ଷିଣ କାରୋଲିନା, ଜର୍ଜିଆ,ଉତ୍ତର କାରୋଲିନା ଓ ନ୍ୟୁ ମେକ୍ସିକୋ।



ବନ୍ଧୁ ମଝିରେ ପଚାରିଥିଲେ, ଆମେରିକାରେ ଜିଡିପି ବା ମୋଟ ଘରୋଇ ଉତ୍ପାଦ ଅଧିକ ରହିଥିବା ବେଳେ ଏଠି ତଥାପି ଏତେ ଦାରିଦ୍ର୍ୟ କ'ଣ ପାଇଁ ! ମୁଁ କହିଲି, ୨୦୧୭ 'ପୁଲିତ୍‌ଜର' ବିଜେତା ମ୍ୟାଥ୍ୟୁ ଡେସ୍‌ମଣ୍ଡ ତାଙ୍କର ଚର୍ଚ୍ଚିତ ପୁସ୍ତକ 'ଏଭିକ୍‌ଟେଡ୍ : ପୋଭର୍ଟି ଆଣ୍ଡ ପ୍ରଫିଟ୍ ଇନ୍ ଆମେରିକାନ୍ ସିଟି ' ରେ ଲେଖିଛନ୍ତି , ଉପରକୁ କେହି କିଛି ଦେଖିପାରୁ ବା ନ ପାରୁ, ଆମେରିକାରେ ଶ୍ରେଣୀ ସଂଘର୍ଷ ତୀବ୍ର। ଏକଥା ନୁହେଁ ଯେ ଏଠି ସମ୍ବଳ ନାହିଁ ବା ସୁଯୋଗ ନାହିଁ ଅଥଚ ଏଠି ପ୍ରତି ମୁହୂର୍ତ୍ତରେ ଧନୀମାନେ ଗରିବମାନଙ୍କୁ ସେମିତି ଗରିବ ରଖି ଅଧିକ ଧନୀ ହେବା ପାଇଁ ପ୍ରତିଯୋଗିତାକୁ ଓହ୍ଲେଇଛନ୍ତି। ଆମେରିକାରେ ଅର୍ଥନୀତି ବହୁ ବର୍ଷ ଧରି ଅନ୍ତର୍ଭୁକ୍ତି ହେବା ଭୁଲିଯାଇଛି। ପରିବର୍ତ୍ତିତ ବ୍ୟବସ୍ଥା ସୁହାଉଛି ଏବଂ ସର୍ବାଧିକ ସୁବିଧା ହେଉଛି ଧନୀମାନଙ୍କୁ। କର ରିହାତିଠୁ ଆରମ୍ଭକରି ଯାବତୀୟ ଋଣ ଓ ଅନ୍ୟାନ୍ୟ ସହାୟତା ଆମେରିକା ଅର୍ଥନୀତି କେବଳ ସ୍ୱଚ୍ଛଳମାନଙ୍କ ସ୍ୱାର୍ଥରେ ଲଗେଇଛି। ଡେସ୍‌ମଣ୍ଡ ଦର୍ଶାଇଛନ୍ତି, ଦୁର୍ଭାଗ୍ୟ ହେଉଛି ଆମେରିକୀୟ ଅର୍ଥନୀତିର ନିର୍ମାଣ ଢାଞ୍ଚା ଏମିତି ଯେ ଏହା କେବଳ ସ୍ୱଚ୍ଛଳମାନଙ୍କୁ, କର୍ପୋରେଟମାନଙ୍କୁ ସୁହାଇବ। ଆଉ ଏମିତି ଏକ ବ୍ୟବସ୍ଥାରେ ୯୦ ପ୍ରତିଶତ ଫାଇଦା ଥିଲାବାଲା ପାଇବା ପରେ ଗରିବମାନଙ୍କ କଲ୍ୟାଣ ପାଇଁ କ'ଣ ବା ବଳିବ ! ଡେସ୍‌ମଣ୍ଡ ଅନ୍ୟ ଏକ ପ୍ରବନ୍ଧରେ ଏକଥା ମଧ୍ୟ କହିଛନ୍ତି , ସ୍ୱଚ୍ଛଳ ଆମେରିକୀୟମାନେ ଶସ୍ତାରେ ବିଭିନ୍ନ ସାମଗ୍ରୀ ଓ ସେବା ପାଇବାକୁ ଚାହାନ୍ତି। ସେମାନଙ୍କ ପୁଞ୍ଜିନିବେଶ ଉପରେ ଆକର୍ଷଣୀୟ ସୁଧ ଚାହାନ୍ତି – ଏସବୁ ଜଣେ ଗରିବ ଲୋକକୁ ଯେତେ କ୍ଷତି ପହଞ୍ଚାଉ ପଛକେ।

ପାଠକେ, ଦୃଷ୍ଟି ଦିଅନ୍ତୁ ଆମ ସମୟର ପୃଥିବୀରେ ବୀଭତ୍ସତମ କର୍ପୋରେଟୀକରଣ ବୈଷମ୍ୟକୁ ରୀତିମତ ପ୍ରୋତ୍ସାହନ ଯୋଗେଇ ଆସିଛି ଏବଂ ସେହି କ୍ରମରେ ଆମେରିକା ଏକ ଚମତ୍କାର ଉଦାହରଣ। ବନ୍ଧୁ କହିଲେ , ଆମ ଅର୍ଥନୀତି ସେଇ ଦୌଡ଼ରେ ସାମିଲ ହୋଇସାରିଛି।

ନୀତି ଆୟୋଗର ୨୦୨୧ ରିପୋର୍ଟ ଅନୁଯାୟୀ ଭାରତୀୟ ଜନସଂଖ୍ୟାର ୨୫.୦୧ ପ୍ରତିଶତ ବହୁବିଧ ଦାରିଦ୍ର୍ୟକୁ ସାମ୍ନା କରିଛନ୍ତି। ୨୦୦୫–୦୬ ରୁ ୨୦୧୯–୨୦ ଭିତରେ ୪୦୦ ନିୟୁତ ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ କୁଆଡ଼େ ଉଠିଛନ୍ତି, ତଥାପି ଗୋଟିଏ ଦେଶ ଜନସଂଖ୍ୟାର ୨୫ ପ୍ରତିଶତ ଦରିଦ୍ର ହୋଇ ରହିବା କିଛି କମ୍ ଚିନ୍ତାଜନକ ନୁହେଁ। ଗ୍ରାମାଞ୍ଚଳରେ ଏହା ୩୨.୭୫ ପ୍ରତିଶତ। ଆପଣ ଚିନ୍ତା କରିପାରନ୍ତି, ଭାରତରେ ଦାରିଦ୍ର୍ୟ ନେଇ ଆଉ ଗୋଟିଏ ମତ ବି ଅଛି ଏବଂ ତାହା ହେଉଛି ଜଣେ ଯେମିତି ନିଜ ଭାଷା ଓ ସଂସ୍କୃତିକୁ ଭଲ ପାଏ ଠିକ୍ ସେମିତି ଭାରତୀୟମାନେ ଦରିଦ୍ରତା ସହ ପ୍ରେମ ଓ ଅନୁରାଗର ବନ୍ଧନରେ ବନ୍ଧା। ଅର୍ଥାତ୍ ସେମାନେ ଐତିହାସିକ ଦାରିଦ୍ର୍ୟରୁ ମୁକ୍ତି ସତରେ ଚାହାନ୍ତି ନାହିଁ। ଭୋଟ ଆସିଲେ କିଛି ପଇସା, ସବ୍‌ସିଡି ଖାଦ୍ୟ ଏବଂ ମଝିରେ ମଝିରେ ଆଉ କିଛି ସହାୟତା ମିଳିଗଲେ ହେଲା।

ମୋ: ୯୪୩୭୧୩୭୦୬୦

## ଏଇ ଭାରତରେ

ଭାରତରେ ବାହାଘରରେ ପ୍ଲାଷ୍ଟିକ୍ ବ୍ୟବହାର ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏହାକୁ ଦୂର କରିବା ଲାଗି ବେଙ୍ଗାଲୁରୁର ଦୁଇ ମହିଳାଙ୍କ ପ୍ରୟାସ ପ୍ରେରଣାଦାୟକ। ଏହି ଦୁଇ ମହିଳା ହେଉଛନ୍ତି ବର ଓ କନ୍ୟାଙ୍କ ମାତା। କନ୍ୟାଙ୍କ ମାତା ଚାରୁଲତା ଆର୍. ଏବଂ ବରଙ୍କ ମାତା ଅନୁପମା ହରିଶ ଏଭଳି ପ୍ଲାଷ୍ଟିକ୍‌ମୁକ୍ତ ବାହାଘର ପାଇଁ ନିଷ୍ପତ୍ତି ନେଇଥିଲେ ଓ ସେଥିରେ ସଫଳ ହୋଇଛନ୍ତି। ଆଶୁତୋଷ ଓ ନିଧିଙ୍କ ଲଗ୍ନ ସ୍ଥିର ହେବାପରେ ଚାରୁଲତା ଏମିତିକା ବାହାଘର ପାଇଁ ସର୍ତ୍ତ ରଖିଥିଲେ ଓ ଅନୁପମା ଏଥିରେ ସହମତି ପ୍ରକାଶ କରିଥିଲେ। ବାହାଘରରେ ପ୍ରାୟ ୧୦୦୦ ଅତିଥିଙ୍କୁ ଷ୍ଟିଲ୍ ପ୍ଲେଟ୍ ଓ କଦଳୀ ପତ୍ରରେ ଖାଦ୍ୟ ପରଷା ଯାଇଥିଲା। କୌଣସିଠାରେ ପ୍ଲାଷ୍ଟିକ୍ ଫୁଲ ବ୍ୟବହାର ହୋଇ ନ ଥିଲା। କେବଳ ଏତିକି ନୁହେଁ, ଖାଦ୍ୟ ନଷ୍ଟ ନ ହେବା ଲାଗି ସେମାନେ ସେଠାରେ ଅତିଥିମାନଙ୍କ ପାଇଁ ସଚେତନତାର ବାର୍ତ୍ତା ଉଲ୍ଲେଖ କରିଥିଲେ। ସାଜସଜ୍ଜାରେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ କରାଯାଇଥିଲା। ଏହି ବାହାଘର ଶେଷ ହେବା ପରେ ବର୍ଜ୍ୟକୁ ଖତ ତିଆରି କରୁଥିବା ୟୁନିଟ୍‌କୁ ପଠାଇଥିଲେ। ବଡ଼ କଥା ହେଉଛି ନିମନ୍ତ୍ରଣପତ୍ରରେ ଉଭୟପକ୍ଷ ଲେଖିଥିଲେ ଯେ ଆମେ ସବୁଠୁ କମ୍ ବର୍ଜ୍ୟରେ ବାହାଘର କରିବାକୁ ଚେଷ୍ଟା କରୁଛୁ, ଏଣୁ କେହି କୌଣସି ଉପହାର ନ ଆଣିବାକୁ ଅନୁରୋଧ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁଲାଇ ୧୯୯୮

- ବିଜେଡି ସାଂସଦ ପ୍ରଭାତ ସାମନ୍ତରାୟ ପବ୍ଲିକ୍ ଆକାଉଣ୍ଟସ୍ କମିଟିକୁ ସଦସ୍ୟ ଭାବେ ନିର୍ବାଚିତ।
- ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ପ୍ରଯୋଜକ ତଥା ବିତରକ ବଟକୃଷ୍ଣ ନାୟକଙ୍କ ୬୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର
ଆନମନା !
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହାତୀ–ମଣିଷ ଲଢ଼େଇ ରୋକାଯାଉ

ମହାଶୟ,

ଜଙ୍ଗଲରେ ଖାଦ୍ୟ ନ ପାଇ ହାତୀପଲ ଜନବସତି ମୁହାଁ ହେଉଥିବାରୁ ହାତୀ–ମଣିଷ ଲଢ଼େଇରେ ଉଭୟ ପକ୍ଷରୁ ମୃତାହାତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଆକ୍ରୋଶ ହେଉ କି ଫସଲ ରକ୍ଷା ଲୋକେ ହାତୀକୁ ହତ୍ୟା କରୁଛନ୍ତି। ଫଳରେ ହାତୀ ବଂଶ ଲୋପପାଉଛି। ବିଶେଷକରି ହାତୀଙ୍କ ପ୍ରିୟ ଖାଦ୍ୟ ତାଳ ହୋଇଥିବା ବେଳେ ତାଳଗଛ କଟାଯାଇ ଅନ୍ୟତ୍ର ଚାଲାଣ କରାଯାଉଥିବାରୁ ହାତୀ ପଲ ଏହି ତାଳ ଖାଇବାକୁ ଜନବସତି ମୁହାଁ ହେଉଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁହାର କମ୍ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ହାତୀ–ମଣିଷ ଲଢ଼େଇକୁ ପ୍ରତିହତ କରାଯାଇପାରୁନାହିଁ। ସେହିଭଳି ବନ୍ୟପ୍ରାଣୀ ବିଭାଗ ଅଧିକାରୀଙ୍କ ବେପରୁଆ ମନୋଭାବ ସମେତ ଜନସଚେତନତା ଅଭାବରୁ ଏଭଳି ଲଢ଼େଇ ଜାରି ରହୁଛି। ରାଜ୍ୟ ସରକାରଙ୍କୁ ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟି ପକ୍ଷରୁ ଏଥିପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଗ୍ରହଣ କରୁ ନ ଥିବାରୁ ପ୍ରତିକାର ହୋଇପାରୁନାହିଁ।

– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାୱାରଙ୍କୁ ଭେଟିଲେ ଅଜିତ ଗୋଷ୍ଠୀ

## ବିଦ୍ରୋହ ପରେ ପ୍ରଥମ ସାକ୍ଷାତ୍

ମୁମ୍ବାଇ, ୧୬।୭


ଏନ୍‌ସିପିରେ ବିଦ୍ରୋହ ପରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏକ ଆଶ୍ଚର୍ଯ୍ୟ ଘଟଣାକ୍ରମରେ ଦଳର ଅଧ୍ୟକ୍ଷ ଶରଦ ପାୱାରଙ୍କୁ ରବିବାର ଭେଟିଛନ୍ତି। ତାଙ୍କ ସହ ପ୍ରଫୁଲ୍ଲ ପଟେଲ, ଛଗନ ଭୁଜବଳ ଓ ଅନ୍ୟ ଏନ୍‌ସିପି ମନ୍ତ୍ରୀମାନେ ପାୱାରଙ୍କୁ ମୁମ୍ବାଇର ୱାଇ.ବି. ଚଭନ ସେଣ୍ଟରରେ ଭେଟିଥିଲେ। ବିଦ୍ରୋହ ପରେ ଶରଦ ପାୱାର ଏବଂ ଅଜିତ ପାୱାର ଗୋଷ୍ଠୀ ମଧ୍ୟରେ ଏହା ପ୍ରଥମ ସାକ୍ଷାତ୍। ଅଜିତଙ୍କ ନେତୃତ୍ୱରେ ଏନ୍‌ସିପିର ୮ ଜଣ ବିଧାୟକ ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ କରି ଜୁଲାଇ ୨ରେ ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇଥିଲେ। ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନର ଦିନକ ପୂର୍ବରୁ ବିନା ଆପଏଣ୍ଟମେଣ୍ଟରେ ଅଜିତ ଗୋଷ୍ଠୀ ପାୱାରଙ୍କୁ ଭେଟିଛନ୍ତି। ଏନ୍‌ସିପି ଅଧ୍ୟକ୍ଷଙ୍କ ଆଶୀର୍ବାଦ ନେବା ପାଇଁ ଆସିଥିଲୁ। ଏନ୍‌ସିପିକୁ ଏକାଠି ରଖିବା ପାଇଁ ଆମେ ତାଙ୍କୁ ନିବେଦନ କରିଛୁ ବୋଲି ପ୍ରଫୁଲ୍ଲ ପଟେଲ କହିଛନ୍ତି। ଶରଦ ପାୱାର ଦଳର ନେତା ହୋଇଥିବାରୁ ଅଜିତ ଗୋଷ୍ଠୀ ତାଙ୍କୁ ଭେଟିବାକୁ ଯାଇଥିଲେ। ତେବେ କୌଣସି ବଡ଼ ଡିଲ୍ ହୋଇ ନ ଥିବା ଭାଜପା ନେତା ତଥା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି।



ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟି ଫେରୁଛନ୍ତି ବିଦ୍ରୋହୀ ନେତା ଛଗନ ଭୁଜବଳ, ପ୍ରଫୁଲ୍ଲ ପଟେଲ, ଅଜିତ ପାୱାର ଓ ଅନ୍ୟମାନେ।

# ଚାଷୀମାନେ ଭାରତର ଶକ୍ତି: ରାହୁଲ

ନୂଆଦିଲ୍ଲୀ, ୧୬।୭(ପି.ଟି.)



ରାହୁଲ ଗାନ୍ଧୀ

ଚାଷୀମାନେ ହେଉଛନ୍ତି ଭାରତର ଶକ୍ତି। ଯଦି ଆମେ ସେମାନଙ୍କ କଥା ଶୁଣିବା ଏବଂ ସେମାନଙ୍କ ଦୃଷ୍ଟିକୋଣକୁ ବୁଝିପାରିବା, ତେବେ ଦେଶର ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଗତ ୮ ତାରିଖରେ ହରିୟାଣାର ସୋନେପତ୍ ଜିଲା ଅନ୍ତର୍ଗତ ମଦିନା ଗ୍ରାମର ଚାଷଜମିକୁ ଯାଇ କୃଷକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ସହ କଥା ହୋଇଥିଲେ। ଏଥିସହିତ ସେ ଟ୍ରାକ୍ଟରରେ ଜମି ହଳ କରିବା ସହ ଧାନ ତଳି ରୋଇଁଥିଲେ। ଉକ୍ତ ଭିଡିଓକୁ ରାହୁଲ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। କୃଷକମାନେ ଦେଶର ସାମର୍ଥ୍ୟ ବୋଲି ସେ ହିନ୍ଦୀରେ ଟୁଇଟ୍ କରିଛନ୍ତି। ଭାରତର ଚାଷୀ ସଚ୍ଚୋଟ ଓ ସମ୍ବେଦନଶୀଳ। ସେମାନେ ନିଜର କଠିନ ପରିଶ୍ରମ ଓ ସେମାନଙ୍କ ଅଧିକାର ସମ୍ପର୍କରେ ଭଲ ଭାବେ ଅବଗତ। ଆବଶ୍ୟକ ବେଳେ ସେମାନେ କଳା ଆଇନ ବିରୋଧରେ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି ଏବଂ ଏମ୍‌ଏସ୍‌ପି ତଥା ବୀମା ଅଧିକାର ପାଇଁ ଦାବି ଉଠାଇଛନ୍ତି। ଆମେ ସେମାନଙ୍କ ଦୃଷ୍ଟିକୋଣକୁ ଅନୁଭବ କରିପାରିଲେ ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଦେଶକୁ ଏକତ୍ର କରି ରଖିବାରେ କୃଷକମାନଙ୍କର ବଡ଼ ଅବଦାନ ରହିଛି। ସେମାନେ ଉତ୍ପାଦନ କରୁଥିବା ଖାଦ୍ୟଶସ୍ୟ ସାରା ଦେଶର ପ୍ରତ୍ୟେକଙ୍କ ପ୍ଲେଟ୍‌ର ଅଂଶବିଶେଷ। ତେବେ ସେମାନଙ୍କ ତପସ୍ୟା ଯେଉଁ ସମ୍ମାନ ପାଇବାକୁ ହକ୍‌ଦାର, ତାହା ମିଳୁନାହିଁ ବୋଲି କଂଗ୍ରେସ କହିଛି। ଭାରତ ଯୋଡ଼ୋ ଯାତ୍ରା ବେଳେ ରାହୁଲ ଚାଷୀ ଓ କୃଷି ଶ୍ରମିକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିବା ସହ ସେମାନଙ୍କ ସଂଘର୍ଷକୁ ବୁଝିଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

# ଚିରଞ୍ଜୀବ-ମୋକିମ୍‌ଙ୍କୁ ନିଲମ୍ବନ ପରେ ତେଜିଲା କଂଗ୍ରେସ ରାଜନୀତି

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)

- ସଭାପତିଙ୍କ ଚକ୍ରାନ୍ତ ପଣ୍ଡ ହେବ: ମୋକିମ୍
- ଦଳର କିଛି କ୍ଷତି ହେବ ନାହିଁ: ପିସିସି ସଭାପତି

କଂଗ୍ରେସର ଦୁଇ ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ଏବଂ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ନିଲମ୍ବିତ କରାଯିବା ପରେ ଦଳ ଭିତରେ ଜୋର୍ ଧରିଛି ରାଜନୀତି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଏଭଳି ନିଷ୍ପତ୍ତି ପାଇଁ ଉଭୟ ନେତାଙ୍କ ସମର୍ଥକମାନେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ଦୋଷ ଦେଇଛନ୍ତି। ଅନ୍ୟପଟେ ଏହି ଦୁଇ ନେତାଙ୍କ ସମର୍ଥକମାନେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିବା ସହ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଛନ୍ତି। ମୋକିମ୍ ସିଧାସଳଖ ଦଳର ରାଜ୍ୟ ନେତୃତ୍ୱକୁ ଟାର୍ଗେଟ କରିଥିବା ବେଳେ ସୋମବାର ଚିରଞ୍ଜୀବ ଏକ ଖବରଦାତା ସମ୍ମିଳନୀ ଜରିଆରେ ତାଙ୍କ ପ୍ରତିକ୍ରିୟା ରଖିବେ ବୋଲି ଜଣାପଡ଼ିଛି।

ନିଲମ୍ବନ ଆଦେଶକୁ ନେଇ ମହମ୍ମଦ ମୋକିମ୍ କହିଛନ୍ତି ଯେ, ଯଦି କଂଗ୍ରେସ ଆସନ୍ତା ସାଧାରଣ ନିର୍ବାଚନରେ ଲଢ଼ିବାର ସୁଯୋଗ ନ ଦେବ ତେବେ ଲୋକଙ୍କ ସମର୍ଥନ ନେଇ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ରଣାଙ୍ଗନକୁ ଓହ୍ଲାଇବେ। ଅନ୍ୟ କୌଣସି ଦଳକୁ ଯିବେ ନାହିଁ। ତେଣୁ ଯେଉଁମାନେ ଚକ୍ରାନ୍ତ କରିଛନ୍ତି ସେମାନଙ୍କ ଯୋଜନା ପଣ୍ଡ ହେବ। ତାଙ୍କୁ ଦଳରୁ କାଢ଼ିବା ଲାଗି ଦଳର ମୁଖିଆ ଅର୍ଥାତ୍ ପରୋକ୍ଷରେ ସେ ଶରତ ପଟ୍ଟନାୟକଙ୍କୁ ଦୋଷ ଦେଇଛନ୍ତି। ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଭୁଲ୍‌ଭଟକା ସମସ୍ତଙ୍କର ରହିଛି। ତାଙ୍କର ଏବଂ ବହୁ ଲୋକଙ୍କର ମଧ୍ୟ ଅନେକ ସ୍ଥାନରେ ଭୁଲ୍ ରହିଛି। ଚିରଞ୍ଜୀବ କଂଗ୍ରେସର ବରିଷ୍ଠ ନେତା ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପୁଅ। ବସନ୍ତଙ୍କର କଂଗ୍ରେସ ପାଇଁ ବହୁ ଅବଦାନ ରହିଛି। ତେଣୁ ଯେଉଁ ନିଲମ୍ବନ ଆଦେଶ ଦିଆଯାଇଛି ଏହା ଉପରେ ତର୍ଜମା କରି ଏହାକୁ ପ୍ରତ୍ୟାହାର କରିବାକୁ ସୁର ଅନୁରୋଧ କରିଛନ୍ତି। ଅନ୍ୟପଟେ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଏଆଇସିସି ଯେଉଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାକୁ ସମର୍ଥନ କରୁଛି। ଜାନକୀ-ବସନ୍ତ ଯୋଡ଼ି ଓଡ଼ିଶା ରାଜନୀତିର ସ୍ୱର୍ଣ୍ଣିମଯୁଗ ନାଁରେ ଯେଉଁ ସମାବେଶ କରାଗଲା ସେଠାରେ ଦଳର ନେତୃତ୍ୱକୁ ଟାର୍ଗେଟ କରାଗଲା ଏହା ସମ୍ପୂର୍ଣ୍ଣ ଭୁଲ୍। ଏହାର ପ୍ରଚ୍ଛଦପଟରେ ଆହୁରି ଅନେକ ନେତା ଅଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି, ସମସ୍ତଙ୍କ ଅବଦାନ ଯୋଗୁ କଂଗ୍ରେସ ଉଠିଛି। ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି ବୋଲି ହାଇକମାଣ୍ଡ ନିଜେ କହିଥିଲେ। ତେଣୁ ହାଇକମାଣ୍ଡ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଗ୍ରହଣ କରିଛନ୍ତି। ଏହାଦ୍ୱାରା କଂଗ୍ରେସର କିଛି କ୍ଷତି ହେବାର ନାହିଁ ବୋଲି ସେ କହିଛନ୍ତି।

ତେବେ ଏହି ଘଟଣାକୁ ନେଇ ଉଭୟ ନେତାଙ୍କ ସମର୍ଥକମାନେ କଂଗ୍ରେସ ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ମୋକିମ୍‌ଙ୍କ ସମର୍ଥକମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପିସିସି ସଭାପତିଙ୍କ ପୋଷ୍ଟର ଦାହ କରିଛନ୍ତି। ତୁରନ୍ତ ମୋକିମ୍‌ଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ସହ ଶରତ ପଟ୍ଟନାୟକଙ୍କ ବିରୋଧରେ ନାରାବାଜି ମଧ୍ୟ କରିଛନ୍ତି। ଅନ୍ୟପଟେ ଜଗତସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ମଧ୍ୟ କଂଗ୍ରେସ କର୍ମୀମାନେ ଚିରଞ୍ଜୀବଙ୍କୁ ନିଲମ୍ବନ କରାଯିବା ନେଇ ପ୍ରତିବାଦ କରିବା ସହ ସଭାପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ରାଜଧାନୀଠାରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ଅଗଣତାନ୍ତ୍ରିକ ପଦ୍ଧତିରେ ଉଭୟ ନେତାଙ୍କୁ ନିଲମ୍ବିତ କରାଯାଇଛି। ଯେଉଁସବୁ ଜିଲାରେ କଂଗ୍ରେସ ଶକ୍ତିଶାଳୀ ଅଛି ଏବଂ ଦୁଇ ନମ୍ବର ସ୍ଥାନରେ ରହିଛି ସେଠାରେ ଦଳକୁ ଦୁର୍ବଳ କରି ସ୍ଥାନୀୟ ନେତୃତ୍ୱଙ୍କୁ ଦଳରୁ ବିଦା କରି ଭାଜପାକୁ ଆଗକୁ ନେବା ଲାଗି ପିସିସି ସଭାପତି ଯୋଜନା କରୁଛନ୍ତି। ସଭାପତି ସମ୍ପୂର୍ଣ୍ଣ ଭାବେ ଭାଜପାକୁ ଆଗକୁ ନେବାକୁ ଚେଷ୍ଟା କରୁଛନ୍ତି। ପ୍ରଥମେ ଏଆଇସିସି ଉଭୟ ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରୁ। ଏହାପରେ ସଭାପତି ପଦ ପରିବର୍ତ୍ତନ କରୁ ବୋଲି ଦଳର ସାଧାରଣ ସମ୍ପାଦକ ନାରାୟଣ ଜେନା କହିଛନ୍ତି।




କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ କଂଗ୍ରେସରୁ ନିଲମ୍ବନକୁ ବିରୋଧ କରି ତାଙ୍କ ସମର୍ଥକମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିରୋଧ ପ୍ରଦର୍ଶନ କରୁଛନ୍ତି।

# ଆସନ୍ତା ୨୨ରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)

ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୨୨ ତାରିଖରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏନେଇ ଦଳୀୟସ୍ତରରେ ସବୁ ସାଙ୍ଗଠନିକ ମୁଖ୍ୟମାନଙ୍କୁ ସୂଚନା ଦିଆଯାଇସାରିଥିବା ଜଣାପଡ଼ିଛି। ତେବେ ଗତ ୬ ଏବଂ ୧୪ ତାରିଖରେ ଉଭୟ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶେଷ ହୋଇସାରିଛି। ଏହି ଦୁଇ ରାଜ୍ୟ କାର୍ଯ୍ୟକାରିଣୀରେ ଦଳର ଛାମୁଆ ସଂଗଠନ କିଭଳି ଆଗକୁ ଜିଲାଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସକ୍ରିୟ ଭୂମିକା ତୁଲାଇବେ ସେନେଇ ଆଲୋଚନା ହୋଇଥିଲା। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଏବେଠାରୁ ଯୁବ, ଛାତ୍ର ଏବଂ ମହିଳା ସଂଗଠନକୁ ସକ୍ରିୟ କରିବା ପାଇଁ ଯୋଜନା କରାଯାଉଥିବା ଆଲୋଚନା ହେଉଛି। ତେବେ କାର୍ଯ୍ୟକାରିଣୀରେ ଏହି ସଂଗଠନକୁ ମଧ୍ୟ ନୂଆ ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚା ହେଉଛି। ସେହିକ୍ରମରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ସେମାନଙ୍କୁ ମଧ୍ୟ ଅଧିକ ସକ୍ରିୟ କରିବାକୁ ଦଳ ଯୋଜନା ରଖିଛି।

# ଜଗତ୍‌ସିଂହପୁର ଜିଲାର ପଦାଧିକାରୀ ତାଲିକା ପ୍ରକାଶ କଲା ବିଜେଡି

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)

- ମୋଟ୍ ୧୦୪ ନେତାଙ୍କୁ ମିଳିଲା ନୂଆ ନିଯୁକ୍ତି
- ୧୨ ବରିଷ୍ଠ ଉପସଭାପତି, ୧୪ ଉପସଭାପତି, ୨୮ ସାଧାରଣ ସମ୍ପାଦକ ହେଲେ

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଜିଲାଗୁଡ଼ିକରେ ସଂଗଠନକୁ ସୁଦୃଢ଼ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛି। ପ୍ରଥମେ ସବୁ ଜିଲାର ସଭାପତି ପଦରେ ନେତାମାନଙ୍କୁ ନିଯୁକ୍ତି ଦେବା ପରେ ଏବେ ପଦାଧିକାରୀ ନିଯୁକ୍ତି ନେଇ ତାଲିକା ପ୍ରକାଶ କରୁଛି। ଏହି କ୍ରମରେ ରବିବାର ଜଗତ୍‌ସିଂହପୁର ଜିଲା ବିଜେଡିରେ ନୂତନ ପଦାଧିକାରୀମାନଙ୍କୁ ଦଳ ନିଯୁକ୍ତ କରିଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲା ଲାଗି ମୋଟ ୧୦୪ ଜଣଙ୍କୁ ବିଭିନ୍ନ ପଦରେ ନିଯୁକ୍ତ କରାଯାଇଛି। ଏଥିରେ ୧୨ ଜଣଙ୍କୁ ବରିଷ୍ଠ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ୧୪ ଜଣଙ୍କୁ ଉପସଭାପତି କରାଯାଇଛି। ଏଥିସହ ୨୮ ସାଧାରଣ ସମ୍ପାଦକ, ୪୫ ଜଣଙ୍କୁ ଜିଲାରେ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ଏହାସହ ଜିଲା ଉପଦେଷ୍ଟା କମିଟି ଦାୟିତ୍ୱରେ ୫ ଜଣଙ୍କୁ ନିଯୁକ୍ତ କରାଯାଇଛି। ପଦାଧିକାରୀ ନିଯୁକ୍ତି ନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ବିଶ୍ୱାସଭାଜନ ହୋଇପାରୁ ନାହାନ୍ତି ବିରୋଧୀ

ଯାଜପୁର, ୧୬।୭ (ହର୍ଷବର୍ଦ୍ଧନ ବେହେରା)

## ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ



ଯାଜପୁର ଜିଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଗତ ୨୩ ବର୍ଷ ହେଲା ତୃଣମୂଳସ୍ତରରୁ ଶକ୍ତିଶାଳୀ। ବିଜେଡି ସରକାରଙ୍କ ନୀତି ଓ ଆଦର୍ଶ ଭଲ ବୋଲି ଏଯାଏ ଦଳୀୟ ନେତା, କର୍ମୀମାନେ କହି ବୁଲୁଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନରେ ଜିଲାର ସମସ୍ତ ଜିଲା ପରିଷଦ ଆସନ ଅକ୍ତିଆର କରି ବିଜେଡି ଏହାର ପ୍ରମାଣ ଦେଇଛି। ଏଭଳିସ୍ଥଳେ ବିଜେଡିର ବିକଳ୍ପ ପାଇଁ ବିରୋଧୀ ବିଶ୍ୱାସ ହୋଇପାରୁନାହାନ୍ତି। ବିଜେଡିର ବିକଳ୍ପ ଦଳ ଭାବରେ ଭାଜପା ଉଭା ହେବ ବୋଲି ଯେଉଁ ଦୃଢ଼ୋକ୍ତି ପ୍ରକାଶ କରିଆସୁଛି ତାହା ଏଯାଏ ଭାଷଣରେ ସୀମିତ ରହିଛି। କଂଗ୍ରେସର ସ୍ଥିତି ଆହୁରି ଦୁର୍ବଳ ହେବା ସହ ଜନଗଣଙ୍କ ସେତେଟା ବିଶ୍ୱାସଭାଜନ ହୋଇ ପାରି ନ ଥିବା ଆଲୋଚନା ହେଉଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଏହାର କେତୋଟି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି।

୨୦୨୪ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ୨୦୧୯ ନିର୍ବାଚନରେ ବିଜେଡିର ଭୋଟହାର ହ୍ରାସ ପାଇଥିବାରୁ ଦଳ ଏଥର ୨୦୧୪ ସ୍ଥିତିକୁ ଫେରିବାକୁ ସମସ୍ତ କୌଶଳ ଆପଣାଇବ ବୋଲି ନେତାମାନେ କହୁଛନ୍ତି। ହେଲେ ୨୦୧୯ ବିଧାନସଭା ନିର୍ବାଚନ ପରେ ଭାଜପା ଶିବିରର ହାଲଚାଲ ସାମାନ୍ୟ ବଦଳିଛି। ଧର୍ମଶାଳାର ୨ ଦଶନ୍ଧିର ଭାଜପା ନେତା ରମେଶ ଚନ୍ଦ୍ର ପରିଡ଼ାଙ୍କ ହାତରୁ ଏଥର ଲଗାମ ଖସିଯିବାର ସମ୍ଭାବନା ସୃଷ୍ଟି ହୋଇଛି। ନିକଟରେ ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ ଭାଜପାରେ ଯୋଗଦେଇଥିବା ଖବର ବିଜେଡି ଶିବିରକୁ ସାମାନ୍ୟ ବିଚଳିତ କରିଥିବା କୁହାଯାଉଛି। ସେହିପରି କଂଗ୍ରେସରୁ ଭାଜପାକୁ ଡିଆଁ ମାରିଥିବା ଯୁବନେତ୍ରୀ ସ୍ମୃତିରେଖା ପହି ଭାଜପା ଶିବିରର ନେତ୍ରୀ ଭାବେ ଧର୍ମଶାଳାରେ ଉଭା ହୋଇଛନ୍ତି। ସ୍ମୃତିରେଖାଙ୍କ ନେତୃତ୍ୱରେ ଗତ ପଞ୍ଚାୟତ ନିର୍ବାଚନରେ ଦଳ ସେତେଟା ସଫଳ ହୋଇ ନ ଥିଲେ ହେଁ ବିଜେଡି ପାଇଁ ସତର୍କ ଘଣ୍ଟି ହୋଇଥିଲେ। ଭାଜପାର ଅନ୍ୟତମ ନେତା ସର୍ବେଶ୍ୱର ବେହୁରା ଏବେ ଆଇନ ଜାଲରେ ଛନ୍ଦି ହୋଇଥିବାରୁ ତାଙ୍କ ରାଜନୈତିକ ଜୀବନ ଉପରେ ବହୁ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳିସ୍ଥିତିରେ ଧର୍ମଶାଳା ଭାଜପାରେ ଏକ ନୂତନ ସମୀକରଣ ସୃଷ୍ଟି ହେବ ବୋଲି ମନେ ହେଉଛି।

ଅନ୍ୟପକ୍ଷରେ ବିଜେଡିର କେତେକ ଆଗଧାଡିର ନେତା କଳାପଥର ଲୁଟ ଅଭିଯୋଗରେ ବିପୁଳ ଟଙ୍କାର ଜରିମାନାରେ ଛନ୍ଦି ହୋଇଥିବାରୁ ସେମାନଙ୍କ ଭୂମିକା ସନ୍ଦେହରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏକାଧିକ ପଥର ବ୍ୟବସାୟୀଙ୍କ ଉପରେ ପ୍ରାୟ ୩୦୦ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଦୀର୍ଘଦିନ ଧରି ଏଠାରେ କ୍ଷମତାରେ ରହିବା, ଗତ ପଞ୍ଚାୟତ ନିର୍ବାଚନରେ ଦଳ ମଧ୍ୟରେ ମାଳମାଳ ଆଶାୟୀ ସୃଷ୍ଟି ହେବା ଆଦି ପ୍ରସଙ୍ଗ ବିଜେଡି ବିପକ୍ଷରେ ନକାରାତ୍ମକ ପ୍ରସଙ୍ଗ ହେବ ବୋଲି ଅନୁମାନ କରାଯାଇଛି।

ନିର୍ବାଚନ ରଣନୀତି ଓ ପରିଚାଳନାରେ ଧୁରୀଣ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ବିଜେଡିର ଭୋଟହାର ବୃଦ୍ଧି ପାଇଁ ଏବେଠାରୁ ଗାଁ ଗଣ୍ଡାରେ ଲୋକ ସମ୍ପର୍କକୁ ଶକ୍ତିଶାଳୀ କରିବାକୁ ଲାଗି ପଡ଼ିଲେଣି। ତେବେ ସରକାରଙ୍କ କେତେକ ଜନହିତକର ଯୋଜନା ଯଥା ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଆବାସ ଯୋଜନା, ରାଶନ ସାମଗ୍ରୀ ଯୋଗାଣରେ ଦୁର୍ନୀତି, ରାସ୍ତା ନିର୍ମାଣରେ ଅନିୟମିତତା, ଅହେତୁକ ବିଦ୍ୟୁତ କାଟ, ବାଲି ଓ କଳାପଥର ଲୁଟ ନିୟନ୍ତ୍ରଣରେ ବିଫଳ ଇତ୍ୟାଦି ବିଜେଡି ପାଇଁ ସାମାନ୍ୟ ଅଡୁଆ ହୋଇପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ଏଠାରେ ୬୮.୬୦%, ଭାଜପା ୧୨.୫୨% ଓ କଂଗ୍ରେସ ୧୩% ଭୋଟ ହାତେଇ ପାରିଥିଲା। ହେଲେ ୨୦୧୯ ନିର୍ବାଚନରେ ଭାଜପା ୨୮.୧୨% ଭୋଟ ପାଇଥିଲା। ବିଜେଡିର ଭୋଟହାର ହ୍ରାସ ପାଇ ୫୮.୬୧ରେ ପହଞ୍ଚିଥିଲାବେଳେ କଂଗ୍ରେସ ୧୦.୭୫%ରେ ସୀମିତ ରହିଥିଲା। ବର୍ତ୍ତମାନ ସ୍ଥିତି ବଦଳିଛି। ରାଜ୍ୟ ସରକାରଙ୍କ ଅନେକ କଲ୍ୟାଣମୂଳକ କାର୍ଯ୍ୟ ନିମନ୍ତେ ସରକାରୀ ଅଧିକାରୀ ଭାବେ ୫-ଟି ସଚିବ ବିଭିନ୍ନ ଜିଲା ଗସ୍ତ ଜାରି ରଖିଥିବାବେଳେ ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ବିରୋଧ କରାଯାଉଛି। ଏହା ଶାସକ ଦଳ ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି। ହେଲେ ଭାଜପା ନେତାଙ୍କ କାର୍ଯ୍ୟଧାରା ଓ ଉପଯୁକ୍ତ ରଣନୀତି ଅଭାବ ଯୋଗୁ ଦଳ ସେତେଟା ଜନଗଣଙ୍କ ବିଶ୍ୱାସଭାଜନ ହୋଇ ପାରୁ ନ ଥିବା କୁହାଯାଉଛି।

# ୨ ଲୋକ ସଭା ଆସନର ସ୍ଥିତି ସମୀକ୍ଷା କରିବେ ନିତ୍ୟାନନ୍ଦ

## ପରାଜିତ ଲୋକ ସଭା ଆସନର ସମୀକ୍ଷା କାର୍ଯ୍ୟକ୍ରମ 'ପ୍ରବାସ'

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର): ବିଭିନ୍ନ କାର୍ଯ୍ୟକ୍ରମ ନେଇ କେନ୍ଦ୍ରମନ୍ତ୍ରୀମାନେ ଘନଘନ ଓଡ଼ିଶା ଗସ୍ତ କରୁଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ରବିବାର ୪ ଦିନିଆ ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଭାଜପାର ପ୍ରବାସ କାର୍ଯ୍ୟକ୍ରମରେ ଯୋଗଦେବେ। ସେ କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ ଏବଂ ବୌଦ୍ଧ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଭାଜପା ଓଡ଼ିଶାରେ ପରାଜିତ ହୋଇଥିବା ୧୩ ଲୋକ ସଭା ଆସନଗୁଡ଼ିକର ଦାୟିତ୍ୱ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ବଣ୍ଟାଯାଇଛି। ଏହାକୁ ଭାଜପା ପକ୍ଷରୁ ପ୍ରବାସ କାର୍ଯ୍ୟକ୍ରମ ନାଁ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀମାନେ ଉକ୍ତ ଲୋକ ସଭା ଆସନଗୁଡ଼ିକର ସ୍ଥିତି ସମୀକ୍ଷା କରିଯାଉଛନ୍ତି। ନିତ୍ୟାନନ୍ଦ କନ୍ଧମାଳ ଏବଂ ଢେଙ୍କାନାଳ-ଅନୁଗୋଳ ଲୋକ ସଭା ମଣ୍ଡଳୀର ସ୍ଥିତି ସମୀକ୍ଷା ଲାଗି ଆସିଥିବା ଜଣାପଡ଼ିଛି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ନିତ୍ୟାନନ୍ଦ କହିଛନ୍ତି ଯେ, ଗତ ୯ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁସବୁ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି ତାହା କେତେ ଲୋକଙ୍କ ପାଖରେ ପହଞ୍ଚିଛି ଏବଂ ହିତାଧିକାରୀମାନେ ଏହାଦ୍ୱାରା କେତେ ଲାଭ ପାଇଛନ୍ତି ତାହାକୁ ଦେଖିବାକୁ ଆସିଛି। ପ୍ରଧାନମନ୍ତ୍ରୀ ଯେଉଁସବୁ ଗରିବକଲ୍ୟାଣ ଯୋଜନା କରିଛନ୍ତି ତା'ର ଲାଭ ଓଡ଼ିଶା ଲୋକମାନେ ପାଇଛନ୍ତି ନା ନାହିଁ ସେସବୁ ବୁଲିକି ଦେଖିବେ। ଗସ୍ତ କାଳରେ ୨ଟି ଲୋକ ସଭା କ୍ଷେତ୍ରରେ କାମ କରୁଥିବା ସଂଗଠନ ଲୋକଙ୍କ ସହ ବୈଠକ କରି ବିଭିନ୍ନ ଆଲୋଚନା କରିବେ ବୋଲି ସେ କହିଛନ୍ତି।

**BHUBANESWAR DEVELOPMENT AUTHORITY, BHUBANESWAR**
No.600/ BDA, Bhubaneswar, the 15th July 2023
**QUOTATION CALL NOTICE**
No.CAD-1296:- Sealed quotation in plain paper are invited from Architectural Firm for the work Consultancy for Furniture design & drawing of ISBT (B+G+2) at Baramunda, Bhubaneswar.

| Sl. No. | Name of work | Built up area | Rate quoted in lumpsum | Period of service |
|---|---|---|---|---|
| 1.00 | Providing Consultancy Services (Drawing, Design, furniture placement estimate, BOQ & supervision) for Furniture details of ISBT at Baramunda, Bhubaneswar. | 28124.56 sqm. | Rate in Figure:<br>Rate in Words: | 30 (Thirty) days |

**N.B.- The quoted rate should be all taxes inclusive but excluding G.S.T. Applicable Under works contract.** The quotationer is to quote the amount both in figure & words in lumpsum basis. The successful bidder will be asked later for breakup of his quoted amount for Payment along with furnishing @ 2% of the accepted amount towards performance security. The tender must be accompanied with self-attested Xerox copies of PAN, GST & other valid document along with the quotation. The quotation in plain paper an lumpsum bais. Last date of receipt of tender by Speed Post / Registered Post / Courier services is upto 4.00 P.M. on 24.07.2023. Date of opening is at 4.30 P.M. on 26.07.2023. The authority is not responsible for delay in postal transit.
The authority reserves the right to reject any or all the tenders without assigning any reason thereof.
OIPR-13033/11/0179/2324 — **Sd./- Executive Engineer, Division No.I, BDA**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
**ଜିଲ୍ଲା- ସୁବର୍ଣ୍ଣପୁର**
**NOTIFIED AREA COUNCIL, TARBHA**
**Dist.: Subarnapur, Odisha- 767016, nactarbha@gmail.com**
No.1407/ Date: 15.07.2023
**QUOTATION CALL NOTICE**
No.C-823:- Sealed quotations are invited from intending Suppliers / Dealers etc. for Supply of Mahindra Make Light Capacity Commercial Vehicle Mounted Garbage Tipper to NAC Tarbha as specification given in the Tender Paper. The quotation schedule can be obtained from O/o EO, NAC, Tarbha on payment of cost of Tender Paper (Non refundable) amounting to Rs.4000/- in shape of M.R. of NAC Tarbha. The quotation must be accompanied with GSTIN, PAN Card, Company Authorization Certificate and EMD of Rs.10000/- in shape of Demand Draft / Banker's Cheque drawn in favour of Executive Officer, NAC Tarbha reached to this office by Dt.02.08.2023 within office hour through Regd. Post/ Speed Post / Courier / Box Drop which will be opened on Dt.03.08.2023 at 04.30 P.M. in presence of the quotationers or their authorized representative. The rate should be inclusive taxes and Registration of Vehicle, Road Tax, Insurance etc., charges. The authority shall not be held responsible for any Postal / Courier delay. The quotation received beyond the stipulated period shall not be entertained. The undersigned reserves the right to accept / cancel any or all the quotation without assigning any reason thereof.

| Sl. No. | Description of item | Qnty. | Rate to be quoted per 1 Unit | |
|---|---|---|---|---|
| | | | In Figure | In Words |
| | Mahindra make Light Capacity Commercial Diesel operating Vehicle Mounted Garbage Tipper Chassis and Semi Integral, Max Engine Power 119/KW/16HP@ 3600RPM, Fuel Tank Capacity 10.5 Ltr., Hydraulic System Garbage Container having Double Eye Single acting Cylinder, Tipper Container Material GI having 2 mm thickness of Sheet, Dumping Height 1000 mm, Paint Automatic etc. complete. Warranty of the vehicle, Battery etc. to be mentioned by the quotationer. | 1 | | |

**Sd./- Executive Officer, N.A.C., Tarbha**
OIPR-13199/11/0007/2324

**OFFICE OF THE LABOUR COMMISSIONER, ODISHA, BHUBANESWAR**
15E(4)5/2023 No. Date:
**Cancellation of Tender Call / Request For Proposal (RFP) Notice for hiring the services of 48 Nos. of Peons and 15 Nos. of Chowkidars through Service Provider Agencies**
No.K-20:- Due to unavoidable circumstances, the Tender Call / Request For Proposal (RFP) Notice for hiring the services of 48 Nos. of Peons and 15 Nos. of Chowkidars through Service Provider Agencies, issued vide this office Notice No.4254 Dtd. 05.07.2023 and published in the daily Odiay Newspaper Dharitri dtd.08.07.2023 and Sambad dtd. 09.07.2023 and also the details of RFP hoisted in the websites- labour.odisha.gov.in and labourdirectorate.odisha.gov.in is hereby cancelled.
**Sd./- Labour Commissioner, Odisha**
OIPR-17002/11/0003/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1302 OSIC GST No. 21AAACO2101M1Z1
**e-Procurement Notice for Building works**
**Tender Notice No.3544** **Date: 15.07.2023**
**Identification No. On line Bidding OSIC/Constn./2023-2024/005**
1.Name of the work : Interior estimate of Odisha Khadi & Village Industries Board.
2.Total No of work : One
3. Estimated cost : 23.73 Lakhs(approx)
4.Class of Contractor : B & C Class as per eligibility Criteria online.
5.Period of completion : Six(06) calendar months.
6. Other details

| Procurement online | Bid Identifi-cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 005 of 2023-2024 | 20.07.2023 at 5.00 P.M | 19.08.2023 Upto 5.00 P.M | 21.08.2023 at 3.30 P.M |

Further details can be seen from the website www.tendersodisha.gov.in .Any amendment corrigendum, cancellation or re-tender may please be referred to the website.
Sd/-
GENERAL MANAGER(O)
OSIC Ltd., Cuttack.
OIPR-14073/11/0041/2324

## ସଂକ୍ଷେପରେ

### ଚନ୍ଦନ କାଠ ଜବତ, ୩ ଅଟକ



**ମୋହନା,୧୬।୭(ମନ୍ମଥ ମିଶ୍ର):** ମୋହନା ଥାନା ଅନ୍ତର୍ଗତ ପୋଡାମାରୀ ବନ ବିଭାଗ ରେଞ୍ଜ ଅଧୀନ ରାଜପୁର ଗ୍ରାମ ନିକଟ ଜଙ୍ଗଲରୁ ଚନ୍ଦନ କାଠ କାଟି ନେଉଥିବା ବେଳେ ୩ ଜଣ ମାଫିଆଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି କାଠ ଜବତ କରି ସେମାନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୩ ଜଣ ଚନ୍ଦନ କାଠ ଚୋର ଉପରୋକ୍ତ ଗ୍ରାମର ସମୀର ଦଳାଇ, ଦିପ୍ତୀ ନାୟକ ଓ ଅନ୍ୟ ଜଣେ ନାବଳକଙ୍କୁ ଥାନାକୁ ନେଇ ଆସିଥିଲେ। ସେମାନଙ୍କ ନାମରେ ମାମଲା ରୁଜୁ ହେବା ସହ ସମସ୍ତଙ୍କୁ ପୋଡାମାରୀ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଏସଆଇ କୃଷ୍ଣଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

### ଘରେ ପଶି ସୁନା, ରୁପା ଅଳଙ୍କାର ଲୁଟ୍

ଗୋପାଳପୁର,୧୬।୭(ନବୀନ ରାଜ ଆଚାରୀ): ବେଶ କିଛିଦିନ ନୀରବତା ପରେ ଗୋଳନ୍ଥରା ଥାନା ଅଞ୍ଚଳରେ ଶନିବାର ରାତିରେ ଲୁଟେରାମାନେ ତାଲା ବନ୍ଦ ଘରୁ କଳା କନା ବୁଲେଇଥିବା ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମର କେଉଟ ସାହିର ବଳରାମ ପାଢ଼ୀଙ୍କ ପରିବାର ଲୋକ କୌଣସି କାମ ନେଇ ବାହାରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଲୁଟେରାମାନେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଘରେ ପଶି ଆଲମିରା ତାଡି ସୁନା ଚେନ, କାନଫୁଲ, ଚୁଡ଼ି, ମୁଦି, ଲକେଟ ଓ ଅନ୍ୟ ସୁନା ଅଳଙ୍କାର ପାଞ୍ଚ ଭରିରୁ ଉର୍ଦ୍ଧ୍ୱ, ରୁପା ଅଳଙ୍କାର, ଆଠ ହଜାର ଟଙ୍କା ଓ ମୂଲ୍ୟବାନ କାଗଜପତ୍ର ଧରି ଚମ୍ପଟ ମାରିଥିଲେ। ରବିବାର ସକାଳେ ବଳରାମ ଘରରୁ ଚୋରି ହୋଇଥିବା ନେଇ ଦେଖିବାକୁ ପାଇଥିଲେ। ଖବର ପାଇ ଆଇପିଏସ ପ୍ରୋବେଶନ ଅଙ୍କିତ କୁମାର ବର୍ମା, ଇନ୍ସପେକ୍ଟର ବିବେକାନନ୍ଦ ମହନ୍ତ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ଦୁଇଟି ସାଇକେଲରେ ତିନି ଜଣ ଆସି ଲୁଟ କରିଥିବା ନେଇ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଶୀଘ୍ର ଅଭିଯୁକ୍ତ ଚିହ୍ନଟ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇପିଏସ୍ ପ୍ରୋବେଶନ ବର୍ମା ସୂଚନା ଦେଇଛନ୍ତି। ବଳରାମଙ୍କ ଏତଲା କ୍ରମେ ପୋଲିସ ନଂ. ୩୩୯/୨୩ରେ ମାମଲା ରୁଜୁ କରିଛି।

### ଭାଗବତ ସପ୍ତାହ ପାରାୟଣ ଯଜ୍ଞ ସମାପନ

**ପାରଳାଖେମୁଣ୍ଡି, ୧୬।୭ (ଗିରିଧାରୀ ପରିଛା):** ଗୋଷାଣୀ ବ୍ଲକର ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମର ରାଧାମାଧବ ମଠଠାରେ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଯଜ୍ଞ ସମାପନ ହୋଇଛି। ବ୍ୟାସଶ୍ରୀ ଇପ୍ସିତ କୁମାର ମିଶ୍ର କହିଛନ୍ତି, ଭାଗବତ ପଠନ ଦ୍ୱାରା ଜୀବ ହୃଦୟରେ ଭକ୍ତି ଭାବ ଜାଗ୍ରତ ହୁଏ। କାର୍ଯ୍ୟକ୍ରମରେ ସୁମନ୍ତ ସାହୁ, ହାଡିବନ୍ଧୁ ମନିହିର, ଆଲୋକ ମିଶ୍ର, ବିନୋଦ ଜଟି ପ୍ରମୁଖ ସହଯୋଗ କରିଥିଲେ। ଶେଷ ଦିବସରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପଡୋଶୀ ଆନ୍ଧ୍ର ପ୍ରଦେଶର ମଠ ମନ୍ଦିରର ମହନ୍ତ, ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବଡଗୋଷାଣି ସରପଞ୍ଚ ବି. ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### କୃଷି ଗ୍ରାମସେବକଙ୍କ ଆନ୍ଦୋଳନ

ଶେରଗଡ,୧୬।୭(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକର କୃଷି ଗ୍ରାମ ସେବକମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ସେମାନଙ୍କ ଦାବି ନଶୁଣିଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଚୁକ୍ତି ପ୍ରଥା ଉଚ୍ଛେଦ, ୪୨୦୦ ଗ୍ରେଡ ପେ' ପ୍ରଦାନ, ଚୁକ୍ତି କରିବା ୬ ବର୍ଷ ଚାକିରିକୁ ମୂଳ ଦରମାରେ ମିଶାଇବା ପ୍ରଭୃତି ଦାବି ରଖିଛନ୍ତି। ଉକ୍ତ ଆନ୍ଦୋଳନରେ ଶେରଗଡ ବ୍ଲକର ସମସ୍ତ କୃଷି ଗ୍ରାମସେବକ ମାନେ ଯୋଗଦେଇଥିଲେ।

# ଜଣେ ଶିକ୍ଷକରେ ଚାଲିଛି ସ୍ମାର୍ଟ ସ୍କୁଲ

ବୁଗୁଡ଼ା,୧୬।୭(କାଳି ଚରଣ ଦାଶ)



ତାଳଶାକର ମହାମାୟୀ ଉଚ୍ଚ ବିଦ୍ୟାଳୟ।

- ■ ସବୁ ବିଷୟରେ ପାଠପଢ଼ା ହେଉନି
- ■ ଛାତ୍ରୀଛାତ୍ର ନିରାଶ, ଅଭିଭାବକ ଅସନ୍ତୋଷ

ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ - ଏହି ନାରା ଦେଇ ସରକାର ୫-ଟି ସ୍ମାର୍ଟ ସ୍କୁଲ ଆଳରେ ସ୍କୁଲଗୁଡ଼ିକର ରଙ୍ଗ ବଦଳାଇ ଚକାଚକ୍ କରିଥିଲେ। ହେଲେ ବୁଗୁଡ଼ା ବ୍ଲକର ଅନେକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଯୋଗୁ ଆବଶ୍ୟକ ଶିକ୍ଷାଦାନରୁ ବଞ୍ଚିତ ହୋଇ ଛାତ୍ରୀଛାତ୍ର ହତାଶ ହୋଇ ପଡ଼ିଥିବା ବେଳେ ଅଭିଭାବକ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ରହିଥିବା ୨୭ଟି ସରକାରୀ ହାଇସ୍କୁଲ ମଧ୍ୟରୁ ଅଧିକାଂଶରେ ଶିକ୍ଷକ ମରୁଡି ଦେଖାଦେଇଥିବା ବେଳେ ଦୁର୍ଦ୍ଦଶାର ଶୀର୍ଷରେ ରହିଛି ତାଳଶାକର ଗ୍ରାମସ୍ଥ ମହାମାୟୀ ଉଚ୍ଚ ବିଦ୍ୟାଳୟ। ଏହି ଉଚ୍ଚ ବିଦ୍ୟାଳୟ ୧୯୮୬ରେ ପ୍ରତିଷ୍ଠା ହୋଇଥିବା ବେଳେ ଏହା ୧୯୯୬ରେ ସରକାରୀ ସ୍ୱୀକୃତି ଲାଭ କରିଥିଲା। ଏହି ହାଇସ୍କୁଲରେ ବିଦ୍ୟାଳୟରେ କେବଳ ୨ଟି ଶ୍ରେଣୀ ରହିଥିବା ବେଳେ ନବମରେ ୭୩ ଜଣ ଓ ଦଶମରେ ୭୨ ଜଣ ହିସାବରେ ମୋଟ ୧୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷକ ଜଣକ ଏକୁଟିଆ ହେତୁ ଦୁଇଟିଯାକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୋଟିଏ କକ୍ଷରେ ବସାଇ ନିଜର ବିଜ୍ଞାନ ଓ ଗଣିତ ବିଷୟକୁ ପଢ଼ାଉଛନ୍ତି। ଏଠାରେ ୨ ବିଜ୍ଞାନ ଟିଜିଟି, ୨ କଳା ଟିଜିଟି, ସଂସ୍କୃତ, ହିନ୍ଦୀ ଓ ପିଇଟି ପଦବୀ ଖାଲିପଡିଛି। ଆବଶ୍ୟକ ଶିକ୍ଷକ ଅଭାବ ଯୋଗୁ ଅନ୍ୟ ବିଷୟଗୁଡିକ ପଢାଯାଉ ନ ଥିବାରୁ ଛାତ୍ରୀଛାତ୍ର ସ୍କୁଲକୁ ଆସି ବିରକ୍ତ ହୋଇ ଫେରୁଛନ୍ତି। ଶିକ୍ଷକ ମରୁଡି ଯୋଗୁ ଶିକ୍ଷାଦାନ ବ୍ୟବସ୍ଥା ପୂରାପୂରି ଭୁଶୁଡି ଯାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆବଶ୍ୟକ ଶିକ୍ଷକ ଯୋଗାଇ ଦେବା ପାଇଁ ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ ଶିକ୍ଷା ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାହାର ସୁଫଳ କିଛି ମିଳୁନାହିଁ। ତେଣୁ ତୁରନ୍ତ ଉକ୍ତ ସ୍କୁଲରେ ଶିକ୍ଷକ ଯୋଗାଇ ଦେବା ପାଇଁ ତାଳଶାକର ଗ୍ରାମବାସୀ ଦାବି କରିଛନ୍ତି। ତେବେ ବ୍ଲକର ଯେଉଁ ହାଇସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି ସେଠାକୁ ଅନ୍ତତଃ ଜଣେ ଶିକ୍ଷକଙ୍କୁ ଶୀଘ୍ର ପଠାଇବା ନିମନ୍ତେ ଉଦ୍ୟମ ଜାରି ରହିଥିବା ନେଇ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର କହିଛନ୍ତି।

# ନାବାଳିକା ଅପହରଣ ପରେ ବଳାତ୍କାର ମାମଲା, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୧୬।୭(ନବୀନ ରାଜ ଆଚାରୀ)

ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଇଚ୍ଛାପୁର ଅଞ୍ଚଳର କେ. ପ୍ରଦୀପ ରେଡ୍ଡୀ। ଏହି ଥାନା ଅଞ୍ଚଳରେ ପରିବାର ଲୋକ କୌଣସି କାମ ନେଇ ବାହାରକୁ ଯାଇଥିବା ବେଳେ ନାବାଳିକା ଘରେ ରହିଥିଲେ। ଏହାର ସୁଯୋଗ ନେଇ ଗତ ମାର୍ଚ୍ଚ ୧୭ ତାରିଖରେ ପ୍ରଦୀପ ନାବାଳିକାକୁ ପ୍ରଲୋଭନ ଦେଖାଇ ଅପହରଣ କରି ଚମ୍ପଟ ମାରିଥିଲେ। ନାବାଳିକାଙ୍କ ପରିବାର ଲୋକ ଘରକୁ ଫେରି ଝିଅକୁ ନ ପାଇବାରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ୍ ନଂ. ୧୫୫/୨୩ରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଇଚ୍ଛାପୁର ଅଞ୍ଚଳରେ ପ୍ରଦୀପ ଓ ନାବାଳିକା ବୁଲୁଥିବା ବେଳେ ଖବର ପାଇ ଆଇପିଏସ୍ ପ୍ରୋବେଶନ ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢ଼ାଉ କରି କାବୁ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲେ। ପ୍ରଦୀପ ମୋତେ ବିଭିନ୍ନ ସମୟରେ ବଳାତ୍କାର କରିଥିବା ନେଇ ପୋଲିସ ନିକଟରେ ନାବାଳିକା ପ୍ରକାଶ କରିଥିଲେ। ପ୍ରଦୀପକୁ ପୋଲିସ ପଚରାଉଚରା କରିବା ପରେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରିବା ସହ ପ୍ରଦୀପଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟପଟେ ସିଆର୍‌ପିସି ୧୬୪ ଧାରା ଅନୁସାରେ ବିଚାରପତିଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

# ପିଇଓଙ୍କ ବଦଳି ଦାବି

ପୋଲସରା,୧୬।୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ଗୋଛବାଡି ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଥିବା ସନ୍ତୋଷ କୁମାର ଦଳାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଦୀର୍ଘ ୧୨ ବର୍ଷ ଧରି ଅଛନ୍ତି। ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ କୌଣସି କାମ ନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚାୟତ ଫଣ୍ଡରୁ ଆସୁଥିବା ଅର୍ଥକୁ ନିଜେ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏହା ସହ ପଞ୍ଚାୟତରେ ମନମୁଖି କାର୍ଯ୍ୟ କରୁଥିବା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ମୋ ବିରୁଦ୍ଧରେ ଯଦି କେହି ଅଭିଯୋଗ କରନ୍ତି ତାହାଲେ ମୋର କେହି କିଛି କରିପାରିବେ ନାହିଁ ବୋଲି ସେ କହିଥିବା ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ତୁରନ୍ତ ଉକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଦଳାଇଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପିଇଓଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗ ନେଇ କିଛି ଜାଣି ନ ଥିବା ବେଳେ ତାଙ୍କୁ ଯେଉଁଠିକୁ ବଦଳି କରାଯିବ ସେ କାମ କରିବେ ବୋଲି କହିଛନ୍ତି।

# ବିଦ୍ୟାଳୟ ସମ୍ମୁଖରେ ଆବର୍ଜନା ପାଣି


ଆବର୍ଜନା ପାଣି ଜମିରହିଛି।

ପାରଳାଖେମୁଣ୍ଡି, ୧୬।୭ (ଗିରିଧାରୀ ପରିଛା)

**ଯାତାୟାତରେ ସମସ୍ୟା, ଡେଙ୍ଗୁ ବ୍ୟାପିବା ସମ୍ଭାବନା**

ଗଜପତି ଜିଲା ଗୁମ୍ମା ବ୍ଲକ ସଦର ମହକୁମାଠାରେ ଥିବା ରୂପାନ୍ତରିତ ସରକାରୀ ବିଦ୍ୟାଳୟ ସମ୍ମୁଖରେ ଆବର୍ଜନା ପାଣି ଜମିରହୁଛି। ସାମାନ୍ୟ ବର୍ଷା ହେଲେ ଦୂଷିତ ଜଳ ନିଷ୍କାସନ ନହୋଇ ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳିଛି। ପୁରାତନ ନାଳର ପୁନରୁଦ୍ଧାର ନକରିବାରୁ ତଥା ଯୋଜନା ବିହୀନ ଭାବେ କାର୍ଯ୍ୟ କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏହି ଛକଟି ପ୍ରତି ସମୟରେ ଜନଗହଳି ରହିଥିବା ସହ ସରକାରୀ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯିବାଆସିବା କରନ୍ତି। ବର୍ତ୍ତମାନ ଚାରିପଟେ ଡେଙ୍ଗୁ ଜ୍ୱର କାୟା ବିସ୍ତାର କରୁଥିବା ବେଳେ ଗୁମ୍ମା ସଦର ମହକୁମା ଠାରେ ଏପରି ଅବସ୍ଥା ଦେଖି ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହେଉଥିବା କହିଛନ୍ତି। ଜବରଦଖଲକାରୀମାନେ ଡ୍ରେନ ଉପରେ ଦୋକାନ କରିଥିବା ବେଳେ ନୂତନ ନାଳ ନିର୍ମାଣ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମେଡିକାଲ ଛକରେ ବୋମା ମାଡ଼

ବୁଗୁଡ଼ା,୧୬।୭(କାଳିଚରଣ ଦାଶ)

ବୁଗୁଡା ମେଡିକାଲ ଛକରେ ଶନିବାର ରାତିରେ ବୋମା ମାଡ ହୋଇଛି। ପୋଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ଶନିବାର ରାତି ସାଢେ ୧୧ଟା ସମୟରେ ମେଡିକାଲ ଛକରେ ଦୁଇଟି ବୋମା ବିସ୍ଫୋରଣ ହେବା ଶବ୍ଦ ଲୋକେ ଶୁଣିବାକୁ ପାଇଥିଲେ। ମେଡିକାଲ ଛକ ଧୂଆଁମୟ ହୋଇଯାଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ କଲେଜ ପଟକୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ବୋମା ମାଡରେ ମେଡିକାଲ ଛକରେ ଥିବା କୃଷ୍ଣ ଚନ୍ଦ୍ର ମହାରାଜା ମେଡିସିନ୍ ଷ୍ଟୋରର ନାମ ଫଳକରେ ଲାଗିଥିବା ଅକ୍ଷର ଗୁଡିକ ଝଡି ପଡିଥିଲା। କେଉଁ କାରଣରୁ ବୋମା ମାଡ ହେଲା ସେ ନେଇ ପୋଲିସ ତଦନ୍ତ କରୁଛି।

## ଉତ୍କଳ ବାପଟିଷ୍ଟ ସମ୍ମିଳନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ପାରଳାଖେମୁଣ୍ଡି, ୧୬।୭ (ଗିରିଧାରୀ ପରିଛା)

ସବୁ ବର୍ଗର ଲୋକଙ୍କ ପ୍ରତି ସହାୟତାର ହାତ ବଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବଙ୍କ ଗଜପତି ଗସ୍ତରେ ଜନସାଧାରଣଙ୍କ ଆବେଦନକୁ ବିଚାର କରି ତୁରନ୍ତ ଅନୁଦାନ ଦେଇଛନ୍ତି। ପାରଳାଖେମୁଣ୍ଡି ଉତ୍କଳ ବାପଟିଷ୍ଟ ଖ୍ରୀଷ୍ଟୀୟ ସମ୍ମିଳନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ଯୋଗଦେଇଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବରିଷ୍ଠ ବିଜେଡି ନେତା ତିରୁପତି ପାଣିଗ୍ରାହୀ, ରାଜ୍ୟ ସଂଖ୍ୟାଲଘୁ ସମ୍ପାଦକ ପଲ୍ଲବ ଲିମ୍ମା ପ୍ରମୁଖ ଉପସ୍ଥିତ ହୋଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସଂଖ୍ୟାଲଘୁ ସଂପ୍ରଦାୟ ପକ୍ଷରୁ ସଭାପତି ଗଦୀୟନ ମିଶାଲ, ସମ୍ପାଦକ ଯିଶକ ପାଣି, ସଭା ପରିଚାଳନା କରିଥିବା ବେଳେ ଜିଲାର ବିଭିନ୍ନ କୋଣରୁ ସଂଖ୍ୟାଲଘୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# କର୍ମୀଙ୍କ ବାରଣ୍ଡାରେ ପଢୁଛନ୍ତି ପିଲା


କର୍ମୀଙ୍କ ବାରଣ୍ଡାରେ ପିଲାମାନେ।

ଫୁଲବାଣୀ, ୧୬।୭(ରାକେଶ କୁମାର ରାଉତ)

**କାର୍ଯ୍ୟକାରୀ ହେଉନି ନୂଆ ଅଙ୍ଗନୱାଡି କେନ୍ଦ୍ର**

ଦୁଇ ବର୍ଷ ହେବ ନୂତନ ଭାବରେ ନିର୍ମାଣ ହୋଇଥିବା ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ସରିଛି । ହେଲେ ଏହା କାର୍ଯ୍ୟକାରୀ ହେଉନି । କାମ କରିଥିବା ଠିକାଦାର ଜଣକ ଏହାକୁ ତାଲା ପକାଇ ରଖିଛନ୍ତି । ଫଳରେ କୁନି କୁନି ପିଲାମାନେ ଅଙ୍ଗନୱାଡି କର୍ମୀଙ୍କ ଘର ବାରଣ୍ଡାରେ ପାଠ ପଢୁଛନ୍ତି। ଏଭଳି ଏକ ଦୃଶ୍ୟ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଦରଘାବାଲି ଗ୍ରାମରେ ଦେଖିବାକୁ ମିଳିଛି ।

ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିଲା । ଗ୍ରାମବାସୀଙ୍କ ବାରମ୍ବାର ଦାବିପରେ ଏଠାରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ଦୁଇବର୍ଷ ହେବ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଠିକାଦାରଙ୍କୁ ସମ୍ପୂର୍ଣ୍ଣ ବିଲ୍ ନ ମିଳିବାରୁ ସେ ଏହି କେନ୍ଦ୍ରକୁ ତାଲା ପକାଇ ରଖିଛନ୍ତି। ବାଧ ହୋଇ ପିଲାମାନେ ଅଙ୍ଗନୱାଡି କର୍ମୀଙ୍କ ଘର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବିଲ୍ ନ ମିଳିଲେ ତାଲା ଖୋଲିବି ନାହିଁ ବୋଲି ସମ୍ପୃକ୍ତ ଠିକାଦାର ଜଣକ କହୁଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାଢ଼ୀଙ୍କୁ ପଚାରିବାରୁ ବିଲ୍ ବିଳମ୍ବ ହେବା କଥାକୁ ସ୍ୱୀକାର କରିଛନ୍ତି। ବିଲ୍ ପାଇଁ ସମସ୍ତ ପ୍ରକାର ଫାଇଲ କାମ ସରିଛି। ଶୀଘ୍ର ବିଲ୍ ହେବ ବୋଲି କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଶେଷ ହୋଇ ସାରିଥିବା ବେଳେ ଏହା କାର୍ଯ୍ୟକ୍ଷମ ନ ହେବା ଅତି ନିନ୍ଦନୀୟ ଘଟଣା। ତୁରନ୍ତ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆରବିଏସ୍‌କେ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ

କାଶୀନଗର, ୧୬।୭ (ଟି.କ୍ରିଷ୍ଣା ରାଓ)

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ)ର ଆୟୁଷ ଡାକ୍ତରମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି। ସ୍ଥାନୀୟ ସିଏଚସିର ଭାରପ୍ରାପ୍ତ ମେଡିକାଲ ଅଫିସର ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ଫେବୃଆରୀ ମାସରେ ସେମାନଙ୍କ ରାଜ୍ୟ ସଂଘ ପ୍ରତିନିଧିମାନଙ୍କ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ପାରିଶ୍ରମିକ ବୃଦ୍ଧି, ଚାକିରି ସ୍ଥାୟୀ କରିବା ପ୍ରଭୃତି ଦାବିଗୁଡିକୁ ସହାନଭୂତିର ସହ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ମନ୍ତ୍ରୀସ୍ତରୀୟ କମିଟିକୁ ଦିଆଯାଇଥିବା ସ୍ମାରକ ପତ୍ର ଆଧାରରେ କି ପଦକ୍ଷେପ ନିଆଗଲା ସେ ସମ୍ପର୍କରେ ବି କିଛି ଜଣା ପଡ଼ିନାହିଁ । ତେଣୁ ବାଧ ହୋଇ ସେମାନେ ଡ୍ୟୁଟି ସମୟରେ କଳା ବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆସନ୍ତା ୨୬ ତାରିଖ ଯାଏଁ ଏହା ଜାରିରହିବ। ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ପ୍ରମୁଖଙ୍କୁ ମଧ୍ୟ ସ୍ମାରକ ପତ୍ର ପ୍ରଦାନ କରିବେ ବୋଲି ଡାକ୍ତର ବେଦ ବିକାଶ ଜଣାଇଛନ୍ତି ।

# ବାତ୍ୟା ଆଶ୍ରୟସ୍ଥଳୀ ଭୁଶୁଡ଼ିବା ଆଶଙ୍କା

ଧରାକୋଟ,୧୬।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅସହାୟ ଲୋକଙ୍କୁ ଆଶ୍ରୟ ଦେବାପାଇଁ ଧରାକୋଟସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦୧ରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। ଏହି ବାତ୍ୟା ଆଶ୍ରୟସ୍ଥଳୀ ସଂପ୍ରତି ଜରାଜୀର୍ଣ୍ଣ ଅବସ୍ଥାରେ ପାଲଟିଲାଣି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହାର ମରାମତି ୧୩ ବର୍ଷ ପୂର୍ବେ କରାଯାଇଥିଲେ ମଧ୍ୟ ପୁନର୍ବାର ରକ୍ଷଣାବେକ୍ଷଣ ନହେବାରୁ ତାହା ବର୍ତ୍ତମାନ ଭୁଶୁଡ଼ିବା ଅବସ୍ଥାକୁ ଆସିଲାଣି। ଅଗ୍ନିଶମ ବିଭାଗ ତରଫରୁ ଏଠାରେ ପ୍ରତିବର୍ଷ ମକଡ୍ରିଲ କରାଯାଉଥିବା ବେଳେ ଗତ କିଛି ବର୍ଷ ହେଲା କୋଠାଟି ବିପଦପୂର୍ଣ୍ଣ ଥିବାରୁ ମକଡ୍ରିଲ ବନ୍ଦ କରାଯାଇଛି। ସଂପ୍ରତି ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୪୦୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କୌଣସି ମୁହୂର୍ତ୍ତରେ ବି ଏହି କୋଠା ଭୁଶୁଡ଼ି ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ପାଇଁ ଅଭିଭାବକମାନେ ଦାବି କରିଛନ୍ତି।



# ସୋସାଇଟିରେ ସରକାରୀ ଦରରେ ସାର ବିକ୍ରି

ଭଞ୍ଜନଗର,୧୬।୭(ବାବୁଲା ପ୍ରଧାନ)


ବାଇବାଲି ପଞ୍ଚାୟତରେ ଧାନରୁଆ ଆରମ୍ଭ।

**ଭଞ୍ଜନଗର ବ୍ଲକରେ ଧାନରୁଆ ଆରମ୍ଭ**

ଭଞ୍ଜନଗର ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆଗକୁ ବର୍ଷା ସ୍ୱାଭାବିକ ହେଲେ ଧାନ ରୁଆ ମଧ୍ୟ ସ୍ୱାଭାବିକ ହେବା ସମ୍ଭାବନା ରହିଛି । ଅନ୍ୟପଟେ ସୋସାଇଟି ଗୁଡ଼ିକରେ ପରିବହନ ଖର୍ଚ୍ଚ ମିଶାଇ ସାର ବିକ୍ରି ହେଉଥିଲା। କିନ୍ତୁ ଭଞ୍ଜନଗର କୃଷି ବିଭାଗ ପକ୍ଷରୁ ଗତ ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ସରକାରୀ ଧାର୍ଯ୍ୟ ଦରରେ ସାର ବିକ୍ରି କରିବା ପାଇଁ ସୋସାଇଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିଓ ବୈଠକରେ ସୂଚାଇ ଦେଇଥିଲେ। ଫଳରେ ସୋସାଇଟି ସମ୍ପାଦକମାନେ ସେମାନଙ୍କ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ଧାନ ସଂଗ୍ରହ ସମୟରେ ମିଳୁଥିବା ୧ ପ୍ରତିଶତ ଅର୍ଥକୁ ପରିବହନ ଖର୍ଚ୍ଚ ବାବଦକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଆସିଥିଲା । ଫଳରେ ଶନିବାର ଠାରୁ ସୋସାଇଟି ଗୁଡ଼ିକରେ ସରକାରୀ ଧାର୍ଯ୍ୟ ଅନୁଯାୟୀ ସାର ବିକ୍ରି ହେଉଛି ବୋଲି ଜଣେ ସମ୍ପାଦକ କହିଛନ୍ତି।

ୟୁରିଆ ସାର ୪୫ କେଜିକୁ ୨୬୬ଟଙ୍କା ୫୦ ପଇସା, ନାନୋ ୟୁରିଆ ୨୨୦ ଟଙ୍କା, ନାନୋ ଡ଼ିଏପି ୬୦୦ ଟଙ୍କା, ଡ଼ିଏପି ୧୩୫୦ ଟଙ୍କା, ପଟାସ ୧୭୦୦ ଟଙ୍କାରେ ଚାଷୀଙ୍କୁ ବିକ୍ରି କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଅଛି। ଅନ୍ୟପଟେ କିଛି ଘରୋଇ ଡ଼ିଲର ସରକାରଙ୍କ ଉକ୍ତ ନିର୍ଦ୍ଦେଶନାମାକୁ ମାନୁନାହାନ୍ତି । ସେମାନେ ଚଢ଼ା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେଣୁ ଘରୋଇ ସାର ଦୋକାନ ଗୁଡ଼ିକ ଉପରେ ଅଚାନକ ଚଢ଼ାଉ ପାଇଁ ଦାବି ହୋଇଛି। ଭଞ୍ଜନଗର ବ୍ଲକରେ ୨୪ ହଜାର ୬୦୦ ହେକ୍ଟର ଚାଷ ଜମି ଥିବାବେଳେ ସେଥିମଧ୍ୟରୁ ୭୦୫୬ ହେକ୍ଟର ଜମିରେ ଧାନ ଚାଷ ହେଉଛି । ବଳକା ୧୭ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଅଣଧାନ ଚାଷ ହେଉଛି । ୧୭୫୫୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ଥିବା ସରକାରୀ ସ୍ତରରେ କୁହାଯାଉଥିବା ବେଳେ ପ୍ରକୃତରେ ଏତେ ଜମିକୁ ଜଳସେଚନ ସୁବିଧା ମିଳିପାରୁନାହିଁ। ଦେଶୀ ବିହନକୁ ଚାଷୀମାନେ ପ୍ରାୟ ବ୍ୟବହାର କରୁନାହାନ୍ତି। ଚଳିତବର୍ଷ ବ୍ଲକରେ ୧୨୮୭ କୁଇଣ୍ଟାଲ ଅଧିକ ଅମଳକ୍ଷମ ଧାନ ବିହନ ବିକ୍ରି ହୋଇଥିବା ବେଳେ ଶଙ୍କର ଜାତୀୟ ବିହନ ୪ କୁଇଣ୍ଟାଲ ବିକ୍ରି ହୋଇଛି । ଭଞ୍ଜନଗର ବ୍ଲକରେ ୨୨ଟି ପଞ୍ଚାୟତ ଥିବା ବେଳେ ସେଥିମଧ୍ୟରେ ମାତ୍ର ୬ଜଣ ଗ୍ରାମ ସେବକ ଅଛନ୍ତି । ପ୍ରତି ପଞ୍ଚାୟତକୁ ଜଣେ ଲେଖାଁଏ ଗ୍ରାମ ସେବକ ରହିବା ବ୍ୟବସ୍ଥା ଥିବାବେଳେ କମ୍ କର୍ମଚାରୀ ଯୋଗୁ ସେମାନେ ଚାଷୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରୁନଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ହୃଷୀକେଶ ବିଜେଡି ଜିଲା ଉପସଭାପତି



ଶେରଗଡ, ୧୬।୭ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡର ବିଜେଡି ନେତା ହୃଷୀକେଶ ପାଢୀ ଗଞ୍ଜାମ ଜିଲା ଉପସଭାପତି ଭାବେ ଶନିବାର ଘୋଷଣା କରାଯାଇଛି। ଶ୍ରୀ ପାଢୀ ଦଳ ପାଇଁ ବିଜେଡିରେ ଆରମ୍ଭରୁ କାମ କରି ଆସୁଛନ୍ତି। ଏହି ପଦବୀ ମିଳିବା ପରେ ତାଙ୍କୁ ଗୌରହରି ବିଷୋୟୀ, ପାଣ୍ଡବ ବେହେରା, ଦୁର୍ଗାପ୍ରସାଦ ବିଷୋୟୀ, ଶ୍ରୀଦୀପ ମହାପାତ୍ର, ବାସୁଦେବ ସ୍ୱାଇଁ, ଅନିଲ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ମଳିକ, ପ୍ରସନ୍ନ କୁମାର ପଣ୍ଡା, ବାସୁଦେବ ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଚିନ୍ତାରେ

ଖଜୁରିପଡ଼ା, ୧୬।୭(ବିଦୁର ବେହେରା): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ ହିତାଧିକାରୀମାନେ ଅନଲାଇନ କାର୍ଯ୍ୟାଦେଶ ପାଇଛନ୍ତି। କେତେଜଣ ପ୍ରଥମ କିସ୍ତି ଟଙ୍କା ମଧ ପାଇଲେଣି। କାର୍ଯ୍ୟାଦେଶ ପାଇବାର ୪ ମାସ ଭିତରେ ଘର ନିର୍ମାଣ କାର୍ଯ୍ୟ ଶେଷ କଲେ ରାଜ୍ୟ ସରକାର ୨୦ ହଜାର ଟଙ୍କା ଏବଂ ୬ ମାସ ମଧରେ କାର୍ଯ୍ୟ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ଦେବେ। ବଲସକୁମ୍ପା ପଞ୍ଚାୟତ ତରଫରୁ ଶନିବାର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହ ଠାରେ ସରପଞ୍ଚ ଅମ୍ବିକା କହଁରଙ୍କ ନେତୃତ୍ୱରେ ସଚେତନତା ଶିବିର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଲିଲ କୁମାର ଦାସ ଉପସ୍ଥିତ ରହି ଘର ନିର୍ମାଣ କାର୍ଯ୍ୟ ସମୟ ସୀମା ମଧରେ ସାରିବାକୁ ପରାମର୍ଶ ଦେଇଛନ୍ତି। ହେଲେ ହିତାଧିକାରୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ବହୁ ହିତାଧିକାରୀ ବାଲି, ଇଟା ଆଦି ଘର ନିର୍ମାଣ ସରଞ୍ଜାମ ସହିତ ରାଜମିସ୍ତ୍ରି ଓ ଲେବର ପାଇବା କଷ୍ଟସାଧ ହେଉଛି। ଅନ୍ୟପକ୍ଷରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଚାଷୀ ଚାଷ ପାଇଁ ପ୍ରସ୍ତୁତ ହେଉଛି। ଘର ତିଆରି ପାଇଁ ସରକାର ଆଗରୁ କାର୍ଯ୍ୟାଦେଶ ଦେଲେ ନାହିଁ। ଏବେ ଚାଷ ସମୟରେ ବର୍ଷା ଝଡିରେ ଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ମିଳିଥିବାରୁ ଘର କରିବୁ ନା ଚାଷ କରିବୁ ବୋଲି ଚିନ୍ତାରେ ପଡ଼ିଛନ୍ତି ହିତାଧିକାରୀ।

### ଚକ୍ଷୁ, ଦନ୍ତ, ସ୍ୱାସ୍ଥ୍ୟ ଶିବିର

କବିସୂର୍ଯ୍ୟନଗର, ୧୬।୭(କୃପାସିନ୍ଧୁ ସ୍ୱାଇଁ)-ରଷିକୁଲ୍ୟା ଅଞ୍ଚଳ ଓ ଆଞ୍ଚଳିକ ମହିଳା ସଂଘ ମିଳିତ ଆନୁକୂଲ୍ୟରେ କବିସୂର୍ଯ୍ୟନଗର କଳିଙ୍ଗ ବୈଶ୍ୟ ସମାଜ ପେଣ୍ଠ ଗୃହରେ ଶନିବାର ମାଗଣା ଚକ୍ଷୁ, ଦନ୍ତ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦାନ୍ତ ବିଭାଗରେ ୬୮ ଜଣ ରୋଗୀ, ସ୍ୱାସ୍ଥ୍ୟ ବିଭାଗରେ ୧୩୦ ରୋଗୀ ଓ ଚକ୍ଷୁ ବିଭାଗର ୧୩୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ୩୨ଜଣ ଚକ୍ଷୁ ରୋଗୀଙ୍କୁ ପରଳ ଚିକିତ୍ସା ଶଙ୍କର ନେତ୍ରାଳୟକୁ ପଠାଯାଇଥିଲା। କବିସୂର୍ଯ୍ୟନଗର ମହିଳା ସଂଘ କର୍ମକର୍ତ୍ତା ମଧରେ ଲକ୍ଷ୍ମୀପ୍ରିୟା ପାତ୍ର, କନ୍ୟାକୁମାରୀ ପାତ୍ର, ତପସ୍ୱିନୀ ପାତ୍ର, ସଙ୍ଗୀତା ପାତ୍ର, ଚାନ୍ଦିନୀ ପାତ୍ର, ଗାୟିତ୍ରୀ ସୁବୁଦ୍ଧି ସମେତ ଅଞ୍ଚଳ ସଭାପତି ଗୋପାଳକୃଷ୍ଣ ସେନାପତି, ସମ୍ପାଦକ ତ୍ରିନାଥ ପାତ୍ର, ମେଡିସିନ ବିଭାଗର ଦୀପକ କୁମାର ସେନାପତି, କୋଷାଧକ୍ଷ ରବି ପାତ୍ର, ଉପଦେଷ୍ଟା ଭେଙ୍କଟ ରମଣ ଉପସ୍ଥିତ ଥିଲେ।

# ହୁମ୍ମା ଓଭରବ୍ରିଜ କାମ ଅଧାପନ୍ତରିଆ, ବଢୁଛି ଦୁର୍ଘଟଣା

ଛତ୍ରପୁର, ୧୬।୭(ସନ୍ତୋଷ ପାଢ଼ୀ )



ଅଧାପନ୍ତରିଆ ଥିବା ଓଭରବ୍ରିଜ ।

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ହୁମ୍ମା ଛକଠାରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି। ଫଳରେ ଏହା ଦୁର୍ଘଟଣା ହଟସ୍ପଟ ସ୍ଥାନ ହୋଇଛି। ବ୍ରହ୍ମପୁର- ଭୁବନେଶ୍ୱରକୁ ଯାତାୟାତ ପାଇଁ ଏନଏଚର ଉକ୍ତ ସ୍ଥାନ ଦେଇ ଯିବାକୁ ପଡିଥାଏ। ଓଭରବ୍ରିଜ କାମ ଅଧାପନ୍ତରିଆ ଥିବାରୁ ଜାତୀୟ ରାଜପଥର ଗୋଟିଏ ଲେନ ବନ୍ଦ ଅଛି । ଅନ୍ୟ ଗୋଟିଏ ଲେନରେ ଉଭୟ ପାର୍ଶ୍ୱରୁ ଯାନବାହାନ ଯାତାୟାତ କରୁଛି। ଏଥିସହ ଉକ୍ତ ଛକରେ ଟର୍ନିଂ ଥିବାରୁ ଏଠାରେ ରାସ୍ତା ମରଣଯନ୍ତା ପାଲଟିଛି। ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ୪ବର୍ଷ ହେବ ଚାଲୁଥିବା ବେଳେ ଏ ପର୍ଯ୍ୟନ୍ତ ସରିପାରିଲା ନାହିଁ। ବିଭିନ୍ନ କାରଣ ଦର୍ଶାଇ ଏହି କାର୍ଯ୍ୟ ବନ୍ଦ ରହିଛି। ହୁମ୍ମା ପାଣ୍ଠି ଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳୁଛି। ଓଭରବ୍ରିଜ ନିର୍ମାଣ ବିଳମ୍ବ ହେତୁ ଏହି ରାସ୍ତାରେ ଦୁର୍ଘଟଣା ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ବି ଅନେକ ସମୟରେ ଅଟକି ରହୁଛି । ହୁମ୍ମା, ପାଳିବନ୍ଧ, ସୁବଳୟା ଏବଂ ମଲାଡ ପଞ୍ଚାୟତବାସୀ ନିତିଦିନିଆ କାର୍ଯ୍ୟ ପାଇଁ ହୁମ୍ମା ବଜାର ଉପରେ ନିର୍ଭରଶୀଳ। ହୁମ୍ମା ହାଟ, ପୋଷ୍ଟ ଅଫିସ, ମେଡ଼ିକାଲ, ପୋଲିସ ଫାଣ୍ଡି, ଆରଆଇ ଅଫିସ, ସ୍କୁଲ, କଲେଜ, ମନ୍ଦିର ଏବଂ ବିଭିନ୍ନ ବ୍ୟାଙ୍କ କାର୍ଯ୍ୟାଳୟ ଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଉକ୍ତ ରାସ୍ତା ଦେଇ ଯାତାୟତ କରନ୍ତି। ସେପଟେ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ହୁମ୍ମା ଫାଣ୍ଡି ପୋଲିସ ପକ୍ଷରୁ ନିଜସ୍ୱ ଉଦ୍ୟମରେ ବାଉଁଶ ବନ୍ଧାଯିବା ସହ ବୋର୍ଡ଼ ଲାଗିଛି। ଦୁଇ ଥର ନକ୍ସା ପରିବର୍ତ୍ତନ କରାଗଲାଣି । ପ୍ରତ୍ୟେକ ଦିନ କୌଣସି ନା କୌଣସି ଦୁର୍ଘଟଣା ଘଟୁଥିଲେ ମଧ ନିର୍ମାଣ କାର୍ଯ୍ୟ ଶେଷ ନ କରି ଏନଏଚଏଆଇ ଆଖି ବୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ରାସ୍ତା ଅବରୋଧ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଚତୁର୍ଥ ମୁଳିଆ ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ




ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର ।

ବେଲଗୁଣ୍ଠା, ୧୬।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଆମରିକାରେ ରହୁଥିବା ବେଲଗୁଣ୍ଠା ଗୋପିନାଥ ସାହିର ଦାମୋଦର ସାହୁ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ମୁଳିଆ ସ୍ମାରକୀ ଛାତ୍ର ବୃତ୍ତି ପ୍ରଦାନ କରୁଛନ୍ତି। ଚଳିତ ବର୍ଷ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପାଳନ କରାଯାଇଛି। କୋର୍ କମିଟି ଦ୍ୱାରା ଚୟନ କରାଯାଇଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୭ ଜଣ ଛାତ୍ରୀଛାତ୍ରଙ୍କୁ ମୋଟ ୨ ଲକ୍ଷ ୧୫ ହଜାର ବୃତ୍ତି ପ୍ରଦାନ କରାଯାଇଛି। ଜି.ଟି ହାଇସ୍କୁଲ ପରିସରରେ ଅନୁଷ୍ଠିତ ମେଧାବୃତ୍ତି କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଧାନଶିକ୍ଷକ ତଥା ମୁଳିଆ ସ୍ମାରକୀ ଛାତ୍ରବୃତ୍ତି ଅନ୍ୟତମ ଉପଦେଷ୍ଟା ଚନ୍ଦ୍ରଭାନୁ ପାଢୀ ସଂଯୋଜନା କରିଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବେଲଗୁଣ୍ଠା ଏନ୍ଏସି ନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା ଓ ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋର୍ କମିଟି ସଦସ୍ୟ ତଥା ହାଇକୋର୍ଟ ଆଇନଜୀବୀ ଓମ୍ ପ୍ରକାଶ ସାହୁ, ଅଶ୍ୱିନୀ କୁମାର ମହାନ୍ତି ଓ ପ୍ରଭାତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଡଃ ଦାମୋଦର ସାହୁ ଭିଡିଓ କନଫରେନ୍ସି ଜରିଆରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସୁଶାନ୍ତ କୁମାର ବେହେରା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଶିବରାମ ଚୌଧୁରୀ, ନାରାୟଣ ପଣ୍ଡା, ସରୋଜ ଶତପଥୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନିବେଦିତା ପାଳକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିସିସି ବ୍ୟାଙ୍କ କର୍ମଚାରୀ ସଂଘର ସମ୍ମିଳନୀ



ବିସିସି ବ୍ୟାଙ୍କ କର୍ମଚାରୀ ସଂଘ ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

ବ୍ରହ୍ମପୁର, ୧୬।୭(ନରସିଂହ ସାହୁ)

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତକ୍ରମେ ଗୃହୀତ ପ୍ରସ୍ତାବରେ ୨୦୧୪ ପରେ ବ୍ୟାଙ୍କରେ ନିଯୁକ୍ତି ପାଇଥିବା ସବୁ ବର୍ଗର କର୍ମଚାରୀଙ୍କୁ ନୂତନ ପେନସନ ସ୍କିମରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ୨୦୧୯ରୁ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ସୁପାରିସ ପ୍ରକାରେ ଦରମା ଦିଆଯାଉଛି। ତେବେ ୨୦୧୬ରୁ କାର୍ଯ୍ୟକାରୀ କରିବା ନିୟମ ରହିଛି। ତେଣୁ ୩ ବର୍ଷର ବକେୟା ପ୍ରାପ୍ୟ ତୁରନ୍ତ ପୈଠ କରିବା ପାଇଁ ମଧ ଦାବି କରାଯାଇଛି। ଦାବି ପୂରଣରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସମ୍ମିଳନୀରେ ନିଖିଳ ଓଡ଼ିଶା ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସଂଘର ବରିଷ୍ଠ କର୍ମକର୍ତ୍ତା ଅଟଳ ଶତପଥୀ ଓ ନୀଳକଣ୍ଠ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିସିସି ବ୍ୟାଙ୍କ କର୍ମଚାରୀ ସଂଘର ଦାବି ପ୍ରତି ସମର୍ଥନ ଜଣାଇଥିଲେ। ସମ୍ମିଳନୀରେ ସବୁ ଶାଖା ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ରଞ୍ଜିତ କୁମାର ତରାଇ ସଭାପତି ଏବଂ ପବିତ୍ର ମୋହନ ପଲେଇ ସାଧାରଣ ସମ୍ପାଦକ ହୋଇଥିବା ଘୋଷଣା କରାଯାଇଥିଲା। ଅନ୍ୟ କର୍ମକର୍ତ୍ତାଙ୍କ ମଧରେ ସୁଧାଂଶୁ ଶେଖର ବିଶୋୟୀ ଉପସଭାପତି, ମଧୁସ୍ମିତା ସାହୁ ଓ ରାକେଶ କୁମାର ପଟ୍ଟନାୟକ ସହ ସମ୍ପାଦକ ହୋଇଛନ୍ତି। ରାମକୃଷ୍ଣ ପାତ୍ରଙ୍କୁ କୋଷାଧକ୍ଷ କରାଯାଇଛି। ସୁଜିତ ପାଢ଼ୀ ସଂଘ କାର୍ଯ୍ୟାଳୟ ସମ୍ପାଦକ ହୋଇଛନ୍ତି। ବିଦାୟୀ ସଭାପତି କୁମୁଦ ରଞ୍ଜନ ଜେନା ଓ ସମ୍ପାଦକ ଦେବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଫେରାର ୨ ଅଭିଯୁକ୍ତ ଜେଲଗଲେ

### ପୂର୍ବତନ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ଦିଗପହଣ୍ଡି, ୧୬।୭ (ଅଶେଷନାଥ ମିଶ୍ର)

ଦିଗପହଣ୍ଡି ଥାନା ବଙ୍କପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଙ୍କପଲ୍ଲୀ ଗ୍ରାମର ନନ୍ଦନ ବେହେରା ଓ ବ୍ରହ୍ମପୁର ସଦର ଥାନା ସୁକୁଣ୍ଡା ଗୌଡ ସାହିର ଶଙ୍କର ଗୌଡ। ଅଭିଯୁକ୍ତଦ୍ୱୟଙ୍କୁ ରବିବାର ବ୍ରହ୍ମପୁର ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଜୁଲାଇ ୪ ତାରିଖ ଅପରାହ୍ନରେ ପୂର୍ବତନ ସରପଞ୍ଚ ତଥା ଚାଙ୍ଗଡାପଲ୍ଲୀ ଗ୍ରାମର ପ୍ରଶାନ୍ତ ନିଜ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ପୂର୍ବ ଯୋଜନା ପ୍ରକାରେ ଗ୍ରାମ ନିକଟରେ ନନ୍ଦନ ଓ ଶଙ୍କର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରଶାନ୍ତ ଜୀବନ ବିକଳରେ ଦୌଡ଼ି ଯାଇ ଗ୍ରାମର ରଙ୍କ ଗୌଡଙ୍କ ଘରେ ପଶି ଗ୍ରିଲ୍ କରିଦେବାରୁ ଅଭିଯୁକ୍ତ ଦ୍ୱୟ ସେଠାରୁ ବାଇକ ଯୋଗେ ଚମ୍ପଟ ମାରିଥିଲେ। ପ୍ରଶାନ୍ତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଥାନାରେ ଏତଲା ଦେଇଥିଲେ। ବଙ୍କପଲ୍ଲୀର ବଳନ ସ୍ୱାଇଁ ହତ୍ୟାକାଣ୍ଡରେ ସାକ୍ଷ୍ୟ ପ୍ରଦାନ କରିଥିବାରୁ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ପୋଲିସ ନିକଟରେ କହିଥିଲେ। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଶନିବାର ସନ୍ଧ୍ୟାରେ ଅଭିଯୁକ୍ତଦ୍ୱୟ ମହୁଡ଼ା ଗ୍ରାମ ନିକଟରେ ଥିବା ଖବର ପାଇ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳେ ଚଢ଼ାଉ କରିବା ସହ ଉଭୟଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଏକ ବାଇକ (ଓଡି ୦୭ ଏଫ୍ ୨୯୮୦) ଓ ଖଣ୍ଡା ଜବତ କରାଯାଇଛି।

# ଖଲ୍ଲିକୋଟ ଗ୍ରାମ ରୋଜଗାର ସେବକ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ଖଲ୍ଲିକୋଟ, ୧୬।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଗ୍ରାମ ରୋଜଗାର ସେବକ ସଂଘର ବୈଠକ ମର୍ଦ୍ଦରାଜ ଶିକ୍ଷକ ଭବନ ପରିସରରେ ସଭାପତି ମଧୁସୂଦନ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରୂପେ ଉମାଚରଣ ପଟ୍ଟନାୟକ, ସମ୍ପାଦକ ରୂପେ ତ୍ରିଲୋଚନ ପ୍ରଧାନ, କୋଷାଧକ୍ଷ ଭବାନୀ ଶଙ୍କର ସତପଥୀ, ଅଁଳା ବେହେରା ଉପସଭାପତି, ଝୁନୁ ନାହାକ ସହସମ୍ପାଦିକା, ନରେନ୍ଦ୍ର ବେହେରା ସହକୋଷାଧକ୍ଷ, ପ୍ରକାଶ ଚନ୍ଦ୍ର ପାହାନ ସଂଯୋଜକ ରୂପେ ମନୋନୀତ ହୋଇଥିଲେ। ପୂର୍ବ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସଭାରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘକୁ ସୁଦୃଢ଼ କରିବା ସହ ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନଆରଇଜିଏସ୍ କାମରେ ଖଲ୍ଲିକୋଟ ବ୍ଲକକୁ ଜିଲାରେ ପ୍ରଥମ କରିବା ପାଇଁ ଦୃଢ଼ ସଂକଳ୍ପ କରିଥିଲେ। ବୈଠକରେ ଖଲ୍ଲିକୋଟ ବ୍ଲକର ସମସ୍ତ ଜିଆରଏସ୍ ଉପସ୍ଥିତ ଥିଲେ।

# ଚାକିରି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ହୁଅ

### ଜିଲାସ୍ତରୀୟ ଯୁବ ଦକ୍ଷତା ଦିବସ

ପାରଳାଖେମୁଣ୍ଡି, ୧୬।୭ (ଗିରିଧାରୀ ପରିଛା)



ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡ଼ାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରଠାରେ ଗଜପତି ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଜିଲାର ସରକାରୀ ପଲିଟେକନିକ ଅନୁଷ୍ଠାନ ଏବଂ ଜନ ଶିକ୍ଷା ସଂସ୍ଥାନର ମିଳିତ ସହଯୋଗରେ ଜିଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକଯୁବତୀମାନେ ଚାକିରି ପଛରେ ନ ଗୋଡ଼ାଇ ଶିକ୍ଷା ସହିତ ନିଜର କୌଶଳର ବିକାଶ କରି ନିଜକୁ ଆତ୍ମ ନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରୀ ତ୍ରିପାଠୀ ଦକ୍ଷତା ବିକାଶ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ କହିଥିଲେ। ଜନଶିକ୍ଷା ସଂସ୍ଥାନ ନିର୍ଦ୍ଦେଶକ ପି. ଜୀବନ ଦାସ ଏବଂ ସରକାରୀ ପଲିଟେକନିକ ଅନୁଷ୍ଠାନର ଅଧକ୍ଷ ଅନିକେତ ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରର ପ୍ରଶିକ୍ଷିକା ଶ୍ରୀମତୀ ମିଲି ଜେନା ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଠାରେ ତାଲିମ ନେଇ ହାଇଦ୍ରାବାଦଠାରେ ଏକ ଘରୋଇ ହସ୍‌ପିଟାଲରେ ଚାକିରି କରୁଥିବା ପି. ନନ୍ଦିନୀ ଏବଂ ରୁତାନି ଶବରଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦକ୍ଷତା ବିକାଶ କେନ୍ଦ୍ରର କେନ୍ଦ୍ରୀୟ ପରିଚାଳକ ରାଜେଶ ଗୁରୁ, ମହାତ୍ମାଗାନ୍ଧୀ ନ୍ୟାସନାଲ ଫେଲୋ ବଳଭଦ୍ର ସେନାପତି, କେନ୍ଦ୍ରର ପ୍ରଶିକ୍ଷକ ପ୍ରତ୍ୟୁଷ ରଞ୍ଜନ ଦଣ୍ଡସେନା ଏବଂ ପ୍ରଶିକ୍ଷିକା ବନିତା ଶବର ଓ ମିଲି ଜେନା ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।

# ବରଣୀ କନିଆ ବରଷା ରାଣୀ ମଞ୍ଚସ୍ଥ



ନାଟକ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

ଗଞ୍ଜାମ, ୧୬।୭(ବିଦ୍ୟାଧର ସାହୁ)

ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ସ୍ଥାନୀୟ ସହର ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଆଇନଜୀବୀ ପଙ୍କଜ କୁମାର ବାରିକିଙ୍କ ନିର୍ଦ୍ଦେଶନାରେ ବରଣୀ କନିଆ ବରଷା ରାଣୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଜିଲା ସଭ୍ୟ ସନାତନ ବେହେରା, ଗଞ୍ଜାମ ଏନ୍ଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଛତ୍ରପୁର ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ମହାରଣା, ପୂର୍ବତନ ଏନ୍ଏସି ଉପନଗରପାଳ ନୀଳାଞ୍ଚଳ ବାରିକି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଗୀତା ସ୍ୱାଇଁ, ବିପ୍ର ଚରଣ ମହାରଥୀ, ଧର୍ମରାଜ ସ୍ୱାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ୪୭୦ ଟଙ୍କା ଲାଗି ୪୦ ହଜାର ଦେବ ଡାକ ବିଭାଗ

### ଗ୍ରାହକଙ୍କୁ ସେବା ଦେବାରେ ବିଫଳ

ଫୁଲବାଣୀ, ୧୬।୭(ରାକେଶ କୁମାର ରାଉତ)

ଗ୍ରାହକଙ୍କୁ ସେବା ଯୋଗାଇବାରେ ଅବହେଳା କରିଥିବା ଡାକ ବିଭାଗ ଗଣିବ ଦଣ୍ଡ। ମାତ୍ର ୪୭୦ ଟଙ୍କା ପାଇଁ ଗ୍ରାହକଙ୍କୁ ଦେବାକୁ ପଡିବ ୪୦ ହଜାର ଟଙ୍କା। ଏଭଳି ଏକ ରାୟ ଶୁଣାଇଛନ୍ତି ଜିଲା ଖାଉଟି ଅଦାଲତ । ଅଭିଯୋଗକାରୀଙ୍କୁ ୩୦ ଦିନ ମଧରେ ୪୦ ହଜାର ଟଙ୍କା ଜରିମାନା ଦେବା ପାଇଁ ଡାକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ମଧ୍ୟରୁ କ୍ଷତିପୂରଣ ବାବଦରେ ୩୦ ହଜାର ଟଙ୍କା ଓ ମକଦ୍ଦମା ଖର୍ଚ୍ଚ ବାବଦରେ ୧୦ ହଜାର ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏହି ଅର୍ଥ ପ୍ରଦାନ କରିବାରେ ଅବହେଳା କଲେ କ୍ଷତିପୂରଣ ଅର୍ଥର ଶତକଡା ୧୨ ପ୍ରତିଶତ ସୁଧ ପରବର୍ତ୍ତୀ ସମୟରେ ବହନ କରିବାକୁ ପଡ଼ିବ ବୋଲି ଖାଉଟି ଅଦାଲତ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅଧିକାର ଆଇନ ବଳରେ ଦାରିଙ୍ଗିବାଡି ଅଞ୍ଚଳର ପ୍ରିୟବ୍ରତ ସାହୁ ଦାରିଙ୍ଗବାଡି ଥାନାରେ କିଛି ସୂଚନା ମାଗିଥିଲେ । ଏ ବାବଦକୁ ୪୭୦ ଟଙ୍କା ଜମା କରିବାକୁ ଥାନା ପକ୍ଷରୁ କୁହାଯାଇଥିଲା । ୨୦୨୨ ଏପ୍ରିଲ ୧୮ରେ ପ୍ରିୟବ୍ରତ ଭୁବନେଶ୍ୱରର ଅଶୋକ ନଗର ପୋଷ୍ଟ ଅଫିସରେ ଦାରିଙ୍ଗବାଡି ଥାନାକୁ ୪୭୦ ଟଙ୍କାର ମନି ଅର୍ଡର କରିଥିଲେ । ୧୯ରେ ଉକ୍ତ ଟଙ୍କା ଦାରିଙ୍ଗବାଡି ପୋଷ୍ଟ ଅଫିସ ଗ୍ରହଣ କରିଥିଲା। ହେଲେ ଦାରିଙ୍ଗବାଡି ଥାନା ଅଧିକାରୀଙ୍କ ଚାପରେ ପୋଷ୍ଟ ମାଷ୍ଟର ଜଣକ ପ୍ରିୟବ୍ରତ ସାହୁଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଟଙ୍କାକୁ ନିଜ ପାଖରେ ରଖି ଦେଇଥିଲେ । ଫଳରେ ଦୀର୍ଘ ଦିନ ଧରି ଟଙ୍କା ଖର୍ଚ୍ଚ କରି ସୂଚନା ପାଇବାରୁ ପ୍ରିୟବ୍ରତ ବଞ୍ଚିତ ରହିଥିଲେ । ଏହାପରେ ସେ ଡାକ ବିଭାଗରେ ଲିଖିତ ଅଭିଯୋଗ କରିଥିଲେ । ବିଭାଗ ଏକ ମାସ ପରେ ତରବରିଆ ଭାବେ ମେ ୨୦ରେ ପ୍ରିୟବ୍ରତଙ୍କୁ ୪୭୦ ଟଙ୍କା ଫେରସ୍ତ କରିଥିଲେ । ହେଲେ ଦାରିଙ୍ଗବାଡି ଥାନା ଅଧିକାରୀ ଏହି ଟଙ୍କାକୁ ଗ୍ରହଣ କରୁନାହାନ୍ତି। ତେଣୁ ଆପଣଙ୍କୁ ଏହି ଟଙ୍କା ଫେରସ୍ତ କରାଗଲା ବୋଲି ପୋଷ୍ଟ ମାଷ୍ଟର କହିଥିଲେ। ଫଳରେ ନ୍ୟାୟ ପାଇଁ ପ୍ରିୟବ୍ରତ ଜିଲା ଖାଉଟି ବିବାଦ ସମାଧାନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ସମସ୍ତ ଘଟଣାକୁ ବିଚାରକୁ ନେଇ ଖାଉଟି ଅଦାଲତ ସଭାପତି ମିଶ୍ର ଦାରିଙ୍ଗବାଡି ଡାକ ବିଭାଗକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଆରସିସିଏଫ୍

ଭଞ୍ଜନଗର, ୧୬।୭(ବାବୁଲା ପ୍ରଧାନ)



ଆରସିସିଏଫ୍ ଚାରାରୋପଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ସଞ୍ଜୟ କୁମାର ସ୍ୱାଇଁ ଦୁଇ ଦିନିଆ ଘୁମୁସର ବନଖଣ୍ଡ ଗସ୍ତରେ ଆସି ଫେରିଯାଇଛନ୍ତି । ପ୍ରଥମେ ସେ ଶୁକ୍ରବାର ଦକ୍ଷିଣ ଘୁମୁସର ବନଖଣ୍ଡର ପୋଲସରା ରେଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସନ୍ଧ୍ୟାରେ ଭଞ୍ଜନଗର ଗସ୍ତରେ ଆସି ଡିଏଫଓ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ଶନିବାର ଉତ୍ତର ଘୁମୁସର ବନଖଣ୍ଡର ଖଇରପଟି, ବାଲିଆପଟା ବିଟ୍, ବିରିପଦର ବିଟ୍‌ରେ ହୋଇଥିବା ଚାରାରୋପଣ କାର୍ଯ୍ୟର ସମୀକ୍ଷା କରିଥିଲେ । ପରେ ବଡ଼ବୋରସିଙ୍ଗ୍ ଗାର୍ଡ଼ କ୍ୱାଟର୍ସ ଉଦଘାଟନ କରିଥିଲେ। ଏହାପରେ ଡିଏଫଓ କାର୍ଯ୍ୟାଳୟରେ ବନଖଣ୍ଡରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ପ୍ରମୁଖ ବିଷୟରେ ଆଲୋଚନା କରିଥିଲେ। ହାତୀମାନଙ୍କ ଚଳପ୍ରଚଳ ଉପରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ ଆରସିସିଏଫ୍ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାତୀ ପାଇଁ ସ୍ୱତନ୍ତ୍ର ଏକ ଫାଇଲ୍ କରାଯାଉ। କର୍ମଚାରୀମାନେ ଯେଉଁ ଗ୍ରାମକୁ ଯାଉଛନ୍ତି ସେଠି ଲୋକଙ୍କ ମତାମତ ଲିଖିତ ଭାବେ ସଂଗ୍ରହ କରିବାକୁ ଆରସିସିଏଫ୍ ନିର୍ଦ୍ଦେଶ ଦେଇଛନ୍ତି। ଆରସିସିଏଫ୍‌ଙ୍କ ଗସ୍ତ ସମୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଗାଲେରୀ ରେଞ୍ଜର ଶିବରାମ ନାୟକ, ବନପାଳ ବଂଶୀଧର ବିଷୋୟୀ, ବବୁଲୁ ସେଠୀ, ଶୁଭସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ବର୍ତ୍ତମାନ ବନ ବିଭାଗର ବିଭିନ୍ନ କାର୍ଯ୍ୟ ଆରମ୍ଭ ପୂର୍ବରୁ ଡ୍ରୋନ ସହାୟତାରେ ତାର ଜିପିଏସ୍ ରିଡ଼ିଙ୍ଗ୍ ନିଆଯାଉଛି । ଏହାପରେ ପର୍ଯ୍ୟାୟକ୍ରମେ ଏକାଧିକଥର ଜିପିଏସ୍ ରିଡ଼ିଙ୍ଗ୍ ନିଆଯାଉଛି । ଏହାଦ୍ୱାରା ଉନ୍ନୟନ କାର୍ଯ୍ୟରେ ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛତା ରହୁଛି। ଉକ୍ତ କାର୍ଯ୍ୟ କିଭଳି ଚାଲିଛି ଆରସିସିଏଫ୍ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଅଞ୍ଚଳ ବୁଲି ଦେଖୁଛନ୍ତି ।

## ସଂକ୍ଷେପରେ

### ବ୍ଲକ ଅଧକ୍ଷାଙ୍କ ଭଣଜାଙ୍କୁ ହତ୍ୟା ଘଟଣା, ୩ ଗିରଫ



**ବେଗୁନିଆପଡ଼ା,୧୬।୭ (ସୁଶାନ୍ତ ପଟ୍ଟନାୟକ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅଧକ୍ଷା ରେଣୁ ଗୌଡ଼ଙ୍କ ଭଣଜାଙ୍କୁ ହତ୍ୟା ଘଟଣାରେ ରବିବାର ବେଗୁନିଆପଡା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭାବିନିପୁର ଗ୍ରାମର ଭାଗ୍ୟ ଗୌଡ଼, ପ୍ରକାଶ ଗୌଡ଼ ଓ କାଳୁ ଗୌଡ଼। ଗତ ଜାନୁଆରୀ ୨୦ ତାରିଖ ସନ୍ଧ୍ୟାରେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ରାଗପୁର ଛକ ନିକଟରେ ଭାବିନିପୁର ଗ୍ରାମର ପଙ୍କଜ ଗୌଡ଼ଙ୍କୁ କିଛି ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ପୂର୍ବରୁ ବେଗୁନିଆପଡା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଉ ୩ ଜଣ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

### ଲୁଟ୍ ଅଭିଯୋଗରେ ୨ ଗିରଫ
### ମୋଟର ପମ୍ପ, ୬ ସିସିଟିଭି କ୍ୟାମେରା ଜବତ

**ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ):** ସିରିଜ ଚୋରି ଘଟଣାରେ ସଦର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଗୌରା ଦାସ ଓ ଆସିକା ଥାନା ଅଧିନ ଗଣ୍ଡାପଲ୍ଲୀ ଗ୍ରାମର ବଣ୍ଟି ଦାସ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୩ଟି ହ୍ୟାଣ୍ଡ କଟର ମେସିନ, ଦୁଇଟି ହ୍ୟାଣ୍ଡ ଡ୍ରିଲ ମେଶିନ, ଗୋଟିଏ ମୋଟର ପମ୍ପ ଓ ୬ଟି ସିସିଟିଭି କ୍ୟାମେରା ଜବତ କରିଛି।

ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ନରେନ୍ଦ୍ର କୁମାର ସାହୁଙ୍କ ବାଉଁସିଆପଲ୍ଲୀରେ ଏକ ଫ୍ୟାକ୍ଟ୍ରି ରହିଛି। ଗତ ୪ ତାରିଖରେ ସେଠାରୁ, ଡ୍ରିଲ୍ ମେଶିନ ୨ଟା, କଟର ମେଶିନ୍ ୩ଟି, କିଛି ତାର ସହ ଅନେକ ସାମଗ୍ରୀ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ୧୦ତାରିଖରେ ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ବଳିପଡ଼ା ମହୁରୀକାଳୁଆ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରୁ ୬ଟି ସିସିଟିଭି କ୍ୟାମେରା ଚୋରି ହୋଇଥିବା ନେଇ ଉକ୍ତ ବିଦ୍ୟାଳୟର ପ୍ରିନ୍ସିପାଲ ଡ଼ଃ ଏସଏନ ଦାଶ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସନତ କୁମାର ବଡ଼ତ୍ୟଙ୍କ ରାମଚନ୍ଦ୍ରପୁର ଭୈରବୀ ବିହାରରେ ଥିବା ନିର୍ମାଣାଧୀନ କାଜୁ ପ୍ୟାକ୍ଟ୍ରିରୁ ଗତ ୧୧ ତାରିଖ ଏକ ପାଣି ଉଠାଇବା ମୋଟର ଚୋରି ହୋଇଥିଲା। ଉକ୍ତ ସିରିଜ ଚୋରି ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଏକ ଟିମ ଗଠନ କରିଥିଲା। ଉଭୟଙ୍କୁ ଗିରଫ କରାଯିବା ସହ ଚୋରି ସାମଗ୍ରୀ ଜବତ ହୋଇଛି।

### ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

**ପୋଲସରା,୧୬।୭(ସୁବ୍ରତ ବେହେରା):** ପୋଲସରା ଥାନା ଅନ୍ତର୍ଗତ ଧନେଇ ଡ୍ୟାମ ନିକଟରେ ସଡ଼କ ଦୁର୍ଘଟଣାରେ ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ମାତାଝରି ଗ୍ରାମର ପତିଆ ପ୍ରଧାନ ଓ ଆହତ ହେଲେ ପୁଅ ନକୁଳ ପ୍ରଧାନ। ପ୍ରକାଶ ଯେ, ପୋଲସରାରୁ ଏକ ବସ୍ ମା' ଦକ୍ଷିଣକାଳୀ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ଲୁନାରେ ବାପା ପତିଆ ଓ ପୁଅ ନକୁଳ ଗ୍ରାମକୁ ଫେରୁଥିଲେ। ଧନେଇ ଡ୍ୟାମ ନିକଟରେ ବସ୍‌ଟି ଲୁନାକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଦମକଳ ବାହିନୀ ସାହାଯ୍ୟରେ ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବାପା ପତିଆ ପ୍ରଧାନଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ନକୁଳ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବସ ଡ୍ରାଇଭର ଫେରାର ଥିବା ବେଳେ ପୋଲିସ ବସକୁ ଜବତ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# ବାଲ୍ୟ ବିବାହମୁକ୍ତ ଜିଲା ଘୋଷଣା ଭେଲିକି

**ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ)**

- ସୁରକ୍ଷା ଆଇନ ବିଫଳ
- ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ରୋକାଯାଇଛି ୩୬ ବାଲ୍ୟବିବାହ

ଗଞ୍ଜାମ ଜିଲାକୁ ୨୦୨୨ ଜାନୁୟାରୀ ୩ତାରିଖରେ ବାଲ୍ୟବିବାହ ମୁକ୍ତ ଜିଲା ଘୋଷଣା କରାଯାଇଥିଲା। କିନ୍ତୁ ସେହି ବର୍ଷ ଗଞ୍ଜାମ ଜିଲାରେ ୩୩୧ ବାଲ୍ୟବିବାହ ଯୋଜନା ଚାଲିଥିବା ବେଳେ ପ୍ରଶାସନ ବନ୍ଦ କରିଥିଲା। ନବାଳିକା ବିବାହ ଖବରପାଇ ପ୍ରଶାସନିକ ଟିମ୍ ଚଢ଼ାଉ କରୁଛି, ପରିବାର ଲୋକଙ୍କୁ ବୁଝାଶୁଝା କରି ବାହାଘର ବନ୍ଦ କରୁଛି। ତଥାପି ଜିଲାରେ ଏକାଧିକ ବାଲ୍ୟବିବାହ ହେଉଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ମୋଟ ୩୬ଟି ବାଲ୍ୟବିବାହ ବନ୍ଦ କରାଯାଇ ସାରିଲାଣି। ଏଥିରୁ ସ୍ପଷ୍ଟ ହେଉଛି ଯେ ଜିଲାରେ ଶିଶୁ ସୁରକ୍ଷା ଆଇନ ବିଫଳ ହୋଇଛି। ବାଲ୍ୟବିବାହ କରୁଥିବା ଲୋକଙ୍କ ବିରୋଧରେ ପ୍ରଶାସନ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଭୟ ରହୁନି। ତେଣୁ ଲୁଚାଛପାରେ ବାଲ୍ୟବିବାହ ଚାଲୁଥିବା ଅଭିଯୋଗ ହେଉଛି।

ବାଲ୍ୟବିବାହ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସଜାଗ ରହିବାକୁ ପୂର୍ବରୁ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ଗଞ୍ଜାମ ଜିଲା ପ୍ରଶାସନ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂ ସହାୟିକା ଗୋଷ୍ଠୀ, କୁଳସମାଜ, ଗାଁ କଲ୍ୟାଣ ସମିତି, ମିଶନ ଶକ୍ତି, ଜନପ୍ରତିନିଧି, ସିଡିପିଓ ଓ ସିଡବ୍ଲୁସି ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଗଞ୍ଜାମ ଜିଲାରେ ବାଲ୍ୟବିବାହ ରୋକିବାକୁ 'ନିର୍ଭୟା କଢ଼ି' ଯୋଜନାକୁ ବ୍ୟାପକ କରାଯାଇଛି। ଏପରିକି ବାଲ୍ୟବିବାହ ସମ୍ପର୍କରେ ସୂଚନା ଦେଲେ ୫୦ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ତତ୍କାଳୀନ ଜିଲାପାଳ ଘୋଷଣା କରିଥିଲେ। ଏସବୁ ସତ୍ତ୍ୱେ ବିଭିନ୍ନ ଅଞ୍ଚଳରେ ନାବାଳିକା ବିବାହ କରାଯାଉଛି। ଗତ କିଛିମାସ ତଳେ ପୁରୁଣା ବ୍ରହ୍ମପୁର ରଙ୍ଗୁଣିବନ୍ଧ ସାହିରେ ବାଲ୍ୟବିବାହ ଚାଲିଥିବା ଖବରପାଇ ଚାଇଲ୍ଡ ଲାଇନ୍ ଟିମ୍ ଚଢ଼ାଉ କରିଥିଲା। ହେଲେ ଚଢ଼ାଉର ଆଗୁଆ ସୂଚନା ପାଇ ପୁଅ ଓ ଝିଅକୁ ଧରି ପରିବାର ବର୍ଗ ସେଠାରୁ ଚମ୍ପଟ ମାରିଥିଲେ। ତୃଣମୂଳସ୍ତରରେ ଯଦି ଲୋକଙ୍କୁ ସଚେତନ କରାଯାଇ ପାରିବ ତେବେ ବାଲ୍ୟବିବାହ ପ୍ରଥା ଉଚ୍ଛେଦ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଗଠିତ ହୋଇଥିବା ଶିଶୁ ସୁରକ୍ଷା ସମିତିର ମୁଖ୍ୟ ହେଉଛନ୍ତି ସରପଞ୍ଚ। କିନ୍ତୁ ଅଧିକାଂଶ ସରପଞ୍ଚ ଏହା ଜାଣୁନାହାନ୍ତି। ଏପରିକି ପଞ୍ଚାୟତରେ କେତେ ଝିଅ ଅଛନ୍ତି ତାହାର ଖବର ମଧ୍ୟ ସେମାନେ ରଖୁ ନାହାନ୍ତି। ଫଳରେ ଗାଁରୁ କେତେବେଳେ କେଉଁ ଝିଅ କେଉଁ ଜାଗାକୁ ଚାଲାଣ ହେଉଛି କିମ୍ବା ବାଲ୍ୟବିବାହ ହେଉଛି ଖବର ମିଳୁନାହିଁ। ବିଭିନ୍ନ ଗାଁରୁ ଚାଲାଣ ହୋଇ ଆସୁଥିବା ନାବାଳିକାଙ୍କୁ ରେଳଷ୍ଟେଶନ୍ ଏବଂ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରାଯାଉଛି। ଜିଲାରେ ଗତ ୬ବର୍ଷ ମଧ୍ୟରେ ମୋଟ ୮୫୧ଟି ବାଲ୍ୟବିବାହକୁ ପ୍ରଶାସନ ତରଫରୁ ବନ୍ଦ କରାଯାଇଛି। ୨୦୨୨ରେ ସର୍ବାଧିକ ୩୩୧ଟି ବିବାହ ବନ୍ଦ କରାଯାଇଥିବା ବେଳେ ୨୦୨୧ରେ ୨୦୧, ୨୦୨୦ରେ ୨୨୮ ଓ ୨୦୧୯ରେ ୪୫ଟି ବାଲ୍ୟବିବାହ ୨୦୧୮ରେ ୨୨ଟି ଓ ୨୦୧୭ରେ ୨୪ଟି ବାଲ୍ୟବିବାହ ବନ୍ଦ କରାଯାଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିକୁ ଦେଖିଲେ ବାଲ୍ୟବିବାହ ମୁକ୍ତ ଜିଲା ଘୋଷଣା କେତେ ସଫଳ ତାହା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶିଶୁକନ୍ୟା ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍

**ମୋହନା/ଅଡବା,୧୬।୭ (ମନ୍ମଥ ମିଶ୍ର/ଇମ୍ରାନ ଖାନ)**

### ମୃତ୍ୟୁ ଏମିତି ବି ଆସେ



ଦୁର୍ଘଟଣାସ୍ଥଳରେ ଉତ୍ତେଜିତ ଲୋକେ।

ଶିଶୁକନ୍ୟା ଉପରେ ମାଡ଼ିଗଲା ପରିବା ବୋଝେଇ ପିକଅପ୍ ଭ୍ୟାନ୍। ଘଟଣାସ୍ଥଳରେ ପ୍ରାଣ ହରାଇଲେ ଶିଶୁକନ୍ୟା। ଗଜପତି ଜିଲା ଅଡବା ଥାନା ଗଣ୍ଡାଗୁଡ଼ା ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ଭ୍ୟାନଟି ଗାଁକୁ ପରିବା ବିକ୍ରି ପାଇଁ ଆସିଥିଲା। ସେହି ଗାଁର ଲୁସିୟାନ ନାୟକ ପରିବା କିଣିବା ସମୟରେ ତାଙ୍କ ୪ ବର୍ଷର ଝିଅ ଦିସ୍ପାରାଣୀ ଗାଡ଼ି ତଳେ ଆସି ବସି ଯାଇଥିଲେ। ହେଲେ କେହି ଦେଖି ପାରିନଥିଲେ। ଲୁସିୟାନ ପରିବା କିଣି ସାରିବା ପରେ ଗାଡ଼ିଟି ଆଗକୁ ମାଡ଼ିଯିବାରୁ ଶିଶୁକନ୍ୟାଟି ଚକା ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଡ଼ବା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଗାଡି ଓ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଏ ନେଇ ପୋଲିସ ନମ୍ବର ୧୧୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିଟ୍ କଏନରେ ଟଙ୍କା ନିବେଶ ଆଳରେ ଠକିନେଲେ ୧୧ ଲକ୍ଷ

**ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ)**

ବିଟ୍ କଏନରେ ଟଙ୍କା ନିବେଶ କରି ଅଧିକ ସୁଧ ଲୋଭ ଦେଖାଇ ସାଇବର ଲୁଟିଆ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଛନ୍ତି ଦିଗପହଣ୍ଡି ଥାନା ପତଣ୍ଡା ଗ୍ରାମର ଶୈଳେନ୍ଦୁ ହରି ଦୋରା। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ହ୍ୱାଟ୍ସଆପକୁ ଏକ ମେସେଜ ଆସିଲା। ମେସେଜଟି ର୍କିଭି ଶର୍ମାଙ୍କର ଏକ କମ୍ପାନୀର ମାନବ ସମ୍ବଳ ବିଭାଗ ଅଧିକାରୀ ବୋଲି ତଳେ ଉଲ୍ଲେଖ ଥିଲା। ପରେ ପୁଣି ମେସେଜ ଆସିଲା ଯେ ବିଟ୍ କଏନରେ ଅର୍ଥ ବିନିଯୋଗ କଲେ ଅଳ୍ପ ସମୟ ମଧ୍ୟରେ ଅଧିକ ଲାଭ ମିଳିବ। ତେଣୁ ପ୍ରଥମେ ଶୈଳେନ୍ଦୁ ୧୦୦୦ ଟଙ୍କା ବିନିଯୋଗ କଲେ। ତାଙ୍କ ଆକାଉଣ୍ଟକୁ ୧୩୦୦ ଟଙ୍କା ଆସିଲା। ଏହାପରେ ୩ ହଜାର ଟଙ୍କା ଦେବାରୁ ୩୯୦୦ ଟଙ୍କା ଆସିଲା। ଶୈଳେନ୍ଦୁଙ୍କ ବିଶ୍ୱାସ ହେଲା ଯେ ଅଧିକ ଅର୍ଥ ବିନିଯୋଗ କଲେ ଲାଭ ମଧ୍ୟ ଅଧିକ ମିଳିବ। ତେଣୁ ଏହାପରେ ପରେ ସେ ୬ ହଜାର ବିନିଯୋଗ କଲେ। ଫଳରେ ତାଙ୍କୁ ୭୮୦୦ ଟଙ୍କା ମିଳିଲା। ଏହାପରେ ସେ ସାଇବର ଠକଙ୍କ ଚକ୍ରବ୍ୟୁହରେ ପଡିଗଲେ। ୩୦ ହଜାର ବିନିଯୋଗ କଲେ ୩୭ ହଜାର ୮୦୦ ଟଙ୍କା ଆସିବ ବୋଲି ତାଙ୍କୁ ପ୍ରତିଶ୍ରୁତି ମିଳିଲା। କିନ୍ତୁ ଏହି ଟଙ୍କା ଆଉ ଫେରିଲା ନାହିଁ। ଏ ନେଇ ସେ ଫୋନ କରି ଜଣାଇବାରୁ ତାଙ୍କୁ ପ୍ରତିଶ୍ରୁତି ମିଳିଲା ୬୦ ହଜାର ବିନିଯୋଗ କଲେ ପୂର୍ବ ଟଙ୍କା ସହ ବର୍ତ୍ତମାନର ବିନିଯୋଗ ରାଶି ଓ ସୁଧ ଫେରିବ। ହେଲେ ଏହା ମଧ୍ୟ ଫେରିଲା ନାହିଁ। ଏପରି ଭାବେ ଶୈଳେନ୍ଦ୍ର ତାଙ୍କ ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରୁ ୯ ଲକ୍ଷ ୯୯ ହଜାର ଟଙ୍କା ବିନିଯୋଗ କଲେ। ଏହାସହ ପେଟିଏମ୍ ପେମେଣ୍ଟରୁ ବାକି ଅର୍ଥ ଏହିପରି ମୋଟ ୧୧ ଲକ୍ଷ ୪ ହଜାର ୪୦୧ ଟଙ୍କା ସେ ବିନିଯୋଗ କଲେ। ହେଲେ ଆହୁରି ଅଧିକରୁ ଅଧିକ ଟଙ୍କା ମାଗିବାରୁ ଶେଷରେ ଯେ ସେ ସାଇବର ଠକଙ୍କ ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ବ୍ରହ୍ମପୁର ସାଇବର ଅପରାଧ ଥାନା ଶାଖାରେ ଅଭିଯୋଗ କରିଛନ୍ତି। ପୋଲିସ ୧୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ରାଜ୍ୟ ବିଦ୍ୟୁତ ବୋର୍ଡ ଶ୍ରମିକ ମହାସଂଘର ସାଧାରଣ ସଭା

**ବ୍ରହ୍ମପୁର,୧୬।୭(ସ୍ମୃତି ରଞ୍ଜନ ମହାଲିକ)**

ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ଶ୍ରମିକ ମହାସଂଘ ପକ୍ଷରୁ ରବିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିଲେ। ସଭାରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ଦାବି ଉପସ୍ଥାପନ କରାଯାଇଥିଲା। ଟାଟା ପାୱାର ଉନ୍ନତ ବିଦ୍ୟୁତ ସେବା ପ୍ରଦାନରେ ବିଫଳ କାରଣରୁ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ଲେଖାଏଁ କ୍ଷତି ପୂରଣ ପ୍ରଦାନ ପାଇଁ ସଂଘର ସଭାପତି ଦାବି କରିଥିଲେ। ଏଥିସହ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, କର୍ମଚାରୀଙ୍କୁ ଛୁଟି ପ୍ରଦାନ, ଅଘୋଷିତ ଛଟେଇ ବନ୍ଦ କରିବା, ଦରମାରେ ସମାନତା, ଚାକିରିରେ ସ୍ଥାୟୀତ୍ୱ, ଉପଯୁକ୍ତ ଚାକିରି ସର୍ତ୍ତାବଳୀ, କର୍ମଚାରୀଙ୍କୁ ସୁରକ୍ଷା ଓ ଜନସାଧାରଣଙ୍କ ଆକ୍ରୋଶରୁ କର୍ମଚାରୀଙ୍କୁ ସୁରକ୍ଷା ଭଳି ବିଭିନ୍ନ ଦାବି ସଂପର୍କରେ ସେ ଆଲୋଚନା କରିଥିଲେ। ଅନ୍ୟପଟେ ରିଲାଏନ୍ସ କଂପାନୀକୁ ରାଜ୍ୟ ସରକାର ୪୨୭୪ କୋଟି ଛାଡ କରିଥିବା ବେଳେ ଟାଟା ପାୱାର ନିକଟରେ ୨୫ ବର୍ଷ ପାଇଁ ବିଦ୍ୟୁତ ବିଭାଗକୁ ବନ୍ଧା ପକାଇଥିବା ସଂଘ ଅଭିଯୋଗ କରିଛି। ଟାଟା କଂପାନୀ ବ୍ରିଟିଶ ଶାସନ ଢାଞ୍ଚାରେ ଶୋଷଣ କରୁଛି ବୋଲି ଇଞ୍ଜିନିୟରସ ପାୱାର ଆସୋସିଏସନର ଉପସଭାପତି ଇଂ ଅକ୍ଷୟ କୁମାର ଦଳାଇ ଓ ସାଧାରଣ ସଂପାଦକ ଇଂ ସୁନୀଲ କୁମାର ସ୍ୱାଇଁ କହିଥିଲେ। ସଂଘର ସାଧାରଣ ସଂପାଦକ ଜଗନ୍ନାଥ ମହାରଣା ବିଭିନ୍ନ ବିଭାଗର କର୍ମଚାରୀମାନେ ଏକତା ଭାବରେ ଲଢେଇ କରି ଟାଟା ପାୱାରର ମନମୁଖୀ ଶାସନକୁ ପ୍ରତିହତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଂଘର ଉପଦେଷ୍ଟା ରବି ରଥ ଟାଟା ପାୱାରର ଶ୍ରମିକ ମାରଣ ନୀତି ବିରୋଧରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତିଙ୍କ ସମେତ ସଂଘର କାର୍ଯ୍ୟକାରୀ ସଭାପତି ଏନ ଭାସ୍କର ରାଓ, ସାଉଥ ଜୋନ ଉପସଭାପତି ସଦାନନ୍ଦ ଚୌଧୁରୀ, ଡେପୁଟି ସାଧାରଣ ସଂପାଦକ ଅଜିତ କୁମାର ପାତ୍ର ଓ ଇଞ୍ଜିନିୟର ଆସୋସିଏସନର ଉପସଭାପତି ଅମିୟ ରଞ୍ଜନ ଦଳାଇ ଓ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଶ୍ରାବଣ ଦ୍ୱିତୀୟ ସୋମବାର ଉପଲକ୍ଷେ ଗଞ୍ଜାମ ନିକଟ ଋଷିକୁଲ୍ୟା ମୁହାଣରୁ କାଉଡିଆମାନେ ପାଣି ଉଠାଉଛନ୍ତି। (ଫଟୋ: ସମୀର ରଥ)

## ଏମ୍‌କେସିଜି ନର୍ସିଂ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ

**ବ୍ରହ୍ମପୁର, ୧୬।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ନର୍ସିଂ ଡାଇରେକ୍ଟର ୫ଲକ୍ଷ ଟଙ୍କା ମାଗୁଥିବା ପବ୍ଲିକ୍ ଫୋରମରେ ଅଭିଯୋଗ ହୋଇଛି। ଭିଡ଼ିଓ ଭାଇରାଲ ପରେ ନର୍ସିଂ ଅଫିସର ଅଶ୍ୱିନୀ କୁମାର ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଉପସଚିବ ରତ୍ନାକର ବେହେରା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଚିଠି ସଂଖ୍ୟା ୧୬୭୫୫ ଅନୁସାରେ ୨୦୨୩ ଜୁଲାଇ ୧୫ ତାରିଖରେ ଭିଡ଼ିଓରେ ଯେଉଁ ଅଭିଯୋଗ ହୋଇଛି ତାହା ପ୍ରମାଣଯୋଗ୍ୟ ନୁହେଁ। ଏହା ବିଶୃଙ୍ଖଳା ଆଚରଣ ଓ ସରକାରୀ ନିୟମ ବର୍ହିଭୂତ ହୋଇଥିବା ଉପସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ୭ଦିନ ଭିତରେ ଲିଖିତ ଭାବେ କାରଣ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ନର୍ସିଂ ଅଫିସର ସଂଘ ବୈଠକରେ ଅଶ୍ୱିନୀ ଭାଷଣ ଦେବା ସମୟରେ ସେ କହିଥିଲେ ନର୍ସିଂ ଡାଇରେକ୍ଟର ୫ଲକ୍ଷ ଟଙ୍କା ଦେବାକୁ କହିଲେ, ଟଙ୍କା ନଦେବାରୁ ବେନାମି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୨୦୦୮ରୁ ସରକାରୀ ନିୟମ ହୋଇଛି ଯେ, କୌଣସି ବେନାମି ପିଟିଶନ ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ। ଯେଉଁ ପିଟିଶନରେ ନାଁ ଓ ଠିକଣା ନାହିଁ ତାହା ଗ୍ରହଣଯୋଗ୍ୟ ନୁହେଁ। ଏଭଳି ଅନେକ କଥାକୁ ନେଇ ସେ ଭାଷଣ ଦେଇଥିଲେ। ସେପଟେ କୋର୍ଟର ଆଶ୍ରୟ ନେବେ ବୋଲି କହିଛନ୍ତି ନର୍ସିଂ ଅଫିସର ଅଶ୍ୱିନୀ କୁମାର ଦାଶ। ସଂଘ ସାଧାରଣ ସମ୍ପାଦକ ଭାବେ ଅଭିଭାଷଣ ରଖିଥିଲି। କିନ୍ତୁ ତାହାର ସମ୍ପୂର୍ଣ୍ଣ ଭିଡ଼ିଓ ଦିଆଯାଇନାହିଁ। କିଛି ସମୟରେ ଭିଡ଼ିଓ ଭାଇରାଲ୍ ହୋଇଛି। ଅନ୍ୟପକ୍ଷରେ ସଂଘ ସାଧାରଣ ସମ୍ପାଦକ ହିସାବରେ ଭାଷଣ ରଖିଥିବା ବେଳେ ଉପସଚିବ ନର୍ସିଂ ଅଫିସରଙ୍କୁ କାରଣ ଦର୍ଶାଅ ଜାରି କରିଛନ୍ତି ବୋଲି ଅଶ୍ୱିନୀ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ପୂଜା



@ ସୁନିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକ




ବୈଠକରେ ଉପସ୍ଥିତ ସଦସ୍ୟମାନେ।

**ବ୍ରହ୍ମପୁର,୧୬।୭(ସ୍ମୃତି ରଞ୍ଜନ ମହାଲିକ)**

ବରିଷ୍ଠ ନାଗରିକମାନେ କେତେକ ସ୍ଥାନରେ ସେମାନଙ୍କ ପରିବାରରେ ଉପେକ୍ଷିତ ହେଉଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସହାୟତା ପ୍ରଦାନ କରିବାରେ ମଧ୍ୟ ଅବହେଳା କରାଯାଉଥିବା ପରିଲକ୍ଷିତ ହେଉଛି। ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ହୋଇଥିବା ଆଲୋଚନା ବୈଠକରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି। ବୈଠକରେ ମଞ୍ଚର ସଭାପତି ରାଧାଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ପାଠ କରି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକଙ୍କୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ସହାୟତା ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ସେମାନେ ବଞ୍ଚିତ ହେଉଛନ୍ତି। ଏ ନେଇ ସଚେତନ କରିବାକୁ ଆଗାମୀ ଦିନରେ କର୍ମଶାଳା ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏହି ଅବସରରେ ବରିଷ୍ଠ ଆୟୁର୍ବେଦ ବିଶେଷଜ୍ଞ ଡା ପ୍ରାଣଚାନ୍ଦ ପଣ୍ଡା ବର୍ତ୍ତମାନ ଦେଖାଦେଇଥିବା ଚକ୍ଷୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ। ଆସନ୍ତା ଅଗଷ୍ଟ ୧୮ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ମଞ୍ଚର ନବାଗତ ସଦସ୍ୟ ଭାବେ ବିଶ୍ୱମ୍ଭର ପାଣିଗ୍ରାହୀ ଓ ବନବାରୀ ପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଗୌରୀଶଙ୍କର ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ ସୂଚନା ପାଢୀ, ଚିତ୍ତରଞ୍ଜନ ପଣ୍ଡା, ରାମକୃଷ୍ଣ ଆଚାରୀ, ନର୍ସୁ ଜେନା, ଡ ପ୍ରାଣଚାନ୍ଦ ପଣ୍ଡା, ବିଶ୍ୱମ୍ଭର ପାଣିଗ୍ରାହୀ, ବିଚିତ୍ରାନନ୍ଦ ବେବର୍ତ୍ତା, ହାଡିବନ୍ଧୁ ମାଳି, ବିଜୟ କୁମାର ସାହୁ, ବନବାରୀ ପାତ୍ର, ଶ୍ୟାମାପ୍ରସାଦ ପାଢ଼ୀ, ଶିଶିର କୁମାର ଦାସ, ଇଦିଲେଷ୍ଟୁ ରେଡ୍ଡୀଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଟାଟା ପାୱାର ଅଧିକାରୀଙ୍କୁ ଆକ୍ରମଣ ଘଟଣା
## ୧୦୦ ଜଣଙ୍କ ନାମରେ ମାମଲା

**ବ୍ରହ୍ମପୁର,୧୬।୭(ସୁବାସ ଚନ୍ଦ୍ର ପାଢ଼ୀ)**

ଟିପିଏସଓଡ଼ିଏଲର ଅଧିକାରୀମାନଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣି ନୂଆଗାଁ ଥାନା ପୋଲିସ ୧୦୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଗୋଷାଣି ନୂଆଗାଁର ସେକ୍ସନ ଅଫିସର ରଞ୍ଜନ କୁମାର ଜାନୀଙ୍କ ଏତଲା ପ୍ରକାରେ ଏହି ମାମଲା ରୁଜୁ ହୋଇଛି। ଗତ ୧୧ ତାରିଖ ରାତିରେ ଅଘୋଷିତ ବିଦ୍ୟୁତ କାଟକୁ ବିରୋଧ କରି ଗୋଷାଣିନୂଆଗାଁ ଅଞ୍ଚଳରେ ଲୋକେ ଉତ୍ତେଜିତ ହୋଇ ବିଳମ୍ବିତ ରାତିରେ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଟାଟା ପାୱାରର ଅଧିକାରୀ ରଞ୍ଜନ କୁମାର ଜାନୀ, ସୁନିଲ କୁମାର ସାହୁ, ପ୍ରଭାତ କୁମାର ନାୟକ, ସଞ୍ଜୀବ କୁମାର ଜେନା, ସନ୍ତୋଷ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏହାସତ୍ତ୍ୱେ ମଧ୍ୟ ଲୋକମାନେ ସେଠାରେ ଆତଙ୍କରାଜ ଖେଳାଇବା ସହ ଅଧିକାରୀ ମାନଙ୍କୁ ଆକ୍ରମଣ କରିଥିଲେ। ସେକ୍ସନ ଅଫିସର ଜାନୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ୧୦୦ ଜଣଙ୍କ ନାମରେ ମାମଲା (୧୯୦/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି।




# କିଆ ଇଣ୍ଡିଆର ନୂଆ ମାଇଲଖୁଣ୍ଟ

## ୪୬ ମାସରେ ୧୦ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନ




ଭୁବନେଶ୍ୱର,୧୬।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆ ନିକଟରେ ଏକ ଐତିହାସିକ ସଫଳତା ହାସଲ ସହ ବିଗତ ୪୬ ମାସରେ ୧୦ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନକରି ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏପରିକି ଆନ୍ଧ୍ରପ୍ରଦେଶସ୍ଥିତ ଅନନ୍ତପୁରଠାରେ ଥିବା କିଆ ଇଣ୍ଡିଆର ଆଧୁନିକ ଉତ୍ପାଦନ କେନ୍ଦ୍ରରୁ ଏକ ନିୟୁତ (୧୦ଲକ୍ଷ) ତମ ଯାନ ଉତ୍ପାଦନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଆନ୍ଧ୍ରପ୍ରଦେଶର ଅର୍ଥ,ଯୋଜନା ଏବଂ ଲେଜିସ୍‌ଲେଟିଭ ବ୍ୟାପାର ମନ୍ତ୍ରୀ ବୁଗାନା ରାଜେନ୍ଦ୍ରନାଥ ରେଡ୍ଡୀ, ଉଦ୍ୟୋଗ, ଭିତ୍ତିଭୂମି, ନିବେଶ ଓ ବାଣିଜ୍ୟ, ସୂଚନା ପ୍ରଯୁକ୍ତିମନ୍ତ୍ରୀ ଗୁଡ଼ିଭଡ଼ା ଅମରନାଥ, ସାଂସଦ ଗୋରାନ୍ତଲା ମାଧବ ଓ ପେନୁକୋଣ୍ଡାର ବିଧାୟକ ଜି. ଶଙ୍କର ନାରାୟଣଙ୍କ ସମେତ କିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ତାଏ-ଜିନ୍ ପାର୍କ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ତାଏ-ଜିନ୍ ପାର୍କ କହିଛନ୍ତି, ଏହା ଆମ ପାଇଁ ଖୁସିର ଦିନ ହୋଇଥିବା ବେଳେ ଆମ କର୍ମଚାରୀ ଓ ପାର୍ଟନରଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ପାଲଟିଛି। ସେହିଭଳି ଆମେ ସର୍ବଦା ଭାରତୀୟ ବଜାରରେ ଅଟୋମୋଟିଭ ଉତ୍କର୍ଷ ଦିଗରେ କାର୍ଯ୍ୟ କରୁଛୁ ବୋଲି ପାର୍କ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, କିଆ ଇଣ୍ଡିଆର ଆଧୁନିକ ଉତ୍ପାଦନ କେନ୍ଦ୍ରରୁ ମୋଟ ୫,୩୨,୪୫୦ ୟୁନିଟ୍ କିଆ ସେଲ୍‌ଟସ, ୩,୩୨,୪୫୦ ୟୁନିଟ୍ କିଆ ସୋନେଟ୍, ୧,୨୦,୫୧୬ ୟୁନିଟ୍ କିଆ କାରେନ୍ସ ଏବଂ ୧୪,୫୮୪ ୟୁନିଟ୍ କିଆ କାର୍ନିଭାଲ ଭଳି ଯାନ ଉତ୍ପାଦନ କରାଯାଇଛି । ଅପରପକ୍ଷରେ କିଆର ଏହି ଉଲ୍ଲେଖନୀୟ ସଫଳତା ତଥା ଭାରତୀୟ ବଜାର ପ୍ରତି କିଆର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି ଏବଂ ଏହାର ରଣନୈତିକ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଛି। ବିଶେଷକରି ୨୦୧୯ ଅଗଷ୍ଟରେ କିଆ ଇଣ୍ଡିଆର ବ୍ରାଣ୍ଡ୍ ସେଲ୍‌ଟସ୍ ମଡେଲର ଶୁଭାରମ୍ଭ ସହ ଭାରତୀୟ ବଜାରରେ କିଆ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରିଥିଲା। ବିଗତ ୪୬ ମାସ ମଧ୍ୟରେ କିଆ ୧୦,୦୦,୦୦୦ ବିକ୍ରୟ ସଫଳତା ହାସଲ କରିପାରିଛି।

# ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୧୬।୭

ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ନୂଆ ପାର୍ଟି ସ୍ପିକର ଏସ୍‌ଆର୍‌ଏସ୍-ଏକ୍ସଭି୮୦୦କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଏଥିରେ ସବୁ ଦିଗକୁ ମୁହଁ କରିଥିବା ପାର୍ଟି ସାଉଣ୍ଡ ରହିଛି, ଯାହା କୋଠରିର ପ୍ରତିଟି କୋଣରେ ସ୍ପଷ୍ଟ ସାଉଣ୍ଡ ପହଞ୍ଚାଇବ। ଏକ୍ସ-ବାଲାନ୍ସ ସ୍ପିକର ୟୁନିଟ୍‌ର ଡିଜାଇନ ଶକ୍ତିଶାଳୀ ଓ ଗଭୀର ବେସ୍ ଉତ୍ପନ୍ନ କରିବ। ଏପରିକି ସାମ୍ନା ଓ ପଛ ସ୍ପିକରରେ ୫ ଟୁଇଟର ସ୍ପଷ୍ଟ ଓ ଉଚ୍ଚ ମାନର ସାଉଣ୍ଡ ପ୍ରଦାନ କରିବ। ଏସ୍‌ଆର୍‌ଏସ୍-ଏକ୍ସଭି୮୦୦ରେ ଏକ ବୃହତ୍ ବ୍ୟାଟେରି ରହିଛି, ଯାହା ୨୫ ଘଣ୍ଟା ପର୍ଯ୍ୟନ୍ତ ଚାଲିବ। ମାତ୍ର ୧୦ ମିନିଟ୍ ଚାର୍ଜକଲେ ତାହା ୩ ଘଣ୍ଟା ପର୍ଯ୍ୟନ୍ତ ଚାଲିପାରିବ। ସେହିଭଳି ଟିଭି ଦେଖିବା ବେଳେ ମଧ୍ୟ ଏସ୍‌ଆର୍‌ସି-ଏକ୍ସଭି୮୦୦କୁ ବ୍ୟବହାର କରାଯାଇପାରିବ। ଏହାର ଟିଭି ସାଉଣ୍ଡ୍ ବୁଷ୍ଟର ଟିଭିରେ କୌଣସି କାର୍ଯ୍ୟକ୍ରମକୁ ଉପଭୋଗ କରିବା ବେଳେ ଏକ ଉନ୍ନତ ଅନୁଭୂତି ପ୍ରଦାନ କରିବ।

# ଡା.ଏସ୍.କେ.ଦାଶଙ୍କୁ ମାନବବାଦୀ ସମ୍ମାନ

ଭୁବନେଶ୍ୱର,୧୬।୭



ଡା. ଏସ୍ .କେ.ଦାଶ

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡା. ଏସ୍ .କେ.ଦାଶଙ୍କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି। ଡା.ଦାଶଙ୍କୁ ଆର୍କ କ୍ଲମ୍ପ ସୋସାଇଟିର ସମ୍ମାନଜନକ ସଦସ୍ୟତା ସହ ଆମେରିକାର ମିନେସୋଟାର ରୋଟାରି କ୍ଲବ ଦ୍ୱାରା ମାନବବାଦୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ରୋଟାରି କ୍ଲବ ଏଡିନାର ସଭାପତି ସେଲି ଲୋବେର୍ଗ କହିଛନ୍ତି, ଡା. ଦାଶଙ୍କର ଏହି ମହତ୍ କାର୍ଯ୍ୟକୁ ସମଗ୍ର ବିଶ୍ୱରେ ସ୍ୱୀକୃତି ଦେଇ ଆମେ ବେଶ୍ ଗର୍ବିତ। ସେହିଭଳି ଇଣ୍ଡିଆନ ଆସୋସିଏସନ ଅଫ୍ ମିନେସୋଟାର ସଭାପତି ତାନ୍‌ୱି ପ୍ରିଜେ ଡା. ଦାଶଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଡା. ଦାଶ ପ୍ରୋବାଇଓଟିକସ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବହୁଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛନ୍ତି। ସେହିପରି ଡା. ଦାଶଙ୍କ ନାମରେ ନାମିତ ମିନେସୋଟା ଇତିହାସ ସଂଗ୍ରହାଳୟର ରୋଟୁଣ୍ଡା ସହ ଦାଶଙ୍କୁ ସମ୍ମାନିତ କରାଯାଇଥିଲା ବୋଲି ମିନେସୋଟା ବ୍ଲୁ କ୍ରସ୍ ବ୍ଲୁ ସିଲ୍‌ଡର ମୁଖ୍ୟ ନାଶ ସେଖ୍ କହିଛନ୍ତି। ସେହିଭଳି ମିନେସୋଟା କନକର୍ଡିଆ ବିଶ୍ୱବିଦ୍ୟାଳୟର ଆସୋସିଏଟ ଉପାଧ୍ୟକ୍ଷ ଡା. ବ୍ରୁସ୍ କୋରୀ ଡା. ଦାଶଙ୍କ ସମ୍ପର୍କରେ ଅନେକ ରୋଚକ କଥାର ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡା. ଦାଶ ଜଣେ ଉଦ୍ୟୋଗୀ ତଥା ଉଦ୍ଭାବକ ଯିଏ କି ତାଙ୍କର କାର୍ଯ୍ୟ ମାଧ୍ୟମରେ ୧୦୦ ବିଲିୟନ ଡଲାରର ପ୍ରୋବାଇଓଟିକ ଶିଳ୍ପ ଗଠନ କରିବାରେ ସାହାଯ୍ୟ କରିଛନ୍ତି।

# କିମ୍ସରେ ଖୁବ୍‌ଶୀଘ୍ର ବର୍ନ ୟୁନିଟ୍

- ମାଗଣାରେ ହେବ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର
- କିମ୍ସ ହସ୍ପିଟାଲ ପକ୍ଷରୁ ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରି ଦିବସ

ଭୁବନେଶ୍ୱର,୧୬।୭

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍ ବା କିମ୍ସ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ଏକ ବିଶେଷ ଘୋଷଣା କରାଯାଇଛି। ଏପରିକି ହସ୍ପିଟାଲ ପକ୍ଷରୁ କୁହାଯାଇଛି, ଖୁବ୍‌ଶୀଘ୍ର କିମ୍ସ ହସ୍ପିଟାଲରେ ବର୍ନ ୟୁନିଟ୍ କାର୍ଯ୍ୟକାରୀ କରାଯିବା ସହ ଗ୍ରହଣ ଖଣ୍ଡିଆ ରୋଗୀର ମାଗଣା ଅସ୍ତ୍ରୋପଚାର କିମ୍ସରେ କରାଯିବ। ଅପରପକ୍ଷରେ ଶନିବାର ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯକ୍ରମରେ କିମ୍ସ ମେଡିକାଲ କଲେଜର ଅଧ୍ୟକ୍ଷ ଡା.ଅମ୍ବିକା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଡା. ଶୁଭ୍ରାଂଶୁ ପାତ୍ର, କିମ୍ସ ସୁପର ସ୍ପେଶିଆଲିଟି ହସ୍ପିଟାଲ ଏବଂ କିମ୍ସ କ୍ୟାନ୍‌ସର ସେଣ୍ଟରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ ହସ୍ପିଟାଲ ଅଧୀକ୍ଷକ ଡା. ଆର୍.ସି.ଦାସ, ଉପ ଅଧୀକ୍ଷକ ଡା. ଅଶ୍ୱିନୀ ଶର୍ମା, ଡା,ହରିବନ୍ଧୁ ମହାନ୍ତି, ପ୍ଲାଷ୍ଟିକ୍ ସର୍ଜରି ବିଭାଗର ବିଭାଗୀୟ ମୁଖ୍ୟ ଡା. ସୁନୀଲ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ ସର୍ଜରି ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା ଚିକିତ୍ସକମାନେ କହିଥିଲେ, ସାଧାରଣ ଲୋକଙ୍କ ମନରେ ପ୍ଲାଷ୍ଟିକ ସର୍ଜରିକୁ ନେଇ ବର୍ତ୍ତମାନ ଅନେକ ଦ୍ୱନ୍ଦ୍ୱ ରହିଛି। ଏପରିକି ପ୍ଲାଷ୍ଟିକ ସର୍ଜରି ବିଷୟରେ ଅଧିକ ସୂଚନା ନ ଥିବାବେଳେ ଏହାକୁ ନେଇ ଲୋକଙ୍କ ମନରେ ଅନେକ ଦ୍ୱନ୍ଦ୍ୱ ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ରାଉରକେଲାରେ ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ୍ ଷ୍ଟୋର

ରାଉରକେଲା,୧୬।୭
(ବିପ୍ଲବ ରଞ୍ଜନ ଦାଶ)


ଅତିଥିମାନେ ଫିତାକାଟି ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି। (ଫଟୋ- ବିବେକ)

ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ୍ ଷ୍ଟୋର ପ୍ରଥମ ଥର ପାଇଁ ରାଉରକେଲା ଡେଲି ମାର୍କେଟସ୍ଥିତ ହରିୟାଣା ଭବନ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଙ୍କିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତାକାଟି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରେଷ୍ଟିଜ କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ରବିନ୍ଦ୍ର କୁମାର ମହାପାତ୍ର, ରାଉରକେଲା ସେଲ୍ସ ଅଧିକାରୀ ବୃନ୍ଦାବନ ବାରିକ, ସର୍ଭିସ ମ୍ୟାନେଜର ସୁଜିତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୋ'ରୁମ୍ ମାଲିକ ସୁମିତ ଗୁପ୍ତା, ସରିତା ଗୁପ୍ତା ଏବଂ ଚନ୍ଦୁଲାଲ ଗୁପ୍ତା, ରାଉରକେଲା ପ୍ରେଷ୍ଟିଜ ଏକ୍ସକ୍ଲୁଜିଭ ଶୋ'ରୁମ୍ ମ୍ୟାନେଜର ଅମିତ କୁମାର ଭୂୟାଁ ଓ ସୋମ୍ୟଦୀପ ରୟ ଉପସ୍ଥିତ ଥିଲେ। ଶୋ'ରୁମ୍‌ରେ ଗ୍ୟାସ୍ ଚୁଲା, ପ୍ରେସର କୁକର, ନନ୍‌ଷ୍ଟିକ, ଇଣ୍ଡକଶନ ଠାରୁ ଆରମ୍ଭ କରି ସମସ୍ତ ରୋଷେଇ ସମ୍ପର୍କିତ ଘରୋଇକରଣ ଉପଲବ୍ଧ ରହିଛି। ଏହିସବୁ ସାମଗ୍ରୀ କିଣିବା ପାଇଁ ଇଏମ୍‌ଆଇ ସାଙ୍ଗକୁ ମାଗଣା ଘରୋଇ ସେବା ବ୍ୟବସ୍ଥା ମଧ୍ୟ ରହିଛି। ଶୋ'ରୁମ୍‌ରୁ କୌଣସି ସାମଗ୍ରୀ କିଣିଥିବା ପ୍ରଥମ ୫୦ ଜଣ ଗ୍ରାହକଙ୍କ ପାଇଁ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଉପହାର ବ୍ୟବସ୍ଥା କରାଯାଇଛି। ରାଉରକେଲାରେ ଖୋଲିଥିବା ପ୍ରେଷ୍ଟିଜ୍ କମ୍ପାନୀର ଏହି ଶୋ'ରୁମ୍‌ରେ ମାତ୍ର ୧୩୦ ଟଙ୍କାରୁ ଆରମ୍ଭ କରି ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ ଘରୋଇ ଉପକରଣ ସହରବାସୀଙ୍କୁ ଉପଲବ୍ଧ ହେବ। ଶେଷରେ ଶୋ'ରୁମ ମ୍ୟାନେଜର ଅମିତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଲଭ ମୂଲ୍ୟରେ ମିଳିବ ୪ଜି ସ୍ମାର୍ଟଫୋନ୍

ଭୁବନେଶ୍ୱର, ୧୬।୭

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ତଥା ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ୍ ପୋକୋ ଇଣ୍ଡିଆ ଏବଂ ଏୟାରଟେଲ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପୋକୋ ଇଣ୍ଡିଆ ସବୁଠାରୁ ଶସ୍ତା ୪ଜି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରିବା ପାଇଁ ଏୟାରଟେଲ୍ ସହ ସହଭାଗିତା କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ସୁଲଭ ମୂଲ୍ୟରେ ୪ଜି ସ୍ମାର୍ଟଫୋନ ଭାରତୀୟମାନେ ସହଜରେ ପାଇପାରିବେ ବୋଲି ଉଭୟ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, ଆମେ ଏୟାରଟେଲ୍ ସହ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏୟାରଟେଲର ବିସ୍ତୃତ ନେଟ୍‌ୱର୍କର ବ୍ୟବହାର କରି ଆମେ ପୋକୋର ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭକୁ ବହୁ ସଂଖ୍ୟକ ଗ୍ରାହକଙ୍କୁ ପ୍ରଦାନ କରିବୁ ଏବଂ ପୋକୋ ସି୫୧କୁ ସ୍ମାର୍ଟଫୋନ୍ କ୍ରେତାଙ୍କ ପାଇଁ ଏକ ଶକ୍ତିଶାଳୀ ମୂଲ୍ୟ ପ୍ରସ୍ତାବରେ ପରିଣତ କରିବୁ। ସେହିଭଳି ଭାରତୀ ଏୟାରଟେଲ୍‌ର କଞ୍ଜ୍ୟୁମର ବିଜନେସର ନିର୍ଦ୍ଦେଶକ ଶାଶ୍ୱତ ଶର୍ମା କହିଛନ୍ତି,ଫ୍ଲିପ୍‌କାର୍ଟରେ ସମସ୍ତ ଏୟାରଟେଲ୍ ଗ୍ରାହକଙ୍କ ପାଇଁ ପୋକୋ ସି୫୧କୁ ଅଧିକ ପହଞ୍ଚଯୋଗ୍ୟ କରିବା ଲାଗି ଏହି ସ୍ୱତନ୍ତ୍ର ସହଭାଗିତା ସହିତ ଆମେ ରୋମାଞ୍ଚିତ ଅନୁଭବ କରୁଛୁ। ସେହିପରି ଫ୍ଲିପ୍‌କାର୍ଟର ମୋବାଇଲ୍ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ କୁନାଲ ଗୁପ୍ତା କହିଛନ୍ତି, ନୂଆ ପୋକୋ ସି୫୧ର ଉନ୍ମୋଚନ ଏୟାରଟେଲ୍‌ର ଏକ ମୂଲ୍ୟ ଯୋଗକାରୀ ଉତ୍ପାଦ ସହ ମିଳିତ ଥିବା ସ୍ମାର୍ଟଫୋନ୍ ଅନୁଭୂତିକୁ ଅଧିକ ସୁଲଭ ସହ କ୍ରୟକୁ ବାଧାମୁକ୍ତ କରିବ।

## ଫୁର୍‌ସତ୍



# ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଲେ କାଜଲ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କାଜଲ ୱେବ ସିରିଜ 'ଦ ଟ୍ରାଏଲ' ମାଧ୍ୟମରେ ତାଙ୍କର ଓଟିଟି ଡେବ୍ୟୁ କରିଛନ୍ତି। ସିରିଜ ରିଲିଜ ପରେ ପ୍ରଶଂସକଙ୍କଠାରୁ ଏନେଇ ଜବରଦସ୍ତ ପ୍ରତିକ୍ରିୟା ମିଳିଛି। ଏହି ସିରିଜ୍ ପାଇଁ ତାଙ୍କ ୨୩ ବର୍ଷର ନୋ କିସିଂ ପଲିସିକୁ ଭାଙ୍ଗିଥିବା ଜଣାପଡ଼ିଛି। ଏଥିରେ କାଜଲ ନୋୟୋନିକା ସେନଗୁପ୍ତା ଚରିତ୍ରରେ ନଜର ଆସିଥିବା ବେଳେ ସିରିଜ୍‌ରେ ସେ ସହ କଳାକାର ଏଲେ ଖାଁ ଓ ଯୀଶୁ ସେନଗୁପ୍ତାଙ୍କୁ କିସ୍ କରୁଥିବା ଦେଖାଯାଇଛି। ଦୁଇଟି ଭିନ୍ନ ଭିନ୍ନ ଏପିସୋଡରେ କାଜଲଙ୍କ କିସିଂ ସିନ ଦେଖିବାକୁ ମିଳିଛି। କାଜଲଙ୍କ ଏହି ବୋଲ୍ଡ ମୁଭକୁ ନେଇ ପ୍ରଶଂସକଙ୍କ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ସହ କଳାକାରଙ୍କ ସହ ଅଭିନେତ୍ରୀଙ୍କ କେମେଷ୍ଟ୍ରିକୁ ଅଧିକାଂଶ ପସନ୍ଦ କରିଥିବାବେଳେ ଆଉ କେହି କେହି ଏହି ବୟସରେ କାଜଲଙ୍କ କିସିଂ ଦୃଶ୍ୟକୁ ନିନ୍ଦା କରିଛନ୍ତି। ଗୋଟିଏ ସିନରେ ଅଭିନେତ୍ରୀ ଦୁଇଥର ଲିପ୍‌ଲକ୍ କରିଥିବା ଦେଖାଯାଇଛି। ସିରିଜ୍‌ରେ କାଜଲ ୨ଟି ସନ୍ତାନର ଜନନୀ ଚରିତ୍ର ସହ ଜଣେ ଆଇନଜୀବୀଙ୍କ ଭୂମିକା କରୁଛନ୍ତି।

# ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ



ପୃଥିବୀରେ ଭିନ୍ନ ଭିନ୍ନ ସମସ୍ୟା ରହିଛି। ସୀମାଠୁ ଆରମ୍ଭ କରି ଶରଣାର୍ଥୀ, ଆତଙ୍କବାଦ ସହିତ ସାମ୍ପ୍ରଦାୟିକ ହିଂସା ଆଦି ସମସ୍ୟାର ସଫଳ ସମାଧାନ ଆବଶ୍ୟକ। ପୃଥିବୀର ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇ ଆସୁଛି।

ଅନ୍ତର୍ଜାତୀୟସ୍ତରରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)ର ପ୍ରତିଷ୍ଠା ରୋମ ସମ୍ମେଳନର ପ୍ରମୁଖ ଭୂମିକା ରହିଛି। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ କ୍ରିମିନାଲ କୋର୍ଟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି କୋର୍ଟରେ କରାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଇସିସି କୌଣସି ରାଷ୍ଟ୍ରର କୋର୍ଟକଚେରି ମାମଲାରେ ହସ୍ତକ୍ଷେପ କରେନାହିଁ। ଯଦି କୌଣସି ଦେଶ ଅପରାଧୀଙ୍କ ବିରୋଧରେ ମକଦ୍ଦମା କରିବାକୁ ପଛଘୁଞ୍ଚା ଦିଏ କିମ୍ବା ମାନବତା ବିପଦରେ ପଡ଼ିଥିବା ଭଳି ଅଭିଯୋଗ ଆସେ ସେତେବେଳେ ଆଇସିସିରେ ସମ୍ପୃକ୍ତ ମାମଲାର ବିଚାର ପାଇଁ ଯାଇଥାଏ। ଅନ୍ତର୍ଜାତୀୟ ନ୍ୟାୟ ଦିବସର ମୌଳିକ ଉଦ୍ଦେଶ୍ୟ ପ୍ରଚାର ପ୍ରସାର କରିବା ଲାଗି ପ୍ରତିବର୍ଷ ଜୁଲାଇ ୧୭ରେ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

## ଅନ୍ତର୍ଜାତୀୟ ନ୍ୟାୟ ଦିବସ

ଜୁଲାଇ ୧୭ ହେଉଛି ଅନ୍ତର୍ଜାତୀୟ କ୍ରାଇମ କୋର୍ଟ ସୃଷ୍ଟି କରିଥିବା ଚୁକ୍ତିନାମା ଗ୍ରହଣ କରିବାର ତାରିଖ। ୧ ଜୁନ୍ ୨୦୧୦ରେ କାମ୍ପାଲା (ଉଗାଣ୍ଡା)ରେ ଆୟୋଜିତ ହୋଇଥିବା ରୋମ୍ ଷ୍ଟାଟ୍ୟୁଟର ସମୀକ୍ଷା ସମ୍ମିଳନୀରେ ରାଜ୍ୟ ପାର୍ଟିର ବିଧାନସଭା ୧୭ ଜୁଲାଇକୁ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ରୋମ ଷ୍ଟାଟ୍ୟୁଟର ଐତିହାସିକ ଗ୍ରହଣ ଏବଂ ୧୯୯୮ରେ ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟ ବ୍ୟବସ୍ଥାର ପ୍ରତିଷ୍ଠାକୁ ସ୍ମରଣ କରିବା ପାଇଁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇଥାଏ।


ଶାନ୍ତି ଏବଂ ଆଇନର ଶାସନ ପାଇଁ ଅନ୍ତର୍ଜାତୀୟ ଆପରାଧିକ କୋର୍ଟ (ଆଇସିସି) ପ୍ରତିଷ୍ଠାକୁ ଐତିହାସିକ ମୁହୂର୍ତ୍ତ ଭାବରେ ବିବେଚନା କରାଯାଏ। ଏହା ହେଉଛି ପ୍ରଥମ ସ୍ଥାୟୀ ଏବଂ ସ୍ୱାଧୀନ ଅନ୍ତର୍ଜାତୀୟ ନ୍ୟାୟିକ ଅନୁଷ୍ଠାନ, ଯାହା ନ୍ୟାୟ କରିବାରେ ସକ୍ଷମ।

# ଭଗବାନ ସାଜି ନେଲେଣି ୨.୪୭ କୋଟି

**ମାଡ୍ରିଡ୍:** କିଛି ବ୍ୟକ୍ତି ଥାନ୍ତି, ଯେଉଁମାନେ ଲୋକଙ୍କ ବିଶ୍ୱାସର ଫାଇଦା ଉଠାଇ ତାଙ୍କୁ ଭଣ୍ଡଉଥାନ୍ତି। ନିକଟରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଉତ୍ତର-ପଶ୍ଚିମ ସ୍ପେନର ବାସିନ୍ଦା ଭଗବାନଙ୍କ ନାମରେ ଜଣେ ବ୍ୟକ୍ତିଙ୍କୁ ୨.୪୭ କୋଟି ଦେଇଥିବା ଜଣାପଡ଼ିଛି। ଜଣେ ବୟସ୍କ ମହିଳା ଏସପେରାଞ୍ଜାଙ୍କୁ ୨୦୧୩ରେ ଏକ ଫୋନ କଲ ଆସିଥିଲା। ସେଥିରେ ତାଙ୍କୁ ଜଣେ ବ୍ୟକ୍ତି ଭଗବାନ ପରିଚୟ ଦେଇ କଥା ହୋଇଥିଲେ ଏବଂ ତାଙ୍କର ସମସ୍ତ ସଞ୍ଚିତ ଧନକୁ ସ୍ୱର୍ଗର ଚର୍ଚ୍ଚରେ ଦେବାକୁ କହିଥିଲେ। ମହିଳାଙ୍କର ଭଗବାନଙ୍କ ପ୍ରତି ଥିବା ବିଶ୍ୱାସ ପାଇଁ ସେ ତାଙ୍କୁ ମନାକରିପାରି ନ ଥିଲେ। ସେ ୬ ବର୍ଷ ପର୍ଯ୍ୟନ୍ତ ଭଗବାନଙ୍କ ଆଦେଶକୁ ପାଳନ କଲେ। ଫଳରେ ସେ ସ୍ଥାନୀୟ ଏକ ଛୋଟ ଦୋକାନରେ ଟଙ୍କା ରଖିଦିଅନ୍ତି। ଏପର୍ଯ୍ୟନ୍ତ ସେ ୨.୪୭ କୋଟି ଟଙ୍କା ଭଗବାନଙ୍କୁ ଦେଇଥିବା ଜଣାପଡ଼ିଛି। ଘଟଣା ସାମ୍ନାକୁ ଆସିବା ପରେ ଏସପେରାଞ୍ଜାଙ୍କୁ ଯେତେବେଳେ ପଚରାଗଲା, ସେ ଫୋନ କଲ ଅନୁସାରେ ଟଙ୍କା ପଠାଇବା ଆରମ୍ଭ କରିଦେଲେ। ସମସ୍ତ ଟଙ୍କା ଭଗବାନଙ୍କ ବ୍ୟାଙ୍କ ଖାତାକୁ ଯାଉଥିବା ସେ କହିଛନ୍ତି। ଏସପେରାଞ୍ଜା ଭଗବାନଙ୍କୁ ପ୍ରଶଂସା କରିବାକୁ ଯାଇ ତାଙ୍କର ସମସ୍ତ ସଞ୍ଚିତ ଟଙ୍କାକୁ ଦେଇଛନ୍ତି। ଏଥିସହ ସେ ୨ ଥର ବ୍ୟାଙ୍କରୁ ଲୋନ ମଧ୍ୟ ନେଇଥିବା କହିଛନ୍ତି। ମହିଳାଙ୍କ ଏପରି ଟଙ୍କା ଦେବା ବାବଦରେ ସେ କାହାକୁ କହି ନ ଥିଲେ। ତେବେ ଭଗବାନ ସାଜି ମହିଳାଙ୍କୁ ଲୁଟୁ ଥିବା ଦୋକାନୀ ଜଣକ ଧରାପଡ଼ିବା ପରେ ତାଙ୍କୁ ୮ ବର୍ଷ ଜେଲ ହେବାକୁ ଅନୁରୋଧ କରାଯାଇଛି।

# ୧୧ ଲକ୍ଷ ଟଙ୍କାରେ ନିଲାମ ହ୍ୟାରି ପୋଟର ପୁସ୍ତକ

ନୂଆଦିଲ୍ଲୀ




ପିଲାମାନେ ହ୍ୟାରି ପୋଟରର କାହାଣୀ ଦେଖିବାକୁ ପସନ୍ଦ କରିଥାନ୍ତି। ଯେଉଁଥିରେ ତା'ର ରୋମାଞ୍ଚକର ଜୀବନଶୈଳୀକୁ ଦର୍ଶାଯାଇଛି। ଲେଖିକା ଜେକେ ରୋଲିଂ ହ୍ୟାରି ପୋଟରର ଏହି କାହାଣୀକୁ ଏକ ପୁସ୍ତକରେ ଲିପିବଦ୍ଧ କରିଛନ୍ତି। ତେବେ ଏହି ପୁସ୍ତକରେ ହ୍ୟାରି ପୋଟର ଆଣ୍ଡ ଦି ଫିଲୋସଫର୍ସ ଷ୍ଟୋନର ପ୍ରଥମ ୫୦୦ ଏଡିଶନ ରହିଛି। ସେଥିମଧ୍ୟରୁ ଗୋଟେ ବହି ନିକଟରେ ୧୦ ହଜାର ୫୦୦ ପାଉଣ୍ଡ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୧ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ବ୍ଲୁମସବୁରି ଦ୍ୱାରା ୧୯୯୭ରେ ଲାମିନେଟେଡ୍ ବୋର୍ଡ କଭର ସହ ପ୍ରକାଶିତ ଏହି ପୁସ୍ତକ ପ୍ରଥମ ଏଡିଶନରେ କେବଳ ୫୦୦ ବହି ଛପା ଯାଇଥିଲା। ସେଥିମଧ୍ୟରୁ ୩୦୦ଟି ଲାଇବ୍ରେରିକୁ ପଠାଇ ଦିଆଯାଇଥିଲା। ଲାଇବ୍ରେରିର ଲାଗିଥିବା ମୋହର ଅନୁଯାୟୀ, ବହିର ମୂଲ୍ୟ ମାତ୍ର ୩୨ ଟଙ୍କା। ହେଲେ ପୁସ୍ତକର ନିଲାମ ଫେସବୁକ ଜରିଆରେ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ତୃତୀୟ ସ୍ଥାନ

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ଆଭା ରେକର୍ଡ ସମକକ୍ଷ: ପାରୁଲ, ଜ୍ୟୋତିଙ୍କୁ ଦ୍ୱିତୀୟ ପଦକ**

**ବ୍ୟାଙ୍କକ୍, ୧୬।୭(ପି.ଟି.)**

ଭାରତର ଆଭା ଖଟୁଆ (୧୯.୦୬ ମିଟର) ଏଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ଶଟ୍‌ପୁଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହ ସେ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। ଅନ୍ୟପକ୍ଷରେ ଜ୍ୟୋତି ଆରାଜୀ ଓ ପାରୁଲ ଚୌଧାରୀ ଚାମ୍ପିୟନଶିପ୍‌ରେ ସେମାନଙ୍କ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ଫଳରେ ଭାରତ ୨୭ ପଦକ (୬ସ୍ୱର୍ଣ୍ଣ, ୧୨ରୌପ୍ୟ ଓ ୯ବ୍ରୋଞ୍ଜ) ସହ ପଦକ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରି ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଶେଷ କରିଛି। ତନ୍ମଧ୍ୟରେ ଅନ୍ତିମ ଦିବସରେ ଭାରତ ୧୩ ପଦକ ଜିତିଛି। ତନ୍ମଧ୍ୟରେ ୮ରୌପ୍ୟ ଓ ୫ ବ୍ରୋଞ୍ଜ ରହିଛି। ଜାପାନ ୩୭ (୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୧୦ ବ୍ରୋଞ୍ଜ) ଓ ଚାଇନା ୨୨ (୮ ସ୍ୱର୍ଣ୍ଣ, ୮ରୌପ୍ୟ,୬ ବ୍ରୋଞ୍ଜ) ପଦକ ତାଲିକାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୮ ବର୍ଷୀୟା ଆଭା ଖଟୁଆଙ୍କ ପାଖାପାଖି ଏକ ମିଟର (୯୩ ସେଣ୍ଟିମିଟର) ଉନ୍ନତି ଘଟିଛି। ପୂର୍ବରୁ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୧୭.୧୩ ରହିଥିଲା। ଏଠାରେ ସେ ୪ କିଲୋଗ୍ରାମ ଓଜନର ଶଟ୍‌ପୁଟ୍ ୧୮.୦୬ ମିଟର ଦୂର ଫିଙ୍ଗି ଚାଇନାର ସଙ୍ଗ୍ ଜିଆୟୁଆନ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଖଟୁଆ ଭେଟେରାନ ମନପ୍ରୀତ କୌରଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇଥିଲେ, ଯିଏକି ଏଠାରେ ପ୍ରଥମ ରାଉଣ୍ଡ ଥ୍ରୋ ୧୭ ମିଟର ସହ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଗୁରୁବାର ପ୍ରଥମ ଭାରତୀୟ ଭାବେ ୧୦୦ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିବା ୟାରାଜୀ ୨୩.୧୩ ସେକେଣ୍ଡ ଟାଇମିଂରେ ୨୦୦ ମିଟର ଦୌଡ଼ରେ ରୌପ୍ୟ ଜିତିଛନ୍ତି। ଭାରତର ଲଙ୍ଗ ଡିଷ୍ଟାନ୍ସ ଧାବିକା ପାରୁଲ ଚୌଧାରୀ ୫୦୦୦ ମିଟର ରେସ୍‌ରେ ଏକ ରୌପ୍ୟ ଜିତିଛନ୍ତି। ଚାମ୍ପିୟନଶିପ୍‌ରେ ଏହା ହେଉଛି ତାଙ୍କର ଦ୍ୱିତୀୟ ପଦକ। ଶୁକ୍ରବାର ୩୦୦୦ମିଟର ଷ୍ଟିପଲଚେଜ୍‌ରେ ସ୍ୱର୍ଣ୍ଣ ଜିତିଥିବା ଚୌଧାରୀ ୧୫ ମିନିଟ ୫୨.୩୫ ସେକେଣ୍ଡ ଟାଇମିଂରେ ଜାପାନର ୟୁମା ୟାମାମୋତୋ (୧୫:୫୧.୧୬)ଙ୍କ ଠାରୁ ପଛରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୫୦୦୦ ମିଟରରେ ୨୮ ବର୍ଷୀୟା ଚୌଧାରୀ (୧୫:୧୦.୩୫)ଙ୍କ ନାମରେ ଜାତୀୟ ରେକର୍ଡ ରହିଛି। ଅଙ୍କିତା (୧୬:୦୩.୩୩) ବ୍ରୋଞ୍ଜ ଜିତିଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ଦୁଇ ପଦକ ଅକ୍ତିଆର କରିପାରିଛି। ପୁରୁଷ ଜାଭେଲିନ୍ ଥ୍ରୋ'ରେ ଡି.ପି. ମନୁ ତାଙ୍କ ଶ୍ରେଷ୍ଠ ଥ୍ରୋ ୮୧.୦୧ମିଟର ସହ ରୌପ୍ୟ ପାଇଥିବା ବେଳେ ଗୁଲବୀର ସିଂ ୧୩ ମିନିଟ ୪୮.୩୩ ସେକେଣ୍ଡ ଟାଇମିଂରେ ଏକ ବ୍ରୋଞ୍ଜ ଜିତିଛନ୍ତି। ପୂର୍ବରୁ କିଶନ କୁମାର ଓ କେ.ଏମ୍. ଚନ୍ଦା ସେମାନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ଯଥାକ୍ରମେ ପୁରୁଷ ଓ ମହିଳା ୮୦୦ମିଟର ରେସ୍‌ରେ ପ୍ରତ୍ୟେକ ଗୋଟିଏ ଲେଖାଏ ରୌପ୍ୟ ଜିତିଛନ୍ତି। କୁମାର (୧ମିନିଟ ୪୫.୮୮ ସେକେଣ୍ଡ) କାତାରର ଆବୁବାକର ଏଚ୍. ଅବ୍ଦୁଲ୍ଲାଙ୍କ ପଛରେ ଦ୍ୱିତୀୟ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ଚନ୍ଦା (୨:୦୧.୫୮) ଶ୍ରୀଲଙ୍କାର ଏମ୍.କେ. ଦିସାନାୟକଙ୍କ ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସକାଳ ସେସନରେ ପ୍ରିୟଙ୍କା ଗୋସ୍ୱାମୀ ଓ ବିକାଶ ସିଂ ଯଥାକ୍ରମେ ମହିଳା ଓ ପୁରୁଷ ୨୦ମିଟର ଚାଲିରେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି।


ଜ୍ୟୋତି ଆରାଜୀ

# କଳିଙ୍ଗରେ 'ପାସ୍ ଦି ବଲ୍ ଟ୍ରଫି ଟୁର୍'

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଭୁବନେଶ୍ୱର, ୧୬।୭**
**(ତପନ ସ୍ୱାଇଁ)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ୬ଷ୍ଠ ସଂସ୍କରଣ ଅଗଷ୍ଟ ୩ରୁ ୧୨ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏହାର ଅଂଶବିଶେଷ ଭାବେ 'ପାସ୍ ଦି ବଲ୍ ଟ୍ରଫି ଟୁର୍' କାର୍ଯ୍ୟକ୍ରମ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଓଡ଼ିଶା ନାଭାଲ ଟାଟା ହକି ହାଇପର୍ଫର୍ମାନ୍ସ ସେଣ୍ଟର କ୍ୟାଡେଟ୍ସ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର 'ପାସ୍ ଦି ବଲ୍ ଟ୍ରଫି ଟୁର୍' ଅଭିଯାନକୁ ଚେନ୍ନାଇଠାରେ ଶୁଭାରମ୍ଭ କରିବା ପରେ ଏହା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଯୁବ ଆଥ୍‌ଲେଟମାନେ ଟ୍ରଫିକୁ ସ୍ପର୍ଶ କରିପାରିବେ ଏବଂ ସେମାନଙ୍କୁ ଦେଶ ପାଇଁ ଖେଳିବାକୁ ଅନୁପ୍ରାଣିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ଟ୍ରଫି ଉନ୍ମୋଚନ ଅବସରରେ କ୍ରୀଡ଼ାମନ୍ତ୍ରୀ କହିଲେ ଯେ, "ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରୁ ଅନେକ ଫାଇଦା ମିଳିବ। ଅଲିମ୍ପିଆନ ସମେତ ଅନେକ ଆଥ୍‌ଲେଟଙ୍କୁ ସୃଷ୍ଟି କରିବାରେ ସୁନ୍ଦରଗଡ଼ର ସମୃଦ୍ଧ ଇତିହାସ ରହିଛି। ଆଗାମୀ ଦିନରେ ଆମେ କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଲକ୍ଷ୍ୟ ରଖିଛୁ"। ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ କଳିଙ୍ଗ ଷ୍ଟାଡିୟମରେ ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାଭାବିକଭାବେ ଖୁସି ପ୍ରକାଶ କରିଛନ୍ତି। "କଳିଙ୍ଗରେ ଆଜି ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର 'ପାସ୍ ଦି ବଲ୍ ଟ୍ରଫି ଟୁର୍' କାର୍ଯ୍ୟକ୍ରମ ଆୟୋଜନ କରି ଆମେ ଆନନ୍ଦିତ। ବଡ଼ ହକି ଟୁର୍ନାମେଣ୍ଟ ଆୟୋଜନ କରିବାରେ ଭାରତର ସମୃଦ୍ଧ ଇତିହାସ ରହିଛି। ଚେନ୍ନାଇରେ ହେବାକୁ ଯାଉଥିବା ଆଗାମୀ ପ୍ରତିଯୋଗିତା ମଧ୍ୟ ସଫଳ ହେବାନେଇ ମୁଁ ଆଶାବାଦୀ" ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଟ୍ରଫି ଓଡ଼ିଶାରେ ପହଞ୍ଚିବା ଆମ ପାଇଁ ଆନନ୍ଦର ମୁହୂର୍ତ୍ତ। ହକିରେ ଭାରତ ଅନେକ ସ୍ମରଣୀୟ ସଫଳତା ଅର୍ଜନ କରିଛି। ଅଲିମ୍ପିକ୍ସରେ ମଧ୍ୟ ତାହା ପ୍ରତିଫଳିତ ହୋଇଛି, ଯାହାକି ଆମକୁ ଗର୍ବିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଓଡ଼ିଶାରେ ହକିକୁ ଭରପୂର ସମର୍ଥନ ମିଳୁଛି। ଏଠାରେ ଟୁର୍ନାମେଣ୍ଟ ଆୟୋଜନ କରାଯାଇ କେବଳ ହକିକୁ ପ୍ରମୋଟ କରାଯାଉନାହିଁ, ୨୦ଟି ଅଧିକ ହକି ଟର୍ଫ ପ୍ରସ୍ତୁତ କରାଯାଇଛି" ବୋଲି କ୍ରୀଡ଼ା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଦିଲ୍ଲୀ, ଚଣ୍ଡିଗଡ଼, ଗୁଆହାଟୀ ଓ ପାଟଣା ଆଦି ଦେଶର ଅନେକ ସହରରେ ଆୟୋଜନ ହେବା ପରେ ଭୁବନେଶ୍ୱରରେ ପହଞ୍ଚିଛି। ଏହାପରେ ଟ୍ରଫି ରାଞ୍ଚି, ବେଙ୍ଗାଲୁରୁ ଓ ତ୍ରିଭେନ୍ଦ୍ରମ ଦେଇ ଚେନ୍ନାଇରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ, ଜାପାନ, କୋରିଆ, ପାକିସ୍ତାନ, ଚାଇନା ଓ ମାଲେସିଆ ଦଳ ଅଂଶଗ୍ରହଣ କରିବ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଧନଞ୍ଜୟଙ୍କ ଦୃଢ଼ ବ୍ୟାଟିଂ

**ଶ୍ରୀଲଙ୍କା-ପାକିସ୍ତାନ ପ୍ରଥମ ଟେଷ୍ଟ**

**ଗାଲେ, ୧୬।୭**

ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଚଳିତ ସିରିଜର ପ୍ରଥମ କ୍ରିକେଟ ଟେଷ୍ଟ ରବିବାର ଏଠାରେ ଆରମ୍ଭ ହୋଇଛି। ପାକିସ୍ତାନ ବୋଲରମାନେ ଶ୍ରୀଲଙ୍କାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ହେଁ ଧନଞ୍ଜୟ ଡି'ସିଲ୍‌ଭାଙ୍କ ଦୃଢ଼ ବ୍ୟାଟିଂ ବଳରେ ଶ୍ରୀଲଙ୍କା ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ବର୍ଷା ବାଧା ଯୋଗୁ ପ୍ରଥମ ଦିବସରେ ୬୫.୪ ଓଭର ଖେଳ ସମ୍ଭବ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଶ୍ରୀଲଙ୍କା ୬ ଉଇକେଟ ହରାଇ ୨୪୨ ରନ ସ୍କୋର କରିଛି। ଧନଞ୍ଜୟ ୯୪ ରନକରି ଅପରାଜିତ ରହିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ତେବେ ଆହତ ସମସ୍ୟାରୁ ମୁକୁଳି ପାକିସ୍ତାନ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶାହିନ ଶାହା ଆଫ୍ରିଦୀ ଚମତ୍କାର ବୋଲିଂ କରି ଶ୍ରୀଲଙ୍କାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶାହିନ ୩ଟି ଓ ନସିମ ଶାହା ଗୋଟିଏ ଉଇକେଟ ନେବାରୁ ଶ୍ରୀଲଙ୍କା ମାତ୍ର ୫୪ ରନରେ ୪ଟି ଉଇକେଟ ହରାଇଥିଲା। ନିଶାନ ମଦୁସ୍କା (୪ ରନ)ଙ୍କୁ ଆଉଟ କରି ଶାହିନ ପାକିସ୍ତାନର ୧୯ତମ ବୋଲରଭାବେ ଟେଷ୍ଟ କ୍ରିକେଟରେ ୧୦୦ ଉଇକେଟ ପୂରଣ କରିଥିଲେ। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ପାକିସ୍ତାନ ଦ୍ରୁତ ବୋଲରଙ୍କ ମଧ୍ୟରେ ୪ର୍ଥ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ମଧ୍ୟାହ୍ନ ଭୋଜନ ବିରତି ସମୟରେ ୩୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ଝଡ଼ବର୍ଷା ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୪୨/୬ (ଧନଞ୍ଜୟ ଡି'ସିଲଭା-୯୪*, ଆଞ୍ଜେଲୋ ମାଥ୍ୟୁସ-୬୪, ଶାହିନ ଶାହା ଆଫ୍ରିଦୀ-୩/୬୩, ନସିମ ଶାହା-୧/୬୬, ଆବ୍ରାର ଅହମଦ-୧/୫୯, ଆଘା ସଲମାନ-୧/୧୮)।

# ଆୟୁଷଙ୍କୁ ତ୍ରିମୁକୁଟ, ଶ୍ରୁତିଙ୍କୁ ଦ୍ୱିମୁକୁଟ

**ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**

**ଆଗାମୀ ଦିନରେ ବଲାଙ୍ଗୀର ହେବ କ୍ରୀଡା ହବ୍: ନରସିଂହ**



ବଲାଙ୍ଗୀରରେ ଆୟୋଜିତ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ।

**ବଲାଙ୍ଗୀର, ୧୬।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆୟୁଷ ଦାସ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ୍ ଜିତି ତ୍ରିମୁକୁଟ ହାସଲ କରିଛନ୍ତି। ମହିଳା ବିଭାଗରେ ଶ୍ରୁତି ସ୍ୱାଇଁ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲ ମ୍ୟାଚ୍ ଜିତି ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ସେହିପରି ଅନୁଜା-ଶ୍ରୁତି ଯୋଡି ମହିଳା ଡବଲ୍ସ ବର୍ଗ, ଆୟୁଷ-ଅବିନାଶ ଯୋଡି ପୁରୁଷ ଡବଲ୍ସ ବର୍ଗ, ଆୟୁଷ-ପୂର୍ବା ପ୍ରତ୍ୟାଶା ଯୋଡି ମିକ୍ସଡ ଡବଲ୍ସ ବର୍ଗରେ ଫାଇନାଲ ଜିତି ଟାଇଟଲ କବ୍‌ଜା କରିଛନ୍ତି।

ରବିବାର ସମସ୍ତ ବର୍ଗର ସେମିଫାଇନାଲ ଓ ଫାଇନାଲକୁ ନେଇ ସମୁଦାୟ ୧୫ଟି ମ୍ୟାଚ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ ବିଭାଗ ସେମିଫାଇନାଲରେ ଆର୍ଯ୍ୟ ଅମିୟଙ୍କୁ ଏବଂ ଆୟୁଷ ସ୍ୱାଧୀନଙ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ୍‌ରେ ଆୟୁଷ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଟାଇଟଲ ଫେଭରିଟ୍ ଆର୍ଯ୍ୟଙ୍କୁ ହରାଇ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସ ବିଭାଗରେ ଅମିୟ-ଅନିର୍ବାଣ ଓ ଆୟୁଷ-ଅବିନାଶଙ୍କ ଯୋଡି ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ରୋମାଞ୍ଚକର ଫାଇନାଲରେ ଆୟୁଷ-ଅବିନାଶଙ୍କ ଯୋଡି ବାଜି ମାରିଥିଲେ। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ହର୍ଷିତା ଇଶାନୀଙ୍କୁ ଓ ଶ୍ରୁତି ଶିରିନଙ୍କୁ ହରାଇ ଫାଇନାଲରେ ପଦାର୍ପଣ କରିଥିଲେ। ଫାଇନାଲରେ ଶ୍ରୁତି ବିଜୟ ଲାଭ କରିଥିଲେ।

ମହିଳା ଡବଲ୍ସ ଫାଇନାଲରେ ଅନୁଜା-ଶ୍ରୁତି ଓ ହର୍ଷିତା-ପୂର୍ବା ପ୍ରତ୍ୟାଶାଙ୍କ ଯୋଡି ପରସ୍ପରକୁ ଭେଟିଥିଲେ। ଶେଷରେ ଅନୁଜା-ଶ୍ରୁତିଙ୍କ ଯୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ବିଜୟ ମୁକୁଟ ପିନ୍ଧିଥିଲେ। ସେହିପରି ମିକ୍ସଡ ଡବଲ୍ସ ଫାଇନାଲ୍‌ରେ ଅଭିଜିତ-ହର୍ଷିତାଙ୍କ ଯୋଡିଙ୍କୁ ଆୟୁଷ-ପୂର୍ବା ପ୍ରତ୍ୟାଶା ଯୋଡି ହରାଇ ଚାମ୍ପିୟନ ହୋଇଥିଲେ।

ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରରେ କ୍ରୀଡାର ଭିତ୍ତିଭୂମିର ବିକାଶ ଦିଗରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି। ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମକୁ ରାଜ୍ୟର ସବୁଠୁ ଭଲ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ବୋଲି ଖେଳାଳିମାନେ କହିବା ଗର୍ବର ବିଷୟ। ଆଗାମୀ ଦିନରେ ବଲାଙ୍ଗୀର କ୍ରୀଡା ହବ୍ ହେବ ବୋଲି କହିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, ଉପସଭାପତି ଘନଶ୍ୟାମ ମିଶ୍ର, ମ୍ୟାଚ କୋଅର୍ଡିନେଟର ଅନନ୍ତ ବେହେରା, ମାନସ ମହାନ୍ତି, ସୁରେନ୍ଦ୍ର ନେପାଳ, ଡେଭଲପମେଣ୍ଟ କମିଟି ଜିଲା ମୁଖ୍ୟ ଦେବାଶିଷ ମିଶ୍ର ମଞ୍ଚାସୀନ ଥିଲେ। ଫୁଡ୍ ଇନ୍‌ଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧୀର ପଣ୍ଡା, କବିଚନ୍ଦ୍ର ଠାକୁର, ଆଦିତ୍ୟ କେଜ୍ରିୱାଲ, ସୁଶାନ୍ତ ମହାନ୍ତି, ପ୍ରକାଶ ସାହୁ, ଚନ୍ଦନ ମିଶ୍ର, ଆକ୍ରମ ଦୁରାନି, ପୁଷ୍ପ ଭୂଷଣ ସୁତାର, ନନ୍ଦିନୀ ଲାଲ ବିଶେଷ ସହଯୋଗ କରିଥିଲେ। ଚିଫ୍ ରେଫରି ବିଜୟ ବାଗ, ପର୍ଯ୍ୟବେକ୍ଷକ ମନୋରଞ୍ଜନ ଦାସ, ସୁନୀଲ ବେହେରା, ହେମନ୍ତ ପ୍ରଧାନ, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥୀ ଓ ଚନ୍ଦ୍ରଶେଖର ମିଶ୍ର ସମସ୍ତ ମ୍ୟାଚ ପରିଚାଳନା କରିଥିଲେ।

# ଦୁଲିପ ଟ୍ରଫି: ଦକ୍ଷିଣାଞ୍ଚଳ ଚାମ୍ପିୟନ

**ବେଙ୍ଗାଲୁରୁ, ୧୬।୭**

ଦ୍ୱିତୀୟ ଇନିଂସରେ ସାଇ କିଶୋର ଓ ବାସୁକି କୌଶିକଙ୍କ ଚମତ୍କାର ବୋଲିଂ ବଳରେ ଦକ୍ଷିଣାଞ୍ଚଳ ଦୁଲିପ ଟ୍ରଫି କ୍ରିକେଟ ଫାଇନାଲରେ ପଶ୍ଚିମାଞ୍ଚଳକୁ ୭୫ ରନରେ ପରାସ୍ତ କରିଛି। ବିଜୟ ଲକ୍ଷ୍ୟ ୨୯୮ ଥିବାବେଳେ ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ୨୨୨ ରନ କରିବାକୁ ସକ୍ଷମ ହୋଇଛି। ଉଭୟ ବାସୁକି କୌଶିକ ଓ ସାଇ କିଶୋର ୪ଟି ଲେଖାଏ ଉଇକେଟ ନେଇ ଦକ୍ଷିଣାଞ୍ଚଳକୁ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୮୨/୫ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ବିଜୟ ପାଇଁ ଆଉ ୧୧୬ ଆବଶ୍ୟକ କରୁଥିଲା। ମାତ୍ର ଦଳ ୪୦ ରନ ଯୋଗକରି ଅବଶିଷ୍ଟ ୫ଟି ଉଇକେଟ ହରାଇଥିଲା। ପୂର୍ବଦିନ ୯୨ ରନରେ ଅପରାଜିତ ରହିଥିବା ଅଧିନାୟକ ପ୍ରିୟଙ୍କ ପଞ୍ଚାଲ ଆଉ ମାତ୍ର ୩ ରନ ଯୋଗକରି ଆଉଟ ହୋଇ ଯାଇଥିଲେ। ଏହାକୁ ମିଶାଇ ଦକ୍ଷିଣାଞ୍ଚଳ ୧୪ଥର ପାଇଁ ଦୁଲିପ ଟ୍ରଫି ଚାମ୍ପିୟନ ହୋଇଛି। କେବଳ ସେତିକି ନୁହେଁ ପଶ୍ଚିମାଞ୍ଚଳ ନିକଟରୁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ୨୦୨୨ ଦୁଲିପ ଟ୍ରଫି ଫାଇନାଲରେ ପଶ୍ଚିମାଞ୍ଚଳ ୨୯୪ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମ ଇନିଂସରେ ୭ ଉଇକେଟ ଏବଂ ଦ୍ୱିତୀୟ ଇନିଂସରେ ପ୍ରିୟଙ୍କ ପଞ୍ଚାଲଙ୍କ ପ୍ରାଇଜ୍ ଉଇକେଟ ନେଇଥିବା ଦ୍ରୁତ ବୋଲର ବିଦ୍ୱାଥ କଭେରପ୍ପା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କେବଳ ସେତିକି ନୁହେଁ ପ୍ରତିଯୋଗିତାରେ ମୋଟ ୧୫ଟି ଉଇକେଟ ନେଇ ସେ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ମଧ୍ୟ ପାଇଛନ୍ତି।


ଟ୍ରଫି ସହ ଦକ୍ଷିଣାଞ୍ଚଳ ଦଳ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୨୧୩। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୧୪୬। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୨୩୦। ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୨୨୨/ଅଲ୍‌ଆଉଟ (ପ୍ରିୟଙ୍କ ପଞ୍ଚାଲ-୯୫, ସର୍ଫରାଜ ଖାଁ-୪୮, ବାସୁକି କୌଶିକ-୪/୩୬, ସାଇ କିଶୋର-୪/୫୭, ବିଦ୍ୱାଥ କଭେରପ୍ପା-୧/୫୧, ବିଜୟ କୁମାର ବ୍ୟଶକ-୧/୩୯)।


Classified Everyday
0674-2580101, 2549949



SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889

Your classified advertisement published in Dharitri will be listed free in Dharitri online edition: dharitriepaper.in




Newly open SPA positively health benefits with expert therapist. 9040286886. D-75130

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly opened (one 8 SPA)/ (Salon service) with export therapist. 9938843929. D-75129

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ପ୍ରାଣକୃଷ୍ଣ ବେହେରା

ପ୍ରତିଷ୍ଠାତା- ଦେଶବନ୍ଧୁ ମେଡିସିନ ଷ୍ଟୋର, ବାଲକାଟୀ ରଙ୍ଗଣୀସାହି, ଭୁବନେଶ୍ୱର
ଆବିର୍ଭାବ- ୦୧।୦୧।୧୯୫୨
ତିରୋଧାନ- ୨୮।୦୭।୨୦୨୨

ଆପଣଙ୍କ ସ୍ନେହ ଓ ଆଶୀର୍ବାଦ ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀସ୍ୱପ୍ନେଶ୍ୱର ଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ- ପୁତ୍ର ଅଜୟ କୁମାର ବେହେରା, ବନ୍ଧୁ ଓ ପରିବାରବର୍ଗ।

ଧ-୦୮୩୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ ଫ୍ୟାଟ୍ ଜାତୀୟ ଖାଦ୍ୟ



ଆଜିକାଲି ଅନେକ ଲୋକ ନିଜର ଖାଦ୍ୟ ଶୈଳୀ ବିଷୟରେ ପ୍ରାୟ ସଚେତନ ନ ଥାନ୍ତି। ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଅଧିକ ତେଲ ମସଲାଯୁକ୍ତ କିମ୍ବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଆମେରିକାନ୍ ହାର୍ଟ ଆସୋସିଏଶନ୍ ଆଣ୍ଡ ସାଇଣ୍ଟିଫିକ୍ ରିସର୍ଚ୍ଚ ତରଫରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏପରି ଖାଦ୍ୟର ପରିମାଣ ଅଧିକ ହେଲେ ତାହା ଶରୀରରେ ଚର୍ବି ବଢ଼ାଇବା ସହ ହାର୍ଟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଉଚ୍ଚ ରକ୍ତଚାପ ହେବାର ମଧ ଆଶଙ୍କା ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, କ୍ଷୀର, ମାଛ ତଥା ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ।

## ସନ୍ତୁଳିତ ରହିବ କୋଲେଷ୍ଟରଲ



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ଏଥିରେ ଦହିର ଭୂମିକା ମଧ୍ୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତି, ତେବେ ତାହା ତାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ କ୍ୟାଲସିୟମ୍ ଓ ପୋଟାସିୟମ୍ ଭର୍ପୂର୍ ମାତ୍ରାରେ ରହିଛି। ଏହା ମଧ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଦହିରେ କ୍ୟାଲ୍ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଏଥିସହ ଦାନ୍ତକୁ ମଧ ଦୃଢ଼ ରଖେ। ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିବ। ଶରୀରରେ ମେଦବହୁଳତାକୁ ଏହା କେତେକାଂଶରେ କମାଇଥାଏ। ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିଥାଏ। ଏହାକୁ ସନ୍ତୁଳିତ ରଖେ ଦହି। ରକ୍ତରେ ଶର୍କରାର ପରିମାଣକୁ ମଧ ନିୟନ୍ତ୍ରଣରେ ରଖେ।

# ଚନ୍ଦ୍ରଯାନ-୩ର ଲକ୍ଷ୍ୟ



ଇଂ. ମାୟାଧର ସ୍ୱାଇଁ

''ଭାରତ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯାନକୁ ଅବତରଣ କରାଇବ। ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶ ଏହି ଅଞ୍ଚଳକୁ ଲକ୍ଷ୍ୟ କରିନାହାନ୍ତି। କାରଣ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରିବା ହେଉଛି ଅଧିକ ସହଜ ଏବଂ ନିରାପଦ। ଏଠାରେ ତାପମାତ୍ରା ଓ ପୃଷ୍ଠଭାଗ ହେଉଛି କାର୍ଯ୍ୟ କରିବା ପାଇଁ ସୁବିଧାଜନକ ଏବଂ ଯାନର ଯନ୍ତ୍ରପାତି ଏହି ଅଞ୍ଚଳରେ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଏହି ଅଞ୍ଚଳର ପୃଷ୍ଠ ହେଉଛି ମସୃଣ ଓ ସମତଳ, ତୀକ୍ଷ୍ଣ ଢାଲୁ ପ୍ରାୟ ନାହିଁ ଏବଂ ଏଠାରେ ବହୁତ କମ୍ ପାହାଡ଼ କିମ୍ବା ଗର୍ତ୍ତ ଅଛି। ପୃଥିବୀକୁ ମୁହଁ କରିଥିବା ପାର୍ଶ୍ୱରେ ପ୍ରଚୁର ସୂର୍ଯ୍ୟକିରଣ ପଡିଥାଏ, ଯାହା ସୌରଚାଳିତ ଯନ୍ତ୍ରପାତିଗୁଡିକୁ ନିରନ୍ତର ଶକ୍ତି ଯୋଗାଇବ।''



ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚଳିତ ମାସ ୧୪ ତାରିଖରେ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେପଣ ଘାଟିରୁ 'ଏଲ୍‌ଭିଏମ୍‌୩ଏମ୍‌୪' ରକେଟ ସାହାଯ୍ୟରେ ଚନ୍ଦ୍ର ଅଭିମୁଖେ 'ଚନ୍ଦ୍ରୟାନ-୩' ଅଭିଯାନକୁ ଉତ୍କ୍ଷେପଣ କରିଛି। ଏଥିରେ ଗୋଟିଏ ନୋଦନ (ପ୍ରପଲସନ୍) ମଡ୍ୟୁଲ, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଯାନ ରହିଛି। ନୋଦନ ଚନ୍ଦ୍ର କକ୍ଷରେ ରହି ଏହାକୁ ପରିକ୍ରମଣ କରିବ। ଲ୍ୟାଣ୍ଡର ଓ ରୋଭର ମୂଳ ଚନ୍ଦ୍ରଯାନରୁ ଅଲଗା ହୋଇ ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବେ ଏବଂ ଏହି ଅବତରଣ ସଫ୍ଟ ଲ୍ୟାଣ୍ଡିଙ୍ଗ ହେବ। ଅର୍ଥାତ୍ ଏହି ଅବତରଣ ସମୟରେ ଏହାର ବେଗ ଯଥେଷ୍ଟ ହ୍ରାସ ପାଇଥିବ ଏବଂ ଏହା ଚନ୍ଦ୍ର ପୃଷ୍ଠରେ ଏହି ବେଗରେ ପଡ଼ିଲେ କିଛି କ୍ଷତି ହେବ ନାହିଁ। ଅବତରଣ ପରେ ରୋଭର ଚନ୍ଦ୍ର ପୃଷ୍ଠରେ ୧୪ ଦିନ ଘୂରି ଏହାର ମୃତ୍ତିକାର ରାସାୟନିକ ବିଶ୍ଳେଷଣ କରିବ। ସଫ୍ଟ ଲ୍ୟାଣ୍ଡିଙ୍ଗ ହୋଇପାରିଲେ ଏହା ହାସଲ କରିବାରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା ପରେ ଭାରତ ଚତୁର୍ଥ ରାଷ୍ଟ୍ର ହେବ।

ଭାରତ ୨୦୦୮ ଅକ୍ଟୋବର ମାସରେ ଚନ୍ଦ୍ରୟାନ-୧ ଅଭିଯାନ ପଠାଇଥିଲା ଏବଂ ଏହା ୨୦୦୯ ଅଗଷ୍ଟ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହି ଅଭିଯାନରେ ଗୋଟିଏ ଅର୍ବିଟର ଓ ଗୋଟିଏ ସଂଘାତକ (ଇମ୍ପାକ୍ଟର) ଥିଲା। ସଂଘାତକ ମୂଳଯାନରୁ ଅଲଗା ହୋଇ ନିୟନ୍ତ୍ରିତ ଉପାୟରେ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ପଡ଼ିଥିଲା। ଏହି ସ୍ଥାନର ନାମ 'ଜବାହାର ବିନ୍ଦୁ' ରଖାଯାଇଛି। ଏହି ଅଭିଯାନରେ ଚନ୍ଦ୍ରୟାନ-୧ରେ ଥିବା ଯନ୍ତ୍ରପାତି ସାହାଯ୍ୟରେ ଚନ୍ଦ୍ର ପୃଷ୍ଠରେ ଜଳ ଥିବାର ପ୍ରଥମ ପ୍ରମାଣ ମିଳିଥିଲା।

ଭାରତର ଚନ୍ଦ୍ରୟାନ-୨ ଅଭିଯାନ ୨୦୧୯ ଜୁଲାଇ ୨୨ରେ ଉତ୍କ୍ଷେପଣ ହୋଇଥିଲା। ଏଥିରେ ଗୋଟିଏ ଅର୍ବିଟର, ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଥିଲା। ସେହି ବର୍ଷ ସେପ୍ଟେମ୍ବର ୬ରେ ଲ୍ୟାଣ୍ଡର ଓ ରୋଭର ମୂଳ ଯାନରୁ ପୃଥକ ହୋଇ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ବେଳେ ସଫ୍ଟ ଲ୍ୟାଣ୍ଡିଙ୍ଗ ହୋଇ ନ ପାରି ହାର୍ଡ ଲ୍ୟାଣ୍ଡିଙ୍ଗ ହେଲା। ଫଳରେ ଦୁଇ ସପ୍ତାହ କାର୍ଯ୍ୟ କରିବା ପାଇଁ ଡିଜାଇନ୍ ହୋଇଥିବା ରୋଭର ଅଚଳ ହୋଇଗଲା। କିନ୍ତୁ ଏହି ଅଭିଯାନର ଅର୍ବିଟର ଚନ୍ଦ୍ର କକ୍ଷରେ ରହି ଏ ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ଏହି ଅଭିଯାନ ୯୦ ପ୍ରତିଶତ ସଫଳ ହୋଇଥିଲା।

ଚନ୍ଦ୍ରୟାନ-୨ ଭଳି ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଧ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବା ପାଇଁ ଡିଜାଇନ୍ କରାଯାଇଛି। ନିର୍ଦ୍ଦିଷ୍ଟ ଭାବେ ସ୍ଥାନଟି ହେଉଛି ୭୦ ଡିଗ୍ରୀ ଅକ୍ଷାଂଶ। ସୂଚନାଯୋଗ୍ୟ ଯେ ପୂର୍ବରୁ ଚନ୍ଦ୍ରରେ ଅବତରଣ କରିଥିବା ସମସ୍ତ ଯାନ ଏହାର ବିଷୁବମଣ୍ଡଳୀୟ ଅଞ୍ଚଳରେ ଅବତରଣ କରିଛନ୍ତି। ବିଷୁବରେଖାର ଅଳ୍ପ କେତେ ଡିଗ୍ରୀ ଉତ୍ତର କିମ୍ବା ଦକ୍ଷିଣ ଅକ୍ଷାଂଶରେ ଏଗୁଡ଼ିକ ନିରାପଦରେ ଅବତରଣ କରିଛନ୍ତି। ବିଷୁବରେଖାଠାରୁ ସବୁଠାରୁ ଅଧିକ ଦୂରରେ ଅବତରଣ କରିଥିବା ଯାନ ହେଉଛି 'ନାସା'ର ସର୍ଭେୟର-୭। ଏହା ୧୯୬୮ ଜାନୁୟାରୀ ୧୦ରେ ୪୦ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶରେ ଅବତରଣ କରିଥିଲା।

ଚାଇନାର ଚାଙ୍ଗେ-୪ ଯାନ ଆମକୁ ଦେଖାଯାଉ ନ ଥିବା ଚନ୍ଦ୍ର ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବାରେ ପ୍ରଥମ ଯାନ ଥିଲା। ଏହା ୨୦୧୯ ଜାନୁୟାରୀ ୩ ତାରିଖରେ ଚନ୍ଦ୍ରର ୪୫ ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିଥିଲା।

ଭାରତ ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯାନକୁ ଅବତରଣ କରାଇବ। ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶ ଏହି ଅଞ୍ଚଳକୁ ଲକ୍ଷ୍ୟ କରିନାହାନ୍ତି। କାରଣ ଚନ୍ଦ୍ରର ବିଷୁବରେଖା ନିକଟରେ ଅବତରଣ କରିବା ହେଉଛି ଅଧିକ ସହଜ ଏବଂ ନିରାପଦ। ଏଠାରେ ତାପମାତ୍ରା ଓ ପୃଷ୍ଠଭାଗ ହେଉଛି କାର୍ଯ୍ୟ କରିବା ପାଇଁ ସୁବିଧାଜନକ ଏବଂ ଯାନର ଯନ୍ତ୍ରପାତି ଏହି ଅଞ୍ଚଳରେ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଏହି ଅଞ୍ଚଳର ପୃଷ୍ଠ ହେଉଛି ମସୃଣ ଓ ସମତଳ, ତୀକ୍ଷ୍ଣ ଢାଲୁ ପ୍ରାୟ ନାହିଁ ଏବଂ ଏଠାରେ ବହୁତ କମ୍ ପାହାଡ଼ କିମ୍ବା ଗର୍ତ୍ତ ଅଛି। ପୃଥିବୀକୁ ମୁହଁ କରିଥିବା ପାର୍ଶ୍ୱରେ ପ୍ରଚୁର ସୂର୍ଯ୍ୟକିରଣ ପଡ଼ିଥାଏ, ଯାହା ସୌରଚାଳିତ ଯନ୍ତ୍ରପାତିଗୁଡ଼ିକୁ ନିରନ୍ତର ଶକ୍ତି ଯୋଗାଇବ।

ଅନ୍ୟପକ୍ଷରେ ଚନ୍ଦ୍ରର ମେରୁ ଅଞ୍ଚଳ ହେଉଛି ପୂରାପୂରି ଅଲଗା ଏବଂ ପୃଷ୍ଠଭାଗ ଅସମତଳ। ମେରୁ ଅଞ୍ଚଳର ନିକଟବର୍ତ୍ତୀ ଅନେକ ସ୍ଥାନ ସମ୍ପୂର୍ଣ୍ଣ ଅନ୍ଧକାରରେ ଥାଏ ଏବଂ ଏହି ସ୍ଥାନରେ କେବେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ଏଠାରେ ତାପମାତ୍ରା ବିୟୁକ୍ତ(-) ୨୩୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ତୁଳନାତ୍ମକ ଭାବେ ପୃଥିବୀରେ ସର୍ବନିମ୍ନ ତାପମାତ୍ରା ପୂର୍ବ ଆଣ୍ଟାର୍କଟିକା ଉପତ୍ୟକାର ଶୀର୍ଷ ଭାଗରେ ବିୟୁକ୍ତ ୯୨ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଯାଇଥାଏ। ସୂର୍ଯ୍ୟାଲୋକର ଅଭାବ ଏବଂ ଅତି କମ୍ ତାପମାତ୍ରାରେ ଚନ୍ଦ୍ରର ମେରୁ ଅଞ୍ଚଳରେ ଯନ୍ତ୍ରପାତିଗୁଡ଼ିକ କାର୍ଯ୍ୟ କରିବା ବହୁତ କଷ୍ଟକର ହୋଇଥାଏ। ପୁନଶ୍ଚ ଏହି ଅଞ୍ଚଳରେ ଅଳ୍ପ କେତେ ସେଣ୍ଟିମିଟରରୁ ଅନେକ ହଜାର କିଲୋମିଟର ଆକାରରେ ଅନେକ ଗଭୀର ଗର୍ତ୍ତ ଅଛି।

ତାହାହେଲେ ଭାରତ କାହିଁକି ଦକ୍ଷିଣ ମେରୁ ନିକଟରେ ଲ୍ୟାଣ୍ଡରକୁ ଅବତରଣ କରାଉଛି? ଏହାର ପରିବେଶ ଓ ଏଠାରେ ଅବତରଣ କରି କାର୍ଯ୍ୟ କରିବାର ଅସୁବିଧା ଯୋଗୁ ଚନ୍ଦ୍ରର ମେରୁ ଅଞ୍ଚଳ ବିଷୟରେ ଆମକୁ ବିଶେଷ ଭାବେ ଜଣାନାହିଁ। କିନ୍ତୁ କେତେକ କକ୍ଷ ଭ୍ରମଣକାରୀ ଅଭିଯାନରୁ ପ୍ରମାଣ ମିଳିଛି ଯେ ଏହି ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁକ୍କାୟିତ ଅଛି। କେତେକ ଗଭୀର ଗର୍ତ୍ତରେ ଯଥେଷ୍ଟ ପରିମାଣର ବରଫ ଅଣୁ ଥିବାର ସୂଚନା ମିଳିଛି। ୨୦୦୮ ମସିହାରେ ଚନ୍ଦ୍ରୟାନ-୧ରେ ଥିବା ଦୁଇଟି ଯନ୍ତ୍ର ଚନ୍ଦ୍ର ପୃଷ୍ଠରେ ଜଳର ସୂଚନା ଦେଇଥିଲା।

ପୁନଶ୍ଚ ମେରୁ ଅଞ୍ଚଳର ଅତ୍ୟଧିକ ଥଣ୍ଡା ଯୋଗୁ ଏଠାରେ ବହୁ ପୂର୍ବରୁ ରହିଯାଇଥିବା ଅନେକ ବସ୍ତୁ ଘନୀଭୂତ ଅବସ୍ଥାରେ ଅଛି ଏବଂ ଏହାର ବିଶେଷ ପରିବର୍ତ୍ତନ ହୋଇନାହିଁ। ଚନ୍ଦ୍ରର ଉତ୍ତର ଓ ଦକ୍ଷିଣ ମେରୁରେ ଥିବା ପଥର ଓ ମୃତ୍ତିକା ସୌରଜଗତର ଗଠନ ସମ୍ବନ୍ଧରେ ସୂଚନା ଦେଇପାରେ। (କ୍ରମଶଃ..)

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ବୃଦ୍ଧି ପାଇବ ସ୍ମରଣ ଶକ୍ତି



ଉତ୍ତମ ଖାଦ୍ୟ ହେଉ କିମ୍ବା ଯୋଗ, ବ୍ୟାୟାମ ଓ ପ୍ରାଣାୟମ ସ୍ମରଣ ଶକ୍ତି ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ମନ ପସନ୍ଦର ସଙ୍ଗୀତ ଶୁଣିବା ଦ୍ୱାରା ମଧ ଏହା ବୃଦ୍ଧି ପାଇଥାଏ। ୟୁନିଭର୍ସିଟି ଅଫ୍ ଟରୋଣ୍ଟୋ ଏବଂ ୟୁନିଟ ହେଲ୍‌ଥ ଟରୋଣ୍ଟୋ ତରଫରୁ ହୋଇଥିବା ଏକ ମିଳିତ ପରୀକ୍ଷଣରୁ ଏକଥା ଜଣାପଡ଼ିଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହା ମସ୍ତିଷ୍କକୁ ଦୃଢ଼ କରିବାରେ ସାହାଯ୍ୟ କରେ। ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଏହା ଆଗ୍ରହ ସୃଷ୍ଟି କରେ। ତା' ସହ ନିଜର ଆଗ୍ରହ ଅନୁଯାୟୀ ବିନା ଚିନ୍ତାରେ ଯେ କୌଣସି କାର୍ଯ୍ୟ କଲେ କାର୍ଯ୍ୟଟି ସଫଳ ହେବା ସହ ନିଜକୁ ଆନନ୍ଦ ମଧ ଲାଗିଥାଏ। ଆଉ ଏବେ 'ସଙ୍ଗୀତ' ଖୁସି ରହିବାର ଏକ ମାଧ୍ୟମ ପାଲଟିଯାଇଛି ବୋଲି ଗବେଷଣାରୁ ଜଣାପଡ଼ିଛି।

## ଜୀବନଶୈଳୀ ଓ ଡାଇବେଟିସ୍



ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହିଲେ ତାହା ଡାଇବେଟିସ୍ ସମସ୍ୟାକୁ ଜଟିଳ କରିଥାଏ। କେବଳ ସେତିକି ନୁହେଁ, ଏହା ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ ତାହାର କୁପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ତୁରନ୍ତ ଚିକିତ୍ସା କରାଇ ନେବା ଦରକାର। ଅନ୍ୟପକ୍ଷରେ ଅସନ୍ତୁଳିତ ଜୀବନଶୈଳୀ ମଧ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଭିଟାମିନ୍ 'ଡି' ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଏଥିରେ ଆହୁରି ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏପରି ଏହାର ଅଭାବରେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣପଡ଼ିଛି। 'ଭିଟାମିନ୍-ଡି ଏବଂ ହୃଦ୍‌ଜନିତ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମିଲେ ବ୍ୟକ୍ତିକୁ ହୃଦ୍‌ଘାତ ହେବାର ଆଶଙ୍କା ରହିଛି। ତା'ସହ ଏହାର ପ୍ରଭାବ ରକ୍ତଚାପ ଉପରେ ମଧ ପଡିଥାଏ। ତେଣୁ ଆମେ ପ୍ରତିଦିନ କିଛି ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଇବା ନିହାତି ଦରକାର। ସବୁଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଆମ ଶରୀରକୁ ଅନେକ ପରିମାଣର ଭିଟାମିନ୍ 'ଡି' ମିଳିଥାଏ। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍‌ରେ ଭିଟାମିନ୍ 'ଡି' ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା


- ପ୍ରତିଦିନ ଶିଢ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଏଥିପ୍ରତି ସତର୍କ ରୁହନ୍ତୁ।
- କେବଳ ଶାରୀରିକ ବ୍ୟାୟାମ ନୁହେଁ ମାନସିକ ଯୋଗ ମନକୁ ଶାନ୍ତି ପ୍ରଦାନ କରିଥାଏ। ସବୁବେଳେ ମାନସିକତାକୁ ସକାରାତ୍ମକ ରଖନ୍ତୁ।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବା କେତେକ ଲୋକଙ୍କର ଅଭ୍ୟାସ। ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର ଏବଂ ହୃଦଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।
- ସବୁବେଳେ ଠିକ୍ ସମୟରେ ଖାଆନ୍ତୁ ଏବଂ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।



# କୃତ୍ରିମ ମେଧା-କିଛି କଥା

(ଶେଷ ଭାଗ)

'ଏଆଇ'ର ଆଉ ଗୋଟିଏ ଲକ୍ଷ୍ୟ ହେଲା କ୍ୟାମେରା ଦ୍ୱାରା ଉଠା ଯାଇଥିବା ଚିତ୍ର ବା ଭିଡିଓରୁ ପାରିପାର୍ଶ୍ୱିକ ବସ୍ତୁସବୁକୁ ଚିହ୍ନିବା ଓ ସେଗୁଡ଼ିକର ପାରସ୍ପରିକ ଅବସ୍ଥାନ ବିଷୟରେ ଧାରଣା କରିବା। ଗୋଟିଏ ରୋବଟର ଏହି କ୍ଷମତାର ବିଶେଷ ପ୍ରୟୋଜନ ହୁଏ, କାରଣ ତା'ହେଲେ ହିଁ ତାହା କେମିତି କାର୍ଯ୍ୟ କରିବ ତା' ପରିକଳ୍ପନା କରିପାରେ। ଗତ ଶତାବ୍ଦୀର ଷାଠିଏ ଦଶକରୁ ହିଁ ଏହା ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଓ ଏଥିରେ ବହୁତ କାର୍ଯ୍ୟ ମଧ କରାଯାଇଛି। କ୍ୟାମେରାରୁ ଯେଉଁ ଚିତ୍ର ମିଳେ, ତାହାର ପ୍ରତ୍ୟେକ ବିନ୍ଦୁରେ ରଙ୍ଗ ଓ ଉଜ୍ଜ୍ୱଳତା କେତେ ସେହି ତଥ୍ୟ କମ୍ପ୍ୟୁଟରକୁ ଦିଆଯାଏ। ଏହି ତଥ୍ୟରୁ କମ୍ପ୍ୟୁଟର ବୁଝିବାକୁ ଚେଷ୍ଟା କରେ ଚିତ୍ରରେ କ'ଣ ଦିଶୁଛି। ଏଥିପାଇଁ ଚିତ୍ରର ବିଭିନ୍ନ ଅଂଶକୁ ଅଲଗା କରାଯାଏ-ଯେମିତି ଗୋଟିଏ ଚିତ୍ରରେ କାନ୍ଥ, ଟେବୁଲ, ଟେବୁଲ ଉପରେ ଥିବା ବହି ଇତ୍ୟାଦିକୁ ଅଲଗା କରାଯାଇପାରେ। ଗୋଟିଏ ଅଂଶରେ ରଙ୍ଗ ଓ ଔଜ୍ଜ୍ୱଲ୍ୟର ମାତ୍ରା ପ୍ରାୟ ଏକା ହୋଇଥାଏ ଅଥବା ଖୁବ୍ ସାମାନ୍ୟ ପାର୍ଥକ୍ୟ ଥାଏ, ପ୍ରାଥମିକ ଭାବେ ଏହି ନୀତି ପ୍ରୟୋଗ କରି କି ଅଂଶଗୁଡ଼ିକୁ ଅଲଗା କରାଯାଏ। ଏହାପରେ ପ୍ରତ୍ୟେକ ଅଂଶ ଭିତରର ପ୍ରଚ୍ଛନ୍ନ ବସ୍ତୁର ସୀମାରେଖାଗୁଡ଼ିକୁ ଚିହ୍ନଟ କରାହୁଏ। ଚିତ୍ରରେ ଯେଉଁ ବିନ୍ଦୁଗୁଡ଼ିକରେ ଔଜ୍ଜ୍ୱଲ୍ୟର ପରିବର୍ତ୍ତନ ହାର ସବୁଠୁ ବେଶି ତାହାକୁ ନେଇ ଏଇ ରେଖାସବୁ ତିଆରି ହୁଏ। ଏହି ରେଖାଗୁଡ଼ିକ କିଭଳି ଗୋଟିଏ ଗୋଟିଏ ବିନ୍ଦୁରେ ଆସି ମିଳିତ ହୋଇଛି, ତାହାରି ଭିତରେ ବସ୍ତୁର ଆକୃତିର ଏକ ଛାପ ଥାଏ, ଯାହା ଦେଇ ତାହା ଚିହ୍ନି ହୁଏ। ବସ୍ତୁର ଆକୃତି ଅନୁସାରେ ଏହି ରେଖାର ବିନ୍ୟାସ ଭିନ୍ନ ହୋଇଥାଏ। ପରିଚିତ ବସ୍ତୁର ସମ୍ଭାବ୍ୟ ରେଖାର ବିନ୍ୟାସ ତଥ୍ୟ କମ୍ପ୍ୟୁଟରରେ ତାଲିକାଭୁକ୍ତ ଥାଏ। ତାହା ସହିତ ମିଶେଇ ଚିତ୍ରରେ କେଉଁ ବସ୍ତୁଟି ଦିଶୁଛି, ବୁଝାଯାଏ। ଅବଶ୍ୟ ଏହି ପ୍ରାଥମିକ ପଦ୍ଧତି ସହିତ ଆହୁରି ଅନେକ ଆନୁଷଙ୍ଗିକ ପଦ୍ଧତି ଯୁକ୍ତ କରାଯାଏ।



ଏଆଇର ଏହି ଯେଉଁ ସଂକ୍ଷିପ୍ତ ରୂପରେଖର ବର୍ଣ୍ଣନା କରାଗଲା, ଏହାକୁ ସନାତନ (କ୍ଲାସିକାଲ)କୃତ୍ରିମ ମେଧା କୁହାଯାଏ। ଯୁକ୍ତିବାଦ ଥିଲା ଏହାର ଭିତ୍ତି। ଏଥିରେ ମେଧା ବା ବୁଦ୍ଧିର ପରିପ୍ରକାଶ ପାଇଁ ଅନୁଭବ-ବୋଧ-କାର୍ଯ୍ୟ ଏପରି ଏକ ଚକ୍ରାକାର ନିୟନ୍ତ୍ରଣ ବ୍ୟବସ୍ଥା ରହୁଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସିଧା ଅନୁଭବରୁ କାର୍ଯ୍ୟ କରିବା ପାଇଁ ଏକ ନିୟନ୍ତ୍ରଣ ଚକ୍ରମସ୍ତିଷ୍କର ସ୍ନାୟୁତନ୍ତ୍ରର ଅନୁକରଣରେ କୃତ୍ରିମ ସ୍ନାୟବିକ ଜାଲ(ଆର୍ଟିଫିସିଆଲ ନିଉରାଲ ନେଟୱର୍କ) ଗଠିତ ହେଲା। ଆହୁରି ବିଭିନ୍ନ ପ୍ରକାରର ନିଉରାଲ ନେଟୱର୍କ ନେଇ କମ୍ପ୍ୟୁଟର ବିଜ୍ଞାନୀମାନେ ଗବେଷଣା କରିଛନ୍ତି। ଏହାପରେ ଆସିଛି ଗଭୀର ଶିକ୍ଷାର ଅଭିଯାନ( ଡିପ୍ ଲାର୍ନିଂ)। ଏହିସବୁ ଗବେଷଣାର ଫଳସ୍ୱରୂପ ୨୦୧୨ ମସିହା ଭିତରେ ଉଚ୍ଚାରିତ ଶବ୍ଦରୁ କଥା ବୁଝିବାର ପ୍ରଯୁକ୍ତି ଏତେ ନିର୍ଭରଯୋଗ୍ୟ ହେଲା ଯେ ମୋବାଇଲର ପ୍ରାୟ ସବୁ ଆପ୍‌ରେ ଏହାର ବ୍ୟବହାର ଟାଇପର ବିକଳ୍ପ ଭାବରେ ଆରମ୍ଭ ହେଲା। ଗୁଗଲ୍ ଆସିସଟେଣ୍ଟ, ଆମାଜନର ଆଲେକ୍ସା, ଆପେଲର ସିରି, ମାଇକ୍ରୋସଫ୍ଟର କୋର୍ଟାନା ଏଗୁଡ଼ିକ ଅନ୍ତରାଳରୁ କଥା କୁହେ। ଆଉ ଆମେରିକାର ସୋଫିଆ, ଜାପାନର ଏରିକା ମାନବ ଆକୃତିର କଥା କୁହା ରୋବଟ। ଆଜିର 'ଚାଟଜିପିଟି' ମଧ ଏହିଭଳି ଦୀର୍ଘ ଗବେଷଣାର ଏକ ପରିଣାମ। ତେଣୁ ଏଥିରେ ଆତଙ୍କିତ ହେବାର କିଛି କାରଣ ନାହିଁ। ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ଚିନ୍ତାବିତ ନୋମ ଚମସ୍କି ଓ ତାଙ୍କର ଦୁଇଜଣ ସହ-ଲେଖକ ନ୍ୟୁୟର୍କ ଟାଇମସରେ ନିକଟରେ ପ୍ରକାଶିତ ଏକ ଲେଖାରେ ଲେଖିଛନ୍ତି- ''ଚାଟଜିପିଟି ପାଟର୍ନ ମ୍ୟାଚିଂର ପରିସଂଖ୍ୟାନ ନିର୍ଭର ଏକ ଇଞ୍ଜିନ, ଯାହା ଶତ ଶତ ଟେରାବାଇଟ ତଥ୍ୟର ସମୁଦ୍ରକୁ ମନ୍ଥନ କରେ ଓ ସମ୍ଭାବ୍ୟ ବାର୍ତ୍ତାଳାପ ଶୈଳୀରେ ପ୍ରତିକ୍ରିୟା ବା ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଖୋଜି ବାହାର କରେ। ଏହାର ବିପରୀତରେ ମାନବ ମନ ହେଲା ଏକ ଅତ୍ୟାଶ୍ଚର୍ଯ୍ୟ ଦକ୍ଷ ଓ ମାର୍ଜିତ ପ୍ରଣାଳୀ ଅଳ୍ପ ପରିମାଣ ତଥ୍ୟ ଆଧାରରେ ଯାହା କାର୍ଯ୍ୟ କରି ଚାଲେ। ତଥ୍ୟ ମଧ୍ୟରେ ସିଧା ସଳଖ ପାରସ୍ପରିକ ସମ୍ପର୍କ ଅନୁମାନ ମାଧ୍ୟମରେ ଯନ୍ତ୍ର କାର୍ଯ୍ୟ କରେ, ଆଉ ମଣିଷର ମନ ତିଆରି କରିବାକୁ ଚାହେଁ ତଥ୍ୟର ବ୍ୟାଖ୍ୟା।''

ସୃଷ୍ଟିଶୀଳ ମାନବ ମନ ସର୍ବଦା ନୂତନତ୍ୱର ଅନ୍ୱେଷଣ କରେ। ଏହା ନ ହୋଇଥିଲେ ମାନବ ସଭ୍ୟତାର ଏପରି ବିକାଶ ଆଜି ଦେଖିବାକୁ ମିଳି ନ ଥାଆନ୍ତା। ମାନବର ବିବେକ ସହିତ ମାନବିକ ବୁଦ୍ଧିର ସୁସ୍ଥ ସମନ୍ୱୟରେ ସର୍ବଦା ଉନ୍ନତ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ।

-ଡ. ମୃଦୁଳା ମିଶ୍ର, ବି-୧୦୨,
ଲାଇଫ ଷ୍ଟାଇଲ ଗ୍ରୀନ୍ ଆପାର୍ଟମେଣ୍ଟ,
କୀଟ ଛକ, ଭୁବନେଶ୍ୱର
ମୋ: ୯୯୩୭୭୪୨୧୬୧

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୧୭/୨୦୨୩ Bhubaneswar, Monday, July 17/ 2023



ୱିମ୍ବଲଡନର ରୟାଲ ବକ୍ସରେ ରବିବାର ପରିବାରବର୍ଗଙ୍କ ସହ ପୁରୁଷ ସିଙ୍ଗଲ୍ସ ଫାଇନାଲ ଉପଭୋଗ କରୁଛନ୍ତି ୱେଲ୍ସ ପ୍ରିନ୍ସେସ କ୍ୟାଥରିନ ଓ ପ୍ରିନ୍ସ ୱିଲିୟମ।

## ବାଂଲାଦେଶଠାରୁ ପ୍ରଥମ ଥର ହାରିଲା ଭାରତ

**ମୀରପୁର, ୧୬।୭(ପି.ଟି.):** ବାଂଲାଦେଶ ବିପକ୍ଷ ମହିଳା ଦିନିକିଆ କ୍ରିକେଟ ସିରିଜର ଓପନିଂ ମ୍ୟାଚରେ ଭାରତ ୪୦ ରନରେ ହାରିଛି। ମହିଳା ଅନ୍ତର୍ଜାତୀୟ ଦିନିକିଆରେ ଭାରତର ବାଂଲାଦେଶ ବିପକ୍ଷରେ ଏହା ପ୍ରଥମ ପରାଜୟ। ଢାକାସ୍ଥିତ ଶେର୍-ଇ-ବାଂଲା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୩ ଓଭରରେ ୧୫୨ ରନରେ ଅଲଆଉଟ ହୋଇଯାଇଥିଲା। ଭାରତର ନବାଗତ

**ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ**

ସିମ୍ ବୋଲର ଅମନଜୋତ୍ କୌର ଚମତ୍କାର ବୋଲିଂ କରି ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୩୫.୫ ଓଭରରେ ମାତ୍ର ୧୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶ ଏହି ମ୍ୟାଚରେ ବିଜୟ ଲାଭ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୪୪ ଓଭର ବିଶିଷ୍ଟ କରାଯାଇଥିଲା। ଡକ୍ୱର୍ଥ ଲୁଇସ ପଦ୍ଧତିରେ ଭାରତ ପାଇଁ ୧୫୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ମହିଳା ଇନିଂସ: ୪୩ ଓଭରରେ ୧୫୨/ଅଲଆଉଟ (ନିଗାର ସୁଲ୍ତାନ-୩୯, ଫାର୍ଗାନା ହକ୍-୨୭; ଅମନ ଜୋତ୍ କୌର-୪/୩୧, ଦେବିକା ବୈଦ-୨/୩୬)। ଭାରତ ମହିଳା ଇନିଂସ: ୩୫.୫ ଓଭରରେ ୧୧୩ ଅଲଆଉଟ (ଦୀପ୍ତି ଶର୍ମା-୨୦; ମାରୁଫା ଅକତର-୪/୨୯, ରାବେୟା ଖାନ୍-୩/୩୦)।

## ଭାରତ ପାଇଁ ପଦକ ସୁଯୋଗ

**ମୁମ୍ବାଇ, ୧୬।୭:** ଆଗାମୀ ଏସିଆନ ଗେମ୍ସର ପୁରୁଷ ଡବଲ୍ସ ଟେନିସ ଇଭେଣ୍ଟରେ ଭାରତ ପଦକ ଜିତିବା ସୁଯୋଗ ରହିଛି ବୋଲି ଅନୁଭବ କରୁଛନ୍ତି କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ। ଏଥିରେ ରୋହନ ବୋପାନ୍ନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ସେ କହିଛନ୍ତି।






### ଆଇଏସ୍ଏସ୍ଏଫ୍ ବିଶ୍ୱ ଜୁନିୟର ଶୁଟିଂ ଚାମ୍ପିୟନଶିପ୍

## ଶୁଭମ, ସାଇନ୍ୟାମଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୬।୭ (ପି.ଟି.)**

କୋରିଆର ଚାଙ୍ଗଓନ୍ଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱ ଜୁନିୟର ଶୁଟିଂ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିଭାସମ୍ପନ୍ନ ଶୁଟର ଶୁଭମ ବିସ୍‌ଲା ଓ ସାଇନ୍ୟାମ ଯଥାକ୍ରମେ ପୁରୁଷ ଓ ମହିଳା ୧୦ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଆଇଏସ୍ଏସ୍ଏଫ୍ ଜୁନିୟର ସ୍ତରରେ ଶୁଭମଙ୍କର ଏହା ହେଉଛି ପ୍ରଥମ ସ୍ୱର୍ଣ୍ଣ। ସାଇନ୍ୟାମଙ୍କର କିନ୍ତୁ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ। ପୂର୍ବରୁ ସେ ଗତ ମାସରେ ସୁହଲଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତ ପ୍ରଥମ ଦିବସରେ ଦୁଇ ପଦକ ଲାଭ କରିବା ଦ୍ୱାରା ପଦକ ତାଲିକାରେ ପ୍ରଥମ ସ୍ଥାନାର ରହିଛି। ପୁରୁଷ ଏୟାର ପିସ୍ତଲ ଫାଇନାଲରେ ୨୪୪. ୬ ପଏଣ୍ଟ ସ୍କୋର କରି ଶୁଭମ ଚାଇନାର ବୁ ଶୁଆଇହାଙ୍ଗ୍ (୨୩୯.୬)ଙ୍କୁ ପଛରେ ପକାଇ ଦେଇଥିଲେ। କୋରିଆର କିମ୍ କାଙ୍ଗହ୍ୟୁନ୍ (୨୧୮.୨) ବ୍ରୋଞ୍ଜ ପାଇଥିଲେ। ଶୁଭମ (୫୭୮) ପୂର୍ବରୁ କ୍ୱାଲିଫାଇଂ ରାଉଣ୍ଡରେ ବୁ' (୫୮୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ସାଇନ୍ୟାମ ୨୪୨.୨ ଶୁଟିଂ ସହ ମହିଳା ଫାଇନାଲ ଜିତିଥିଲେ। କୋରିଆର ଓହ୍ ୟେ ଜିନ୍ (୨୩୯.୪) ରୌପ୍ୟ ଏବଂ ଚାଇନାର ୟାଓ କ୍ୱିଆନ୍‌ଜୁନ୍ (୨୧୮.୬) ବ୍ରୋଞ୍ଜ ପାଇଛନ୍ତି।

# ଭାରତୀୟ ଭାରୋତ୍ତୋଳକ ଜିତିଲେ ୨୦ ପଦକ

**ଗ୍ରେଟର ନଏଡା, ୧୬।୭ (ପି.ଟି.)**

**ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ**

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଏଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତୀୟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିପାରିଛନ୍ତି। ତହିଁରେ ୯ ସ୍ୱର୍ଣ୍ଣ ଓ ସମାନ ସଂଖ୍ୟକ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ ରହିଛି। ଅନ୍ତିମ ଦିବସରେ ଭାରତର ଲଭପ୍ରୀତ ସିଂ ଗୋଟିଏ ରୌପ୍ୟ ଏବଂ ପୂର୍ଣ୍ଣିମା ପାଣ୍ଡେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଞ୍ଜାବର ଲଭପ୍ରୀତ୍ ୧୦୯କେଜି ଓଜନ ଶ୍ରେଣୀରେ ପୁଣି ଥରେ ଦ୍ୱିତୀୟ ଶ୍ରେଷ୍ଠ ହୋଇଛନ୍ତି। ସେ ଏଠାରେ ମୋଟ ୩୪୧କେଜି (୧୫୪କେଜି+୧୮୭କେଜି) ଉତ୍ତୋଳନ କରିଥିଲେ, କିନ୍ତୁ ତାହା ଗତବର୍ଷ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟ ପ୍ରୟାସ ୩୫୫ କେଜି (୧୬୩କେଜି+୧୯୨କେଜି)ଠାରୁ କମ୍ ରହିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ୧୫୮କେଜିର ଦୁଇଟି ସ୍ନାଚ୍ ପ୍ରୟାସରେ ବିଫଳ ହୋଇ ନ ଥାନ୍ତେ ତେବେ ମୋଟ ଅଧିକ ଓଜନ ଉଠାଇ ପାରିଥାନ୍ତେ। ୨୫ ବର୍ଷୀୟ ପୂର୍ବତନ ଜୁନିୟର ଏସିଆନ ବ୍ରୋଞ୍ଜ ବିଜେତା କେବଳ ଇଂଲଣ୍ଡର ଆଣ୍ଡ୍ର୍ୟୁ ଗ୍ରିଫିଥ୍ ୩୪୦କେଜି (୧୫୫କେଜି+୧୮୫କେଜି)ଙ୍କୁ ଗୋଟିଏ କେଜି ପଛରେ ପକାଇ ଦେଇଥିଲେ। ଫିଜିର ଟାନିଲା ଟୁଇସୁଭା ରେନିବୋଗି ମୋଟ ୩୬୩ କେଜି (୧୬୩କେଜି+୨୦୦କେଜି) ଉଠାଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଅନ୍ୟପକ୍ଷରେ ପୂର୍ଣ୍ଣିମା ମହିଳା +୮୭କେଜି କାଟାଗୋରିରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସାମୋଆର ଦୁଇ ପ୍ରତିଯୋଗୀ ଲୁନିଆରା ସିପାଇଆ ୨୬୨କେଜି (୧୧୦କେଜି+୧୫୨କେଜି) ଓ ଲେସିଲା ଫିଆପୁଲେ ୨୫୦କେଜି (୧୧୦କେଜି+୧୪୦କେଜି) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ।

## ସେମିଫାଇନାଲରୁ ଲକ୍ଷ୍ୟ ସେନ୍‌ଙ୍କ ବିଦାୟ

**କାଉନ୍‌ସିଲ ବ୍ଲଫ୍ସ (ୟୁଏସ୍), ୧୬।୭ (ପି.ଟି.):** ଭାରତର ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ଏଠାରେ ୩ୟ ସିଡ୍ ମାନ୍ୟତାପ୍ରାପ୍ତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ଅଲ୍ ଇଂଲଣ୍ଡ ଚାମ୍ପିୟନ ଚାଇନାର ଲି ଶି' ଫେଙ୍ଗ୍‌ଙ୍କଠାରୁ ୧୭-୨୧, ୨୪-୨୨, ୧୭-୨୧ରେ ହାରିଯାଇଛନ୍ତି। ବିଡବ୍ଲ୍ୟୁଏଫ୍ ସୁପର ୩୦୦ ଇଭେଣ୍ଟର ଏହି ମ୍ୟାଚ ୧ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଏହି ମ୍ୟାଚ ପୂର୍ବରୁ ଫେଙ୍ଗ୍‌ଙ୍କ ବିପକ୍ଷରେ ଲକ୍ଷ୍ୟଙ୍କ ବିଜୟ-ପରାଜୟ ରେକର୍ଡ ୫-୨ ରହିଥିଲା।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ